ଆହ୍ୱାନ

ଓଡିଶାର ପ୍ରଥମ ସଂପୂର୍ଣ୍ଣ ନିଜସ୍ୱ ମାସିକ ସାହିତ୍ୟ ଇ-ପତ୍ରିକା

ମାତୃଭାଷା ଓ ମାତୃଭୂମିର ସକାଳ ପ୍ରହରୀ

Volume 1, Issue: 4
May 2006

# ଏହି ସଂସ୍କରଣରେ ରହିଛି:


| | | | |
|---|---|---|---|
| ସଂପାଦକୀୟ | ୨ | ଡାଏରୀର ଦ୍ୱାଦଶ ପୃଷ୍ଠା: | ୧୭ |
| ଦଣ୍ଡନାଚ: ଏକ ଅଦ୍ୱିତୀୟ ପରଂପରା | ୩ | ବଣିଜ ଯୁଗ: | ୧୮ |
| ଦାୟୀ କିଏ: କ୍ଷୁଦ୍ର ଗଳ୍ପ | ୭ | କବିତା ପୃଷ୍ଠା: | ୨୦ |
| ଶ୍ରୀ ଗୁରୁତତ୍ତ୍ୱ: ଧର୍ମ ବିଚାର | ୧୦ | କୋଣାର୍କ: ଏକ ଅଦ୍ୱିତୀୟ ଆଶ୍ଚର୍ଯ୍ୟ: | ୨୧ |
| ବିଜୟ ମହାନ୍ତି: ଓଡିଆ ସିନେମା | ୧୧ | ସମୟ: ଧାରାବାହିକ କାହାଣୀ: | ୨୫ |
| ବୁଢିଆ ସିଂ: ବିସ୍ମୟ ବାଳକ ଧାବକ | ୧୪ | ଅପ୍ରିୟ ସତ୍ୟ: | ୨୬ |
| ନଚିକେତା ମାନଙ୍କୁ ପଦେ: | ୧୬ | ଅଜଣା ଫୁଲର ମହକ: | ୨୭ |
| ସଂଧ୍ୟା ସଂପର୍କରେ ଏକ ପ୍ରବନ୍ଧ: | ୧୬ | ବୋଉ: କ୍ଷୁଦ୍ର ଗଳ୍ପ: | ୨୮ |
| ଅନୁକ୍ତ ବେଦନା: | ୧୬ | ବିସ୍ମୟ ବାଳକ: ସୋନୁ: | ୨୯ |
| ଶହେ ପରେ ଶହେ ଏକ: | ୧୭ | ଅଭିମତ: | ୩୦ |
| ଭିଡ: | ୧୭ | ଓଡିଶା ସମ୍ବାଦ ପରିକ୍ରମା: | ୩୦ |
| ଅସମ୍ବାଦ: | ୧୭ | ପ୍ରଶ୍ନୋତ୍ତରୀ: | ୩୧ |


E-Mail: dr.odia@gmail.com

Web site: http://www.freewebs.com/aahwaan

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଆମ୍ବପୁଆ ମେଇନ୍ ରୋଡ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

ଆହ୍ୱାନ

Volume 1, Issue 4,
May, 2006

# ସଂପାଦକୀୟ

ପୁନଶ୍ଚ ଏକ ନୂତନ ଶିହରଣ, ଏକ ନୂତନ ଆଶା, ଏକ ନୂତନ ଉନ୍ମାଦନା, ଏକ ନୂତନ ଭୟ, ଏକ ନୂତନ ଆକାଂକ୍ଷା, ଏକ ନୂତନ ଆହ୍ୱାନ, ପୁନଶ୍ଚ।

ଚତୁର୍ଥ ସଂଖ୍ୟାରେ ପହଞ୍ଚିପାରିଥିବା ଆହ୍ୱାନ ସମସ୍ତଙ୍କୁ ଆମୋଦିତ କରିପାରିବ ବୋଲି ଦୃଢ ଆଶା। ଏଥରର ସଂଖ୍ୟା ପୂର୍ବ ସମସ୍ତ ସଂଖ୍ୟାଠାରୁ ବହୁତ ଗୁଣରେ ଅଲଗା। ଏଥର ସଂଖ୍ୟାରେ ପ୍ରକାଶିତ ଲେଖା ସଂଖ୍ୟା ବି ଅନ୍ୟ ସଂଖ୍ୟା ତୁଳନାରେ ବହୁତ ଅଧିକ। ଏହି ସଂଖ୍ୟାରେ ଆମେ ପ୍ରକାଶ କରୁଛୁ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ କିଞ୍ଚିତ୍ କଥାକାରଙ୍କ ରଚିତ ଅତି କ୍ଷୁଦ୍ର କିଛି ଗଳ୍ପ। ଆଗାମୀ ସଂଖ୍ୟାରେ କବିତାଗୁଚ୍ଛ ପ୍ରକାଶ ପାଇବ। ଗଞ୍ଜାମର ପ୍ରସିଦ୍ଧ ଦଣ୍ଡନାଚର ଉଦ୍ଦାମତାକୁ ବାନ୍ଧିଆପଣଙ୍କ ପାଇଁ ପ୍ରସ୍ତୁତ କରିବାର ପ୍ରୟାସ। ଆଦିମ ଉତ୍କଳର ବ୍ୟକ୍ତିମାନେ କେତେ ସାହସୀଥିଲେ ତାହା ବୋଧହୁଏ ଆମେ ଜାଣିନୁ କିମ୍ବା ଇତିହାସରେ ବର୍ଣ୍ଣିତ ବୀରତ୍ୱ ଯଥେଷ୍ଟ ନ ଥିଲା, କିନ୍ତୁ ଥିଲା ଅଦମ୍ୟ ଇଚ୍ଛା, ଏକ ନୂତନ ଆବିଷ୍କାର ପାଇଁ ଦୃଢ ଇଚ୍ଛା। ଯଦି ସତରେ ଆମେ ଅତୀତରେ ଏତେ ବୀର ଥିଲେ ତେବେ ଆଜି କାହିଁକି ପଛଘୁଞ୍ଚା ଦେଉଛୁ। ଅନେକ ବନ୍ଧୁଙ୍କ ସହଯୋଗ ଯୋଗୁଁ ଏପ୍ରିଲ୍ ମାସର ଟାଣ ଖରାକୁ ଖାତିର ନ କରି କିଛି ବନ୍ଧୁଙ୍କ ସହିତ ଦୁଇଚକିଆ ଯାନ ଧରି ବ୍ରହ୍ମପୁରଠାରୁ ବିଶ୍ୱ ଐତିହ୍ୟ ସ୍ମାରକ ପ୍ରସିଦ୍ଧ କୋଣାର୍କ ମନ୍ଦିର ତଥା ଶଙ୍ଖ କ୍ଷେତ୍ର ଶ୍ରୀ କ୍ଷେତ୍ରର ଯାତ୍ରାର ବିବରଣୀ ମଧ୍ୟ ଏହି ସଂଖ୍ୟାରେ ସ୍ଥାନ ପାଇଛି।

ପ୍ରଥମ ସଂଖ୍ୟାରୁ ଆଜିପର୍ଯ୍ୟନ୍ତ ଯେତେଥର ମୁଁ ପତ୍ର ପାଇଛି, ଅନେକ ଓଡ଼ିଆ ସିନେମା ସମ୍ବଳିତ ଲେଖା ପ୍ରକାଶ କରିବାକୁ ଅନୁରୋଧ କରିଛନ୍ତି, ସେଇଥିପାଇଁ ଏହି ସଂଖ୍ୟାରେ ଆମେ ରଖିଛୁ ଓଡ଼ିଆ ସିନେଜଗତର ଅପ୍ରତିଦ୍ୱନ୍ଦ୍ୱି ନାୟକ ବିଜୟ ମହାନ୍ତିଙ୍କ ଉପରେ ଏକ କାହାଣୀ। ଏହା ସହିତ ରହିଛି ଓଡ଼ିଶାରୁ ପ୍ରଥମ ଥର ପାଇଁ ଲିମ୍କା ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଥିବା ବିସ୍ମୟ ଶିଶୁପ୍ରତିଭା ବୁଧିଆ ସିଂ। ସମୟ, ଆମ ପତ୍ରିକାର ଧାରାବାହିକ କାହାଣୀରେ ପରିବର୍ତ୍ତନ ସହ ଖାପଖୁଆଇ ଚଳିଆସୁଥିବା ଜଣେ ସ୍ତ୍ରୀ ଲୋକର ଆତ୍ମକଥା ପୁଣି ଆଗକୁ ଯାଇଛି, ଏକ ନୂତନ ଘଟଣାଚକ୍ର ଦ୍ୱାରା। ଏହି ସଂଖ୍ୟାରେ ରହିଛି ଏକ ନୂତନ ବିଭାଗ ଯେଉଁଥିରେ ଆମ ପାଖକୁ ପଠାଯାଇଥିବା କିଛି ଓଡ଼ିଆ ପୁସ୍ତକ ମାନଙ୍କ ବିଷୟରେ ସମ୍ୟକ ବିଚାର ପ୍ରକାଶ କରାଯାଇଛି। ଆଗକୁ ଆମେ ସେହି ସବୁ ପୁସ୍ତିକା ମାନଙ୍କରୁ କିଛି କିଛି ଗଳ୍ପ ଓ କବିତା ଆମ ପତ୍ରିକାରେ ନିଶ୍ଚୟ ଛାପିବୁ।

ଏହି ସଂଖ୍ୟା ପରିପ୍ରକାଶ ବେଳେ ଅନେକ ଅସୁବିଧା ଯୋଗୁଁ ଆମେ ଏହାର ପ୍ରକାଶନକୁ ବିଳମ୍ବିତ କରିଥିଲୁ, କିନ୍ତୁ ଖୁସିର ବିଷୟ ଏହା ପ୍ରସ୍ତାବିତ ସାତ ତାରିଖ ପୂର୍ବରୁ ଆପଣଙ୍କ ନିକଟରେ ପହଞ୍ଚିପାରିଛି। ଆମେ ଚାହୁଁଛୁ, ଆପଣଙ୍କ ସହାୟତା, ବିଗତ ମାସରେ ଅନେକ ଓଡ଼ିଆ ଲୋକ ଆମକୁ ସାହାଯ୍ୟ କରିବାକୁ କଥା ଦେଇଛନ୍ତି, ଏହା ନିଶ୍ଚୟ ଭାବରେ ଏକ ଆନନ୍ଦର ବିଷୟ। କିନ୍ତୁ, ଆମେ ବର୍ତ୍ତମାନ ସୁଦ୍ଧା ଓଡ଼ିଶାର ସହର ଓ ଗାଁ ମାନଙ୍କରେ ଆମର ଉପସ୍ଥିତିକୁ ଅନୁଭବ କରିନୁ। ଯଦ୍ୟପି ଅନେକ ବନ୍ଧୁଙ୍କ ସହାୟତାରୁ ସୁଦୂର କିଛି ଗ୍ରାମ ମାନଙ୍କରୁ ଆମେ ଲେଖାପାଇଛୁ, ତଥାପି ଓଡ଼ିଶାର ଅଞ୍ଚଳ ବିଶେଷ ଯଥା ପଶ୍ଚିମାଞ୍ଚଳ ବିଶେଷ କରି ସମ୍ବଲପୁର ଅଞ୍ଚଳରୁ କିଛି ବି ଲେଖା ଆଜି ପର୍ଯ୍ୟନ୍ତ ପାଇନୁ। ଆମେ ଚାହୁଁଛୁ ଏହି ପତ୍ରିକାରେ ସମ୍ବଲପୁରୀ ଭାଷାରେ କିଛି ଲେଖା ପ୍ରକାଶ କରିବା, କାରଣ ସମ୍ବଲପୁରୀ ଭାଷା ଓଡ଼ିଆ ଭାଷାର ଏକ ଅଂଶ ବିଶେଷ ଏବଂ ଏହାର ଅନେକ ସ୍ୱତନ୍ତ୍ରତା ଅଛି।

ଓଡ଼ିଶାରେ ରହୁଥିବା ଅନେକ ବନ୍ଧୁଙ୍କୁ ଆମେ ବିଶେଷ ଅନୁରୋଧ କରିବାକୁ ଚାହୁଁଛୁ, ଯେ ସେମାନେ ନିଜ ଅଞ୍ଚଳର ସମସ୍ତ ଇଣ୍ଟରନେଟ୍ କାଫେ ମାନଙ୍କରେ ଯାଇ ଆମ ଏହି ପତ୍ରିକାର ପ୍ରଚାର କରନ୍ତୁ, ଏଥିପାଇଁ ଆମେ ପରସ୍ତୁତ କରିଛୁ ଏକ ବିଜ୍ଞାପନ ଯାହା ଆପଣ ଆମ ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ କରି ପ୍ରିଣ୍ଟ୍ କରିବେ ଏବଂ ତାହାର ଜେରକ୍ସ ବାହାର କରି ସମସ୍ତ ଇଣ୍ଟର୍‌ନେଟ୍ କାଫେରେ ପ୍ରଚାର ନିମିତ୍ତ ବାଣ୍ଟିବେ ଏବଂ ସେହି ସଂସ୍ଥାମାନଙ୍କ ମାଲିକଙ୍କୁ ଅନୁରୋଧ କରିବେ ସେହି ବିଜ୍ଞାପନକୁ ସେମାନେ ଇଣ୍ଟର୍‌ନେଟ୍ କାଫେର ସାମନାରେ ଛାପିବେ ଯାହାଦ୍ୱାରା ଏହାର ପ୍ରସାର ସହଜ ହେବ। ଶେଷରେ ସମସ୍ତ ବନ୍ଧୁଙ୍କୁ ଧନ୍ୟବାଦ।

**ଆମ ଠିକଣା:-**
**ଡା ଜ୍ୟୋତି ପ୍ରସାଦ ପଟନାୟକ**
**ଆମ୍ବପୁଆ ମେଇନ୍ ରୋଡ୍**
**ବ୍ରହ୍ମପୁର-୭୬୦୦୧୦, ଓଡ଼ିଶା**
**ଫୋନ୍: ୯୨୩୮୬୮୫୬୯୮**
e-Mail:
dr.odia@gmail.com

ଆହ୍ୱାନ

# ଦଣ୍ଡନାଚ

## ଏକ ଅଦ୍ୱିତୀୟ ପରଂପରା

ମାର୍ଚ୍ଚମାସ ନ ସରୁଣୁ ଗଞ୍ଜାମଜିଲ୍ଲାର ପ୍ରାୟ ଅଧିକାଂଶ ପୁରପଲ୍ଲୀରେ ଆରମ୍ଭ ହୁଏ ଡୋଲ ଓ ତୂରୀର ଶବଦ । ଘାସଉପରେ ଧାଡିବାନ୍ଧି ଚାଲୁଥିବା ସାଧବ ବୋହୁ ପୋକପରି



ଏହି ଉତ୍ସବମୁଖର ପରିବେଶରେ ଗାଁ ଗାଁରେ ଦେଖାଯାଏ ହଳଦିଆ ରଙ୍ଗର ବସ୍ତ୍ର ପରିଧାନ କରିଥିବା ଦଣ୍ଡୁଆ ମାନଙ୍କ ଧାଡି ଧାଡି ହୋଇ ଚାଲୁଥିବାର ଦୃଶ୍ୟ ଅତୀବ ମନମୋହକ ହୋଇଥାଏ। ପ୍ରାୟ ତେର ଦିନଧରି ଚାଲୁଥିବା ଏହି ପାରଂପାରିକ ଉତ୍ସବ ବିଶ୍ୱରେ ବିରଳ। ଆକ୍ଷରିକ ଅର୍ଥରେ ଏହାକୁ ଯଥାର୍ଥତା ଦିଆଯାଇଛି, ଆଉ ପର୍ବର ନାମ "ଦଣ୍ଡ ନାଚ"। ନାଁ ଯେମିତି କଳା ବି ସେମିତି। ନିଜକୁ ବିଭିନ୍ନ ପ୍ରକାର ଦଣ୍ଡ ବା କଷ୍ଟ ଦେଇ ଏଥିରେ ଭାଗନେଉଥିବା ଦଣ୍ଡୁଆ ମାନେ ମା ଭଗବତୀଙ୍କୁ ପ୍ରସନ୍ନ କରିବାକୁ ଚେଷ୍ଟା କରନ୍ତି । ଏହି ବ୍ରତଧାରଣ କଲେ ସୁଫଳ ମିଳେ ବୋଲି ଗଞ୍ଜାମ ଓ ଫୁଲବାଣୀ ଜିଲ୍ଲାର ଜନ ମାନସରେ ବିଶ୍ୱାସ ରହିଛି।

ଓଡିଶାର ନୃତ୍ୟ ପରଂପରାରେ ଗଞ୍ଜାମ ଜିଲ୍ଲାର ଅବଦାନ ବହୁତ। ବିଶେଷତ: ପୂରାଣିକ ନୃତ୍ୟକଳାକୁ ଆପଣାଇ ଏହି ସବୁ ନାଚର ପ୍ରସ୍ତୁତି ହୋଇଥିବା ଲକ୍ଷ୍ୟ କରାଯାଏ। ଉପେନ୍ଦ୍ର ଭଞ୍ଜ ଓ ବଳଦେବ ରଥ ପରି ଯୋଗଜନ୍ମା କାବ୍ୟକାରଙ୍କ ଜନ୍ମଭୂମୀ ଏହି ଗଞ୍ଜାମ ଭୂମୀ ଯୁଗ ଯୁଗରୁ କଳାଭୂମୀ ଭାବରେ ପରିଚିତ। ସେମିତିରେ ଗଞ୍ଜାମବାସୀ ଭାରୀ ପରଂପରା ବିଶ୍ୱାସୀ। ଏଠାରେ ବର୍ଷରେ ହେଉଥିବା ସମସ୍ତ ପୂଜା ମଧ୍ୟରେ ଦଣ୍ଡନାଚର ବିଶେଷ ମହତ୍ତ୍ୱ ରହିଛି।

**ଦଣ୍ଡନାଚର ଇତିହାସ:**

ଐତିହାସିକ ଦୃଷ୍ଟିକୋଣରୁ ଜଣାପଡେ ଖ୍ରୀଷ୍ଟୀୟ ୭ମ ଶତାବ୍ଦୀରୁ ଆରମ୍ଭ ହୋଇଥିବା କୁହାଯାଇଛି । ଏହି ସମୟରେ ଓଡିଶାରେ ଶତ ଭୋମକର ରାଜବଂଶୀଗଣ ରାଜତ୍ୱ କରୁଥିଲେ ଓ ସେମାନେ ବୋଦ୍ଧ ଧର୍ମାବଲମ୍ବୀ ଥିଲେ। ମାତ୍ର ବ୍ରାହ୍ମଣ୍ୟ ଧର୍ମର ପ୍ରଭାବଯୋଗୁଁ ଓଡିଶାରେ ଶୈବ ଧର୍ମର ପ୍ରଭାବ ବିସ୍ତାର ହୋଇଥିଲା। ଏବଂ ଏହି ସମୟରେ ହିଁ ଦଣ୍ଡନାଚର ଉତ୍ପତ୍ତି ହୋଇଥିବା ଜଣାପଡେ।

**ଦଣ୍ଡନାଚର ନାମକରଣ:**

ନାନା ମୂନୀଙ୍କ ନାନା ମତ ନ୍ୟାୟରେ, ଦଣ୍ଡନାଚର ନାମକରଣ ପାଇଁ ଅନେକ ପ୍ରକାର ଯୁକ୍ତି ଦେଖିବାକୁ ମିଳେ। ଅନେକେ ଏହାକୁ ଦଣ୍ଡ ବା କଷ୍ଟ ବା ଶାସ୍ତିଦାୟକ ହୋଇଥିବାରୁ ଏପରି ନାମ କରଣ କରାଯାଇଥିବା କହନ୍ତି । ଏହି ଦଣ୍ଡନାଚର ମୁଖ୍ୟ ଆକର୍ଷଣ ହେଉଛି, ଦଣ୍ଡୁଆମାନଙ୍କ ଦ୍ୱାରା ଦୃଢ ଅନୁଶାସନର ପାଳନ। ଯାହା ସାଧାରଣ ମନୁଷ୍ୟପାଇଁ ଶାସ୍ତି ସ୍ୱରୂପ ହୋଇଥିବାରୁ ଅନେକ ଏହି ନାମକରଣକୁ ଯଥାର୍ଥ ବୋଲି ଦର୍ଶାଇଥାଆନ୍ତି । ଆଉ ଅନ୍ୟ ମତରେ ଏହି ନୃତ୍ୟରେ ଶିବଙ୍କ ତାଣ୍ଡବ ନୃତ୍ୟର ଅଂଶଥିବାରୁ ଏହାର ଅନୁରୁପ ନାମକରଣ ହୋଇଥିବାର ଯଥାର୍ଥତା କହନ୍ତି। ଆଉ ଅନେକ ଏହାକୁ ଗାଁ ଦାଣ୍ଡରେ ହେଉଥିବା ଯୋଗୁଁ ଏହାକୁ ଦଣ୍ଡନାଚ ବୋଲି କହିଥାଆନ୍ତି । ଏହି ନୃତ୍ୟ ପରିବେଷଣବେଳେ ଜମିରେ ଦୁଇଟି ବାଡି ବା ଦଣ୍ଡକୁ ପୋତି ପୂଜା କରାଯାଇଥାଏ, ଏବଂ ସେଇଥିପାଇଁ ଏହାକୁ ଦଣ୍ଡ ନାଚ ବୋଲି କୁହାଯାଏ।

**ଦଣ୍ଡନାଚର ଉଦ୍ଦେଶ୍ୟ:**

ଏହି ନୃତ୍ୟର ଉଦ୍ଦେଶ୍ୟ ଅତି ମହାନ। ଏହି ନାଚଦ୍ୱାରା ଗ୍ରାମବାସୀଙ୍କ ମନରୁ ଅନ୍ଧବିଶ୍ୱାସକୁ ଦୁର କରିବା, ଜାତିପ୍ରଥା ଦୁର କରିବା, ସମସ୍ତଙ୍କ ମଧ୍ୟରେ ଭାତୃତ୍ୱକୁ ବଢାଇବା, ଭକ୍ତି ଓ ବିଶ୍ୱାସବୋଧଦ୍ୱାରା ସାମାଜିକ ଶୃଙ୍ଖଳା ସୃଷ୍ଟି କରିବା ଓ ସର୍ବୋପରି ସମାଜ ମଙ୍ଗଳ କରିବାର ମହାନ ଲକ୍ଷ୍ୟ ନେଇ ଏହି ନାଚ କୁ କରାଯାଏ। ଏଥିରେ ଭାଗ ନେଉଥିବା ପ୍ରତ୍ୟେକ ଦଣ୍ଡୁଆ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଏକାକାର ହୋଇଥାଆନ୍ତି। ସାତ୍ତ୍ୱିକ ଭୋଜନ, ସଂଯମତା ରକ୍ଷା ତଥା ଶୃଙ୍ଖଳଜ୍ଞାନ ଦୃଷ୍ଟିରେ ଏହା ମହାନ।

**ଦଣ୍ଡନାଚର ପୋରାଣିକ ମହତ୍ତ୍ୱ:**

ସତ୍ୟଯୁଗରେ ବ୍ରହ୍ମାଙ୍କ ପାଞ୍ଚପୁତ୍ର ମରିଚୀ, ପୁଲହ, ପୁଲସ୍ତ୍ୟ, କ୍ରତୁ ଓ ଅଙ୍ଗିରା, ଇନ୍ଦ୍ରଙ୍କ ପାଞ୍ଚ ପୁତ୍ର ଜୟନ୍ତ, ପାକଶାସ୍ତ୍ରୀ, ସୁବସ୍ତ୍ର , ସୁରସେନ, ଗାନ୍ଧର୍ବସେନ ଓ କୁବେରଙ୍କ ତିନି ପୁତ୍ର ନଳ, ମଣିଭଦ୍ର ଓ କୁବେର ଆଦି ତେର ଦେବପୁତ୍ର ଶିକ୍ଷାପ୍ରାପ୍ତ କରି ସ୍ୱଗୃହ ପ୍ରତ୍ୟାବର୍ତନ ବେଳେ ରାସ୍ତାରେ ଋଷି କ୍ରତୁ ପିତୃଲୋକକୁ ଜଳଦାନ କରୁଥିବା ଦେଖି ଅଟହାସ୍ୟ କରିଥିଲେ। ଏଥିରେ କ୍ଷୁବ୍ଧ ହୋଇ ଋଷି ବିଦ୍ୟାର ଗର୍ବରେ ଗର୍ବୀ ଦେବପୁତ୍ରମାନଙ୍କୁ କୁଷ୍ଠ ରୋଗ ହେବାପାଇଁ ଅଭିଶାପ ଦେଇଥିଲେ। ଅଭିଶପ୍ତ କୁମାରମାନେ ନିଜ ଗୃହକୁ ଫେରି ଏହି କଥା ପିତାମାତାଙ୍କୁ ଜଣାଇଥିଲେ। ଏହା ଶୁଣି ବ୍ରହ୍ମା, ଇନ୍ଦ୍ର ଓ କୁବେର ମହାମୂନୀଙ୍କ ନିକଟରେ ପହଞ୍ଚି ଅଭିଶାପ ଫେରାଇନେବା ପାଇଁ ଅନୁରୋଧ କରିଥିଲେ। ମହାମୂନୀ ଏହାର ପ୍ରତିକାର କେବଳ ଦେବ ଦେବ ମହାଦେବ ହିଁ କରିପାରିବେ କହି ଫେରାଇଦେଇଥିଲେ। ତା' ପରେ ତେର କୁମାର ପିତାମାନଙ୍କ ସହିତ ଶିବାଳୟକୁ ଗଲେ। ସେତେବେଳେ ଶିବ ନିଜେ ଆଦିଶକ୍ତିଙ୍କୁ ସ୍ମରଣା କରୁଥିଲେ। ଆଦିଶକ୍ତି ମା' କାଳୀଙ୍କ ପ୍ରଚଣ୍ଡ ରୂପରେ ଉଭାହେଲେ। ମା' ଙ୍କୁ ଦେଖି ତେର କୁମାର ନିଜ ଭୁଲପାଇଁ କ୍ଷମାପ୍ରାର୍ଥନା କଲେ। ମା' କାଳୀ ରୁଦ୍ରକାଳୀ ଦଣ୍ଡବ୍ରତ ତେରଦିନ ପାଳନ କଲେ କୁଷ୍ଠରୋଗରୁ ମୁକ୍ତି ମିଳିବ ବୋଲି ପରାମର୍ଶ ଦେଲେ। ଫଳସ୍ୱରୂପ ତେର କୁମାର ତେରଦିନ ବ୍ୟାପୀ ଦଣ୍ଡନାଚ କରିଥିବା ପୋରାଣିକ କଥାରେ ଉଲ୍ଲିଖିତ ଅଛି।

ଅନ୍ୟ ଏକ ଉପାଖ୍ୟାନ ଅନୁଯାୟୀ, ତ୍ରେତୟା ଯୁଗରେ ତରଣୀ ନାମକ ଋଷିଙ୍କ ଚଉଦଜଣ ଉଦ୍ଧତ ପୁଅ ବିଭିନ୍ନ ନିରିହ ଲୋକଙ୍କୁ ବିଭିନ୍ନ ଉପାୟରେ ଅତ୍ୟାଚାର କରୁଥିଲେ। ତନ୍ମଧ୍ୟରୁ ଜଣେ ଅଭକ୍ଷ ଭକ୍ଷଣ କରିପ୍ରାଣ ହରାଇବା ଦେଖି ବ୍ରହ୍ମା ସମସ୍ତ ଋଷିପୁତ୍ରଙ୍କୁ ଉଇ

ହୁଙ୍କାରେ ପରିଣତ ହେବାର ଅଭିଶାପ ଦେଲେ। ଏହି ଅଭିଶାପରୁ ମୁକ୍ତିପାଇବା ପାଇଁ ଋଷିପୁତ୍ରମାନେ ବିଭିନ୍ନ ପ୍ରକାରର ଦଣ୍ଡ ପାଳନ କରି ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରିଥିଲେ। ସେହି ଦିନଠାରୁ ଏହି ତେର ପୁତ୍ରକୁ ନେଇ ତେର ପ୍ରକାର କଠିନ ଦଣ୍ଡ ସ୍ୱରୂପ ଦଣ୍ଡ ନାଚର ପ୍ରଚଳନ କରାଯାଇଥିଲା । ସେଇଥିପାଇଁ ଦଣ୍ଡନାଚ ସ୍ଥାନରେ ବୀଣାକାରମାନେ କହନ୍ତି, ''ହେ ଋଷିପୁତ୍ରେ ! ଅଇଲେ ହର, ଦେଇଗଲେ ବର, ଅନ୍ୟ ସେବାଛାଡି ଏହି ସେବାକର। ଏ ସେବା କଲେ କି ଫଳପାଏ, ଉସୁନା ଧାନ ଗଜା ହୁଏ, ଶୁଖିଲା କାଠ କଞ୍ଚା ହୁଏ, ଭଜାମୁଗ ଗଜା ହୁଏ, ଜ୍ୱର ରୋଗ ଭଲ ହୁଏ ଇତ୍ୟାଦି। ଏହା ଛଡା ଦଣ୍ଡପାଳନ ବେଳେ ଋଷିଙ୍କ ପରି ବୈରାଗ୍ୟ ଜୀବନଯାପନ କରନ୍ତି।

### ଦଣ୍ଡନାଚର ବିଧି

ନିୟମ ଅନୁସାରେ ଦଣ୍ଡନାଚ ଏକୋଇଶି ଦିନ ପର୍ଯ୍ୟନ୍ତ ହୁଏ। କିନ୍ତୁ ଆଜିକାଲି ଅଧିକାଂଶ ସ୍ଥାନରେ ଏହାକୁ ତେର ଦିନ ମଧ୍ୟରେ ସୀମିତ କରାଯାଇ ପାଳନ କରାଯାଉଛି । ଚୈତ୍ର ପୂର୍ଣ୍ଣିମା ଠାରୁ ବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଏହି ପର୍ବ ପାଳନ କରାଯାଏ। ଅନେକ ସ୍ଥାନରେ ଏହା ବିଷୁବ ସଂକ୍ରାନ୍ତିର ତେର ଦିନ ପୂର୍ବରୁ ଆରମ୍ଭ କରାଯାଏ।

ଗାଁ ଉପକଣ୍ଠସ୍ଥ ଠାକୁରାଣୀ ଘରେ କିମ୍ବା ଶିବ ମନ୍ଦିରରେ ଏଇଥିପାଇଁ କାମନା ଘର ଉପସ୍ଥାପନା କରାଯାଏ। ଏହି ଘରୁ ଗୋଟିଏ ପୂର୍ଣ୍ଣକୁମ୍ଭ ବାହାରିଥାଏ ଯାହାକୁ କାମନା ଘଟ ବୋଲି ମଧ୍ୟ କୁହାଯାଏ। ବ୍ରତ ଆରମ୍ଭରେ ଜନୈକ ନୈଷ୍ଠିକ ବ୍ରାହ୍ମଣଦ୍ୱାରା



ପାଣିତୋଳାଯାଇ ଏହି ବ୍ରତର ଶୁଭାରମ୍ଭ ହୁଏ ଏବଂ ବ୍ରତ ଶେଷଦିନ ଏହି ଜଳକୁ ବିସର୍ଜନ କରାଯାଏ। ପ୍ରତ୍ୟେକ ଦଣ୍ଡନାଚ ଦଳରେ ତେର ଜଣ ମୁଖ୍ୟ ଭୋକ୍ତା ଓ ଅନ୍ୟ କେତେଜଣ ଉପଭୋକ୍ତା ବିଭିନ୍ନ ନୀତିନିୟମ ମାନି ପାଳନ କରନ୍ତି। ଦୁଇ ଜଣ ଭୋକ୍ତା କାମନା ଘର ଅଗ୍ନିକୁ ଜଗିଥାଆନ୍ତି । ଅନ୍ୟ ଭୋକ୍ତା ସେଇ ଅଗ୍ନିକୁ ଚଂପାବରରେ ସଂଯୋଗକରି ଦଣ୍ଡନାଚ ଦଳରେ ବୁଲୁଥିବା ବେଳେ, ଦୁଇଜଣ ଅଗ୍ନି ଘଡିରେ ସଂଯୋଗ କରି ଖେଳରେ ଅଂଶ ଗ୍ରହଣ କରନ୍ତି। ଜଣେ ଭୋକ୍ତା ମାଟିହାଣ୍ଡିରେ ଝୁଣା ଧରିଥିବା ବେଳେ ଦୁଇଜଣ ଭୋକ୍ତା ଶିବ ପ୍ରତିମା ଓ ଗୋରୀବ୍ରତ ଧାରଣ କରନ୍ତି। ଏତଦ୍ ବ୍ୟତୀତ ଅନ୍ୟ ଭୋକ୍ତାମାନେ ବାଦକ, ବୀଣାକାର, ଚଡେୟା ଓ ପ୍ରଭାନାଚ ଇତ୍ୟାଦି କାର୍ଯ୍ୟ ସମ୍ଭାଳିଥାଆନ୍ତି।

### ଦଣ୍ଡନାଚରେ ଭୋକ୍ତା:

ଏଥିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଭକ୍ତ ମାନସିକ ବ୍ରତଧାରଣ କରି ଏଥିରେ ମିଶନ୍ତି । ଦଣ୍ଡଯାତ୍ରାର ପୂର୍ବ ରାତ୍ରୀରୁ ସେହି ଭୋକ୍ତାମାନେ ଗେରୁଆ ବସ୍ତ୍ର ପିନ୍ଧି ପତାକା ଫୁଲ ଚନ୍ଦନ ଓ ମୟୁର ପୂଚ୍ଛରେ ନିର୍ମିତ ଝାଡଣିଧରି ଗୃହରୁ ବାହାରି ଗଲାବେଳେ ଘରର ସ୍ତ୍ରୀ ଲୋକମାନେ ଘରର ଦାଣ୍ଡ ଦୁଆରେ ପୂର୍ଣ୍ଣକୁମ୍ଭ ସଜାଡି ଦୀପ ଜାଳନ୍ତି ଓ ଉକ୍ତ ଭକ୍ତଙ୍କ ସକୁଶଳ ଫେରିବା ପାଇଁ ପ୍ରାର୍ଥନା କରନ୍ତି। ଯେତେଦିନ ଯାଏଁ ଭୋକ୍ତା ଦଣ୍ଡନାଚରେ ରହନ୍ତି ସେତେ ଦିନ ପର୍ଯ୍ୟନ୍ତ ଘରର ପ୍ରତ୍ୟେକ ଲୋକ ଅତି ନିଷ୍ଠାର ସହ ଚଳନ୍ତି। ଘରେ ଆମିଷ ଭକ୍ଷଣ ତ୍ୟାଗ କରାଯାଏ। ଦିନରେ କେବଳ ଥରେ ରୋଷେଇ କରି ଖାଆନ୍ତି। ସୂର୍ଯ୍ୟୋଦୟ ପୂର୍ବରୁ ଶଯ୍ୟାତ୍ୟାଗ କରି ସ୍ନାନ ସାରି ପୂଜା କରନ୍ତି।

ସମସ୍ତ ଭୋକ୍ତା ଦଣ୍ଡନାଚ ପୂର୍ବରାତ୍ରୀରେ ଗାଁ କାମନା ଘର ପାଖରେ ଏକାଠି ହୁଅନ୍ତି। ଏଠାରେ ସମସ୍ତଙ୍କୁ ଦଣ୍ଡୁଆ ବୋଲି କୁହାଯାଏ ଏବଂ ପ୍ରତ୍ୟେକ ଦଳର ମୁଖ୍ୟ ଦଣ୍ଡୁଆକୁ ପାଟ ଦଣ୍ଡୁଆ ବୋଲି କୁହାଯାଏ। ସେହି ରାତ୍ରୀରେ ଶିବ ମନ୍ଦିରରେ ହୋମ ତଥା ଘୃତ ଯଜ୍ଞ କରାଯାଏ। ତା' ପରେ ଦଣ୍ଡୁଆ ମାନେ





ପାରଂପାରିକ ନୀତିରେ ଦଣ୍ଡ ଆଣନ୍ତି। ପାଟ ଦଣ୍ଡୁଆ ଓ ଅନ୍ୟ ଦଣ୍ଡୁଆ ମାନେ ଉପବୀତ ଧାରଣ କଲାପରେ ଦୁଇଟି ବାଉଁଶ କାଠକୁ ଘଷି ଅଗ୍ନିଜାତ କରନ୍ତି। ଏହାକୁ ଶିବାଗ୍ନି କୁହାଯାଏ। କୁଶବା ପାଳର ତିଆରି ଚଂପାବରରେ ଏହି ଶିବାଗ୍ନି ରୋପଣ କରାଯାଇ ଦଣ୍ଡନାଚ ସମାପ୍ତ ହେବା ଯାଏଁ ରଖନ୍ତି। କାଳୀଙ୍କ ଚିତ୍ରପଟ, ମହାଦେବଙ୍କ ପ୍ରତୀକ ନାଗମୂର୍ତ୍ତୀ, ମୟୁରପୂଚ୍ଛ, ପତାକା ଆଦି ପୂଜା ପରେ ଦଣ୍ଡ ନାଚ ଆରମ୍ଭ ହୁଏ। ପ୍ରଥମ ଦିନ କାମନା ମନ୍ଦିର ଆଗରେ ନାଚ ହୁଏ। ତା'ପରେ ନିମନ୍ତ୍ରଣ ଅନୁସାରେ ବିଭିନ୍ନ ଗ୍ରାମ ଓ ସହରରେ ଏହି ନାଚ ସଂପାଦନ କରାଯାଏ। ଡୋଲ ଓ ମହୁରୀ ଏହି ନାଚର ମୂଖ୍ୟ ବାଦ୍ୟଯନ୍ତ୍ର। ଏହି ଡୋଲକୁ ଯେ ବଜାଏ ତାହାକୁ ପାଟ ଡୋଲିଆ କୁହାଯାଏ।

### ଦଣ୍ଡନାଚର ଦିନଚର୍ଯ୍ୟା:

ଦିନକୁ କେବଳ ଜଣେ ମାନସିକ କରିଥିବା ଭକ୍ତଙ୍କ ଗୃହ ସାମନାରେ ଏହି ନାଚ

କରାଯାଏ। ଏଥିପାଇଁ ଯାହା ଖର୍ଚ୍ଚ କରିବାକୁ ହୁଏ ସେ ସବୁ ସେହି ଗୃହର ଗୃହକର୍ତ୍ତାଙ୍କୁ କରିବାକୁ ହୁଏ । ଅନେକ ଗ୍ରାମରୁ ଦଣ୍ଡନାଚ ଦଳ ବାହାରନ୍ତି, ଏବଂ ପ୍ରତ୍ୟେକ ଦଳରେ ବିଶ୍ୱାସ ଅନୁସାରେ ଭକ୍ତଙ୍କ ସଂଖ୍ୟା କମ ବା ବେଶୀ ହୋଇଥାଏ। ତଥାପି ଅତି କମରେ ପନ୍ଦରରୁ କୋଡିଏ ଜଣ ଭୋକ୍ତା ବା ଦଣ୍ଡୁଆ ବ୍ୟତୀତ ରାତ୍ରିରେ ନାଟକରିବା ପାଇଁ ଅନ୍ୟ ଦଳ ଥାଆନ୍ତି। ଗଞ୍ଜାମ ଜିଲ୍ଲାରେ କୂଲାଡ ଗ୍ରାମର ଦଣ୍ଡନାଚର ଭୋକ୍ତା ବା ଦଣ୍ଡୁଆଙ୍କ ସଂଖ୍ୟା ଅଭୁତ ଭାବରେ ଅଧିକ। ପ୍ରତିବର୍ଷ ପ୍ରାୟ ଏକ ହଜାରରୁ ଅଧିକ ଦଣ୍ଡୁଆ ଏହି ଗ୍ରାମକୁ ଆସି ଦଣ୍ଡନାଚ ମନାସିଥାଆନ୍ତି। ଆଉ ଏତେ ବଡ ଦଣ୍ଡନାଚ ଦଳକୁ ଖାଇବା ପିଇବା ଇତ୍ୟାଦି ଖର୍ଚ୍ଚ ବେଳେ ବେଳେ ଲକ୍ଷାଧିକ ଟଙ୍କାବି ହୋଇପାରେ। ଏତଦ୍ ବ୍ୟତୀତ ଏତେ ସଂଖ୍ୟକ ଦଣ୍ଡୁଆଙ୍କୁ ରହିବା ପାଇଁ ସ୍ଥାନର ଅଭାବ ପଡେ।



ଦଣ୍ଡୁଆମାନେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଯେତେବେଳେ କୋଣସି ଭକ୍ତଙ୍କ ମାନସିକ ପାଇଁ ସେହି ଗାଁ ମୁଣ୍ଡରେ ପହଞ୍ଚିଯାଆନ୍ତି ସେତେବେଳେ ମାନସିକ କର୍ତ୍ତା ଭକ୍ତ ଜଣକ ଆସି ସେମାନଙ୍କୁ ଆମନ୍ତ୍ରଣ କରି ନିଅନ୍ତି । ଦଣ୍ଡୁଆମାନେ ଭକ୍ତର ଗୃହ ସାମନାରେ ଜଳରୋପଣ କରି ଗ୍ରାମ ଉପକଣ୍ଠସ୍ଥ



ମନ୍ଦିର କିମ୍ବା ଆମ୍ବତୋଟା, ପୋଖରୀକୂଳ, ନଦୀକୂଳ ଓ ମଠ ବେଢାରେ ଆଶ୍ରୟ ନିଅନ୍ତି। ଦ୍ୱିପହରରେ ଆରମ୍ଭ ହୁଏ ଧୂଳିଦଣ୍ଡ। ପ୍ରଚଣ୍ଡ ରୌଦ୍ରତାପ ସତ୍ତ୍ୱେ, ଦଣ୍ଡୁଆ ମାନେ ତାତିଲା ଧୂଳିରେ ଗଡି ଗଡି ଦଣ୍ଡନାଚ କରନ୍ତି। ଏହି ଧୂଳିଦଣ୍ଡ ବେଳେ ମୂଖ୍ୟତଃ ଆମର କୃଷିଭିତ୍ତିକ





କାର୍ଯ୍ୟକ୍ରମ ସବୁ କରାଯାଏ, ଯେମିତି କୃଷିକ୍ଷେତ୍ର ତିଆରି କରିବା, ବୀଜ ବୁଣିବା, ଭୂମୀପୂଜା, ମନ୍ଦିର ନିର୍ମାଣ, ହଳଚଳାଇବା, ଲୁଗା ବୁଣା, ହଳଦିବଟା, କୂପଖନନ ଇତ୍ୟାଦି। ଏହା ସହିତ ଧାନ ରୋପଣ, ଧାନ ବାଛିବା, ଅମଳ କରିବା, କୃଷକର ସ୍ତ୍ରୀ ଘୋଟଣା (ଖାଦ୍ୟ) ଧରି ବିଲକୁ ଆସିବା ଇତ୍ୟାଦି ଦୃଶ୍ୟ ଅତି ଆମୋଦକର



ଭାବରେ ପରିବେଷଣ କରାଯାଏ। ଧୂଳିଦଣ୍ଡ ସମାପନ ହେଲାବେଳେ ସମସ୍ତ ଦଣ୍ଡୁଆ ଧାଡିକରି ଗାଁ ଦାଣ୍ଡରେ ଶୋଇଯାଆନ୍ତି, ଏବଂ ସେମାନଙ୍କ ଉପରେ କାଠର ଦଣ୍ଡା ପକାଯାଏ ଏବଂ ସେହି ଦଣ୍ଡା ଉପରେ ନଡିଆ ଭାଙ୍ଗି ପୂଜା କରାଯାଏ।

ଧୂଳିଦଣ୍ଡ ପରେ ସମସ୍ତ ଦଣ୍ଡୁଆ ଯାଆନ୍ତି ଗାଁ ପୋଖରୀକୂଳକୁ ଯେଉଁଠାରେ ପାଣିଦଣ୍ଡ ହୁଏ। ପ୍ରତ୍ୟେକ ଦଣ୍ଡୁଆ ନିଜ ନିଜ ନିତ୍ୟକର୍ମ ସାରନ୍ତି। ଛଅ ଆଙ୍ଗୁଳି ବିଶିଷ୍ଟ ଆମ୍ବ ଡାଳଦ୍ୱାରା ଦାନ୍ତ ସଫାକରନ୍ତି। ପୋଖରୀ କିମ୍ବା ନଦୀରେ ତେର ଥର ବୁଡପକାଇ ତେର ଆଞ୍ଜୁଳା ବାଲି ଆଣି କୂଳରେ ଶିବଲିଙ୍ଗର ସ୍ଥାପନା କରନ୍ତି। ଏଠାରେ ଶିବ ପାର୍ବତୀ ଓ କାଳୀଙ୍କ ଆରାଧନା



କରାଯିବା ସଙ୍ଗେ ସଙ୍ଗେ ସମସ୍ତ ଦଣ୍ଡୁଆଙ୍କୁ ନୂତନ ଉପବୀତ ଧାରଣ କରାଇ ଦିଆଯାଏ। ଭକ୍ତ ଗଣଙ୍କ ଭୋଗସାମଗ୍ରୀକୁ ପୂଜା କରାଯାଇ ଲିଆପଣା ସେବନ କରାଯାଏ। ତା' ପରେ ପାଳରେ ନିର୍ମିତ ଦୁଇଟି ବିଶେଷ ଆକାରର ମସାଲରେ ଅଗ୍ନିସଂଯୋଗକରି ଝୁଣାଦ୍ୱାରା





ଅଗ୍ନିଖେଳ କରାଯାଏ। ଏହାପରେ ପାଣିଦଣ୍ଡ ସମାପ୍ତ ହୁଏ।

ସଂଧ୍ୟାରେ ଯଜମାନଙ୍କ ଗୃହ ସାମନାରେ ଆରତୀପୂଜା କାର୍ଯ୍ୟ ଆରମ୍ଭ ହୁଏ। ଡୋଲ ବାଜଣା ମଧ୍ୟରେ ବିଭିନ୍ନ ବ୍ୟକ୍ତି ତଥା ଦଣ୍ଡୁଆ ମାନେ ଠାକୁରଙ୍କ ଚରଣାଶ୍ରିତ ହୋଇ ବିନମ୍ର ପ୍ରଣତି ଜଣାନ୍ତି । ଏହାପରେ ଦଣ୍ଡୁଆମାନେ ନିଜପାଇଁ ପ୍ରସ୍ତୁତ କରନ୍ତି ଖାଦ୍ୟ, ଯେଉଁଥିରେ ଥାଏ, ଅରୁଆ ଚାଉଳରେ ନିର୍ମିତ ଅନ୍ନ, ମୁଗଡାଲି, ଓ ପନିପରିବା ନେଇ ସ୍ୱତନ୍ତ୍ର ଭାବରେ ନିର୍ମିତ ଚୁହ୍ଲାରେ ରୋଷେଇ ହୋଇଥିବା ସାତ୍ତ୍ୱିକ ଭୋଜନ। ମଧ୍ୟରାତ୍ରୀରେ ନିଃଶବ୍ଦ ପ୍ରହରରେ ଅବଟା ଓ ଅଫୁଟା ଭାବରେ ନିର୍ମିତ ନିଖୁଣ ହବିଷାନ୍ନ କାଳୀଙ୍କ ଭୋଗ ଲାଗିବା ପରେ



ଡୋଲ ଘଣ୍ଟା ଓ ଝାଞ୍ଜର ଶବ୍ଦ ମଧ୍ୟରେ ପ୍ରସାଦ ସେବନ କରାଯାଏ। ଏହିପରି କରିବା ଦ୍ୱାରା ଅଶ୍ରାବ୍ୟ ଶବ୍ଦଶୁଣି ହୁଏନି। କାରଣ ନିଷ୍ଠାର ସହ ସଂପାଦନ ହେଉଥିବା ପ୍ରସାଦ ସେବନବେଳେ ଯଦି କୋଣସି ପକ୍ଷୀ କିମ୍ବା ପଶୁର ଶବ୍ଦ ଶୁଣାଯାଏ ତା'ହେଲେ ପ୍ରସାଦ ସେବନ ବନ୍ଦ ହୁଏ ଏବଂ ସମସ୍ତ ଦଣ୍ଡୁଆ ସେହିଦିନ ଭୋକରେ ରହନ୍ତି। ଭୋଜନ ବେଳେ ସମସ୍ତ ଦଣ୍ଡୁଆ, "କାଳ ରୁଦ୍ରମଣୀଙ୍କୁ ଭଜହେ" ଡାକ ଦେଇ ଦେଇ ପ୍ରସାଦ ସେବନ କରନ୍ତି । ଏହାକୁ ବନଦଣ୍ଡ ବୋଲି କୁହାଯାଏ। ଭୋଜନର ପରିସମାପ୍ତି ପରେ ସମସ୍ତ ଦଣ୍ଡୁଆ ମହୂରୀ, କାହାଳୀ, ଡୋଲ ଓ ଘଣ୍ଟା ବଜାଇ ବଜାଇ ଯଜମାନଙ୍କ ଦ୍ୱାରରେ ଯାଇ ପହଞ୍ଚନ୍ତି । ଯାତ୍ରା ସମୟରେ ଅଗ୍ନିଦଣ୍ଡ ଧରି ସେଥିରେ ଝୁଣାଦ୍ୱାରା ଅଗ୍ନିଖେଳ ଦେଖାଇ ଦେଖାଇ ସେମାନେ ଗ୍ରାମ ପରିକ୍ରମା କରନ୍ତି। ଏହି ସମୟରେ ମଧ୍ୟ, "କାଳ ରୁଦ୍ରମଣୀଙ୍କୁ ଭଜହେ" ଧ୍ୱନୀରେ ଗଗନ ପବନ ପ୍ରକଂପିତ ହୋଇଉଠେ।

ଯଜମାନଙ୍କ ଦ୍ୱାରରେ ପାଟଦଣ୍ଡୁଆଙ୍କ ଆଦେଶରେ ଜଣେ ଦଣ୍ଡୁଆକୁ କଳା ପୋଷାକ ପିନ୍ଧାଇଦିଆଯାଏ। ମୁଣ୍ଡରେ କଳାକନା ବାନ୍ଧି, ଓ ରକ୍ତ ସିନ୍ଦୂର ଚିତା ଲଗାଇ କାଳୀପ୍ରଭା ଧାରଣ କରାଯାଏ । ଏହାପରେ ଭକ୍ତଉପରେ କାଳୀଠାକୁରାଣୀ ପ୍ରବେଶ କରନ୍ତି ଏବଂ ସେହି ସମୟରେ ସେହି ଭକ୍ତଙ୍କ ଉଦ୍ଦଣ୍ଡ ନୃତ୍ୟ ମନରେ ଭୟ ସଂଚାରଣ କରାଏ। ଏହି ନୃତ୍ୟ ଅତ୍ୟନ୍ତ ଭୟଙ୍କର ଓ ରୋମାଞ୍ଚକର ହୁଏ। ଏହି ସମୟରେ ଛୋଟଛୁଆମାନଙ୍କୁ ନୃତ୍ୟ ସ୍ଥଳରୁ ଦୁରରେ ରଖାଯାଏ। ଝୁଣାର ପ୍ରୟୋଗ, ଡୋଲ ଓ ଘଣ୍ଟର ଶବ୍ଦଦ୍ୱାରା କାଳୀଙ୍କୁ ପ୍ରସନ୍ନ କରାଯାଏ। ଏହାକୁ ଅଗ୍ନିଦଣ୍ଡ କୁହାଯାଏ।

ଅଗ୍ନିଦଣ୍ଡ ସମାପନ ପରେ ପାଟଦଣ୍ଡୁଆ ମଞ୍ଚ ଉପରକୁ ଆସି ଈଶ୍ୱର ପାର୍ବତୀଙ୍କ ଗୁଣଗାନ କରିବାପରେ ଶିବପାର୍ବତୀ ଆସନ୍ତି । ତା'ପରେ ଚଡେୟା ପୂଜାରେ ଶିବ ପାର୍ବତୀ ସନ୍ତୁଷ୍ଟ ହୁଅନ୍ତି। ଚଡେୟାକୁ ପଶୁପକ୍ଷୀ ଶୀକାର କରିବାକୁ ଅନୁମତି ଦିଅନ୍ତି କିନ୍ତୁ ଶୁଆ, ଶାରୀ, କପୋତ, ପାରା ଓ ମୟୂରକୁ ନ ମାରିବା ପାଇଁ ନିର୍ଦ୍ଦେଶ ବି ଦିଅନ୍ତି। ଏହାର ବ୍ୟତୀକ୍ରମ ହେଲେ ସର୍ପାଘାତରେ ମୃତ୍ୟୁ ସୁନିଶ୍ଚିତ ବୋଲି ଚେତାଇ ଦିଅନ୍ତି। କିନ୍ତୁ ଚଡେୟାଣୀର ବାରମ୍ବାର ଅନୁରୋଧରେ ଚଡେୟା କପୋତ ଶୀକାର କରି ସର୍ପାଘାତ ପାଏ। ସାପୁଆ କେଳାର ପ୍ରୟାସ ବିଫଳ ହେବାପରେ ଚଡେୟାଣୀ ଶିବପାର୍ବତୀଙ୍କୁ ସ୍ମରଣା କରେ। ତା'ର ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ଶିବପାର୍ବତୀ ଚଡେୟାକୁ ଜୀବନ ଦାନ ଦିଅନ୍ତି। ଏହା ହେଉଛି ଚଡେୟା ନାଚର ବିଷୟବସ୍ତୁ।

କିନ୍ତୁ ଆଜିକାଲି ଚଡେୟାନାଚ ପରେ ଅପେରା ନାଚ ପ୍ରଦର୍ଶନ କରାଯାଉଛି । ଆଜିକାଲି ପ୍ରାୟ ପ୍ରତ୍ୟେକ ଦଣ୍ଡନାଚ ଦଳରେ ସମକକ୍ଷ ସଂଖ୍ୟାରେ କଳାକାର ରହିଥାଆନ୍ତି। ଦଣ୍ଡନାଚ ଆରମ୍ଭ ହେବାର ବହୁ ପୂର୍ବରୁ ଏମାନେ ଗ୍ରାମରେ ନାଟ ଶିଖନ୍ତି, ଯାହା ସେମାନେ ଦଣ୍ଡନାଚ ବେଳେ ସମସ୍ତ ସ୍ଥାନରେ ପରିବେଷଣ କରି ଲୋକଙ୍କ ମନୋରଞ୍ଜନ କରନ୍ତି । ଏହି ଅପେରା ପରିବେଷଣ ଓ ଦିନବେଳେ ଧୂଳିଦଣ୍ଡ ବେଳେ ମଧ୍ୟ ବେଳେ ବେଳେ ସାମାନ୍ୟ ଅଶ୍ଳୀଳତାକୁ ସ୍ୱୀକାର୍ଯ୍ୟ ଭାବି ନୃତ୍ୟ ପରିବେଷଣ କରାଯାଉଥିବା ଅଭିଯୋଗ କରନ୍ତି ଅନେକ ଲୋକ। କିନ୍ତୁ ଏହାକୁ କିଛି ନୁହେ କହି ଏଡାଇ ଯାଆନ୍ତି ଅନେକ ବିଶିଷ୍ଟ ଦଣ୍ଡୁଆ। ଯେଉଁ ମାନଙ୍କ ମତରେ ସାମାନ୍ୟ ଅଶ୍ଳୀଳତା ଦ୍ୱାରା ଯଦି



ସେମାନେ ମନୋରଞ୍ଜନ କରିପାରୁଛନ୍ତି, ତେବେ ତାହାର ବିରୋଧ କରାଯିବା ଉଚିତ ନୁହେଁ।

ସମାଜରେ ଜାତିଧର୍ମ ଭେଦଭାବ ଆଣିବାକୁ ଚାହୁଁଥିବା ପ୍ରତ୍ୟେକ ବ୍ୟକ୍ତି ଏହି ଦଣ୍ଡନାଚର ମହତ୍ତ୍ୱକୁ ଭଲ ଭାବରେ ବୁଝିପାରିବେ। କାରଣ କେବଳ ଜାତିଧର୍ମର ହିଁ ନୁହେଁ ବରଂ ଏହା ଦ୍ୱାରା ପରସ୍ପର ମଧ୍ୟରେ ମିତ୍ରତା ଓ ଭାତୃତ୍ୱର ବିକାଶ କରିବା ହେଉଛି ଏହି ପୂରାତନ ପ୍ରଥାର ଏକ ଅଭୁତପୂର୍ବ ଦିଗ। ଯୁଗ ପରେ ଯୁଗ ଏହି କଳା ଓ ଏହି ପ୍ରଥା ଚଳି ଆସିଛି ଏବଂ ଏହା ଚାଲିଥିବ ମଧ୍ୟ। ଗଞ୍ଜାମ ମାଟିର ହୃଦୟରେ ସବୁବେଳେ ଏହି ପ୍ରଥା ନିଜ ର ଗୋରବ ଗାଥା ଲେଖିଯାଉଥିବ। ଯଦ୍ୟପି କାଳ ଅନୁଯାୟୀ ଏଥିରେ ପରିବର୍ତ୍ତନ ଅଣାଯାଇଛି, କିନ୍ତୁ ଏହାର ବିଲୋପ କରିବାକଥା ଆଜି ପର୍ଯ୍ୟନ୍ତ କେହି ଚିନ୍ତା

କରିନାହାନ୍ତି । ଯେତେବେଳ ଯାଏଁ ମନୁଷ୍ୟର ମୃତ୍ୟୁକୁ ଭୟ ଥିବ ସେତେବେଳ ଯାଏଁ ମନୁଷ୍ୟ ମନରୁ ଭଗବତବାଦ କେହି ଲିଭାଇପାରିବେ ନାହିଁ ଏବଂ ସେତେ ଦିନଯାଏଁ ଏହି ପ୍ରଥା ଜୀବନ୍ତ ରହିବ ।

ରାତ୍ରୀର ପ୍ରଥମ ଓ ଦ୍ୱିତୀୟ ପ୍ରହରରେ ହେଉଥିବା କାଳୀ ନୃତ୍ୟର ଚିତ୍ରୋତ୍ତଳନ ପାଇଁ ଅନେକ ବୁଦ୍ଧିଜୀବି ବାରଣ କରିବା ଯୋଗୁଁ ସେହି ନୃତ୍ୟର ଚିତ୍ର ଏଠାରେ ଦିଆଯାଇନାହିଁ। ଆଉ ବିଳମ୍ବିତ ପ୍ରହରୀରେ ହେଉଥିବା ଅପେରା ହେଉ ଅବା ନାଚଗୀତର କାର୍ଯ୍ୟକ୍ରମ ହେଉ ସେହି ସବୁର ଚିତ୍ର ପ୍ରକାଶ କରିବାର ଯଥାର୍ଥତା ନଥିବା ଦୃଷ୍ଟିରୁ ସେ ସବୁକୁ ଏଠାରୁ ବାଦ ଦିଆଯାଇଛି ।

ଅନେକ ଲୋକ ଦଣ୍ଡନାଚରେ ଭାଗନିଅନ୍ତି, କେହି କେହି ନିଜର ଦୁରାରୋଗ୍ୟ



ବ୍ୟାଧିକୁ ଦୂର କରିବା ପାଇଁ ତ କେହି କେହି ନିଜର ମନୋସ୍କାମନା ପୂରଣ କରିବା ପାଇଁ, ସତ କିନ୍ତୁ ଏଥିରେ ଛୋଟ ଶିଶୁମାନଙ୍କୁ ଆଜି



ପର୍ଯ୍ୟନ୍ତ ବାରଣ କରାଯାଏ, କିନ୍ତୁ ଯଦି କେହି ଭକ୍ତ ନିଜ ପୁଅକୁ ଏଥିରେ ପଠାଇବାକୁ ଚାହାନ୍ତି ସେମାନଙ୍କୁ ବିଶେଷ ଅନୁମତି ଦିଆଯାଇଥାଏ । ଏହି ବିଶେଷାଙ୍କରେ ପ୍ରକାଶିତ ଏହି ଲେଖାପାଇଁ ବ୍ରହ୍ମପୁର ଉପକଣ୍ଠରେ ଥିବା ବଡଗୁମୁଳା ଗ୍ରାମର ଦଣ୍ଡନାଚ ଦଳର ଚିତ୍ର ଉତ୍ତୋଳନ କରାଯାଇଥିଲା, ଏବଂ ଏଥିରେ ଦୁଇଜଣ ଅଳ୍ପ ବୟସ୍କ ଶିଶୁ (୧୨ ରୁ ୧୩ ବର୍ଷ ଭିତରେ ହେବ) ଥିଲେ, ଯେଉଁମାନେ ମଧ୍ୟ ଏହି ପ୍ରଥାକୁ ସ□ର୍ଣ୍ଣଭାବରେ ନିଷ୍ଠାର ସହିତ ପାଳନ କରୁଥିବା ଦେଖାଯାଇଥିଲା ।

ସ୍ଥାନ: ବଡ ଗୁମୁଳା ଗ୍ରାମ
ତାରିଖ: ୨ ଏପ୍ରିଲ ୨୦୦୬
ରବିବାର

ଚିତ୍ରୋତ୍ତଳନ, ଗବେଷଣା ଓ ଉପସ୍ଥାପନା:
**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

# ଦାୟୀ କିଏ

(ସାଂଧ୍ୟ ମହାବିଦ୍ୟାଳୟ, ବ୍ରହ୍ମପୁର ଗଞ୍ଜାମର ଦ୍ୱିତୀୟ ବର୍ଷଛାତ୍ର ଥିବା ବେଳେ ଗଳ୍ପଟି ଲେଖାଯାଇଥିଲା, ଏବଂ ଦି ସିକର୍ ପତ୍ରିକାରେ ୧୯୭୦ ମସିହା ସଂକଳନରେ ପ୍ରକାଶିତ ହୋଇଥିଲା)

ସେ ନି'ତି ସକାଳୁ ଆସେ, ସେଇ ଗଛଟି ମୂଳରେ ବସେ, ସେଇ ବିରାଟକାୟ ଅଫିସ କୋଠାଟିକୁ ତାର ପଶିଲା ପଶିଲା ଆଖି ଦୁଇଟା ଚାହିଁ ରହିଥାଏ । କୋଠାଟିକୁ ଚାହିଁ ଚାହିଁ କେତେବେଳେ ହସି ପକାଏ ପୁଣି କେତେବେଳେ ଅଶ୍ରୁ ନିଗାଡେ । କିନ୍ତୁ ସେଇ ହସଥାଏ ଏକ ମୂକର ହସ । ସେ ନିରବରେ ବୁହାଇ ଥାଏ କୋରଡସ୍ଥ ଚକ୍ଷୁକୋଣରୁ ଅବିଶ୍ରାନ୍ତ ଅଶ୍ରୁଧାରା । ଆଉ ହାତ



ଦୁଇଟି ପସାରିଥାଏ କିଛି ଭିକ୍ଷା ଉଦ୍ଦେଶ୍ୟରେ । ସଞ୍ଜରେ ଫେରେ ବୁଡିପାଖକୁ । ଠିକ୍ ଅଫିସ୍ ଛୁଟି ସମୟରେ କିରାଣି ବାବୁମାନଙ୍କ ସହ ।

ତା'ର ଘର ନାହିଁ, ଦ୍ୱାର ନାହିଁ, କେବଳ ସରକାରଙ୍କ ଦ୍ୱାରା ନିର୍ମିତ ସୁପର ମାର୍କେଟର ଅଳିଆ ଆବର୍ଜନା ପୂର୍ଣ୍ଣ ପିଣ୍ଢାର କଡଟି, ଭଗବାନ ଙ୍କ କୃପାରୁ ଏକମାତ୍ର ସାହା ।

ସେଇ ଅଫିସର ହେଡ୍ ପିଉନ୍ ରାମେୟା ବୁଡା କହେ□"ଇୟେ ପାଗଳ ନୁହେଁ, ଇୟାର ପିଲାପିଚିକା ଘରବାଡି ସବୁଥିଲା । ଆମ ଗାଁ ପାଖର ଲୋକ ଇୟେ। ମୁଁ ଯେତେବେଳେ ଗାଁରେ ଥିଲି, ସେତେବେଳେ ତାକୁ ଦେଖିଥିଲି, ଖୁବ୍ ଭଲ ଥିଲା," ଇତ୍ୟାଦି ଇତ୍ୟାଦି । କିନ୍ତୁ ଅଫିସର କିରାଣି ବାବୁମାନେ ଏକଥାକୁ ଅସ୍ୱୀକାର କରି ହସରେ ଉଡାଇ ଦିଅନ୍ତି । କାରଣ ରାମେୟା ପିଉନ୍‌ଟାଏ । ସେ କିଛି ଜାଣିନି, ପାଠଶାଠ ପଢିନି, ହ୍ୟୁମାନ୍ ଫିଲୋସୋଫି ଷ୍ଟଡି କରିବା କାପାସିଟି ତାର ନାହିଁ। ଅଧା ଇଂରାଜୀ ଓ ଅଧା ଓଡିଆ ମିଶା କଥାରେ କହନ୍ତି "ଅଲ୍ ରାଇଟ୍, ଆରେ ଓଲୁ, ଭାଲୁ, ତୁ କିଛି ନଜାଣି କାହିଁକି ହେଉଛୁ ବାଲୁବାଲୁ। ଏଇ ଦେଖ ସେହି ପାଗଳକୁ, କେମିତି ହସିଲା । ଆରେ, ଆମକୁ ଖାଇଯିବକି ରେ! କେମିତି କଟମଟ କରି ଅନାଇଛି !!! ଇୟେ ତ ସୁଦ୍ଧୁ ପାଗଳ ଟାଏ। ୟାର କିଛି ମେଣ୍ଟାଲ୍ ଡୀଫେକ୍ଟ ମାନେ ମାନସିକ ଦୁର୍ବଳତା ନିଶ୍ଚୟ ଅଛି । ହଁ ସେଇଥିପାଇଁ ବୋଧହୁଏ ପାଗଳ ହୋଇଯାଇଛି ।" ଏ କଥା ଶୁଣି ରାମେୟା ପୁଣି ପ୍ରତିବାଦ କରେ, " ନାଇଁ ଆଜ୍ଞା, ଏଇ ମାର୍କେଟ ପିଣ୍ଡାରେ ମୁଁ ତାକୁ ବୁଡି ସହ କଥା ହେବାର ବହୁତ ଥର ଦେଖିଛି□କିନ୍ତୁ କମ କଥା

କହେ।" ବାବୁ ମାନେ ତାକୁ ବେଖାତିର କଥାରେ, ହସରେ ଉଡାଇ, ଆଉ ବେଳେ ବେଳେ ଚିଡିମିଡି ହୋଇ ଚାହା ଆଣିବାକୁ ପଠାଇ ଦିଅନ୍ତି। ବିଚରା



ରାମେୟ୍ଯ ଭାବେ ବଡ ଲୋକ ବଡ କଥା। ଯୁକ୍ତି କରିବା ଛାଡି ଆଜ୍ଞା ହଜୁର କହି ମନେ ମନେ ଭାବେ କିରାଣି ବାବୁମାନେ ବଡ ଭୟଙ୍କର। ଦେଶୀସାହେବ ବାବୁ ହାକିମ୍ ଙ୍କ ପାଖରେ ଇୟାଡୁ ସିୟାଡୁ ଗୁଡାଏ ଲଗାଇ ଦେବେ ଯେ ଚଉଦ ପୁରୁଷ ଘାଣ୍ଟି ହେଉଥିବେ। କାଗଜ ଖଣ୍ଡିଏ ଦେଲେ ଫାଇଲ୍‌କୁ ତ ଯିବନି, ଛାଡ ଛାଡ ଆଉ କାହିଁକି ଆମେ ତ ଛୋଟ ଲୋକ। କିନ୍ତୁ ସତରେ ସେ ହରିଆ ଟା କଣ ପାଗଳ !

ଠିକ୍ ସେଇକଥା ନିଜକୁ ପ୍ରଶ୍ନ କରୁଥିଲା ହରିଆ। ଅଫିସ କୋଠାକୁ ସାକ୍ଷୀରଖି ତା ଇତି ଜୀବନକୁ ବିଶ୍ଳେଷଣ କରିଚାଲିଲା ହରିଆ। ହରିଆ ବିଳିବିଳେଇ କେତେ ହସିଲା, ପୁଣି କେତେ କାନ୍ଦିଲା। ସେ ପାଗଳ, ହଁ ସେ ପାଗଳ। ସହରୀ ସ୍ୱପ୍ନତାକୁ ପାଗଳ କରିଛି। ସେଇଥିପାଇଁ ସେ ନିଜେ ହିଁ ଦାୟୀ, କେବଳ ସେ ନିଜେ ଦାୟୀ।

ରଙ୍ଗମଞ୍ଚର ପରଦା ଉଠିଲା ପରି, ତା ଇତି ଜୀବନର ଗୋଟି ଗୋଟି କଥା ତା ମାନସ ପଟରେ ତା ମାନସ ମଞ୍ଚରେ ରୂପାନ୍ତରିତ ହେବାକୁ ଲାଗିଲା। ଚଳଚ୍ଚିତ୍ର ଦୃଶ୍ୟଭଳି ତା ପୋଡା ଜୀବନର ଗୋଟି ଗୋଟି ଚିତ୍ର ସ୍ମୃତିର ଗତିକୁ ପଥାରୂଢ କଲା।

ସ୍ମୃତି ମଞ୍ଚର ପ୍ରଥମ ଅଙ୍କରେ ରୂପନେଲା ତା' ଅଜା ଆଇ ଅମଳର ସବୁଜ ଗାଁଟି। ଆଜି ଆଉ ସେ ଗାଁ ନାହିଁ। କେପିଟାଲ୍‌ର କୋଠାବାଡିର ବଡିଭିତରେ ଗାଁ'ର ନିଜତ୍ୱ ଧ୍ୱଂସ ପାଇଯାଇଛି। ହଜିଯାଇଛି ସେ ଗାଁର ରୂପରଙ୍ଗ।

ହରିଆଥିଲା ସେ ଗାଁର ପଥର କଟାଳି, ସରଳ ବିଶ୍ୱାସୀ ହରିଆ। ଦୁଃଖେ ସୁଖେ ଚଳିଯାଉଥିଲା। ମୁଣ୍ଡ ଗୁଞ୍ଜିବାକୁ ଚାଳ ନୁଆଁ କୁଡିଆ ଖଣ୍ଡିଏ ଥିଲା ତା'ର। ସେଇ ଚାଳି ତଳର ଚାରୋଟି ପ୍ରାଣୀ, ସ୍ୱାମୀ ସ୍ତ୍ରୀ ପୁଅ ଗୋପାଳ ଓ ଝିଅ ମଣିମାଳା, ଗୋଟିଏ ସଂସାର ଗଢ଼ିଥିଲେ। ବାହାର ଦୁନିଆର ଦୁଃଖ ସୁଖ ଅପେକ୍ଷା ନିଜ ନୁଣତୁଣ ସଂସାର କଥା ତାଙ୍କୁ ଖୁବ୍ ବଡ ମନେ ହେଉଥିଲା। ଭରଣେ ଜମି ବି ଥିଲା। ଚାଷକାମ ପଥର କାଟିବା, ଏବଂ ବେଳେ ବେଳେ ମିସ୍ତ୍ରୀଗିରି କରିବା ଥିଲା ତାର ପେଟପୋଷାଧର୍ମ। ଖୁବ ସୁଖରେ ନହେଲେ ବି ଦୁଃଖସୁଖର, ଅଭାବ ଆନନ୍ଦର ସମାନ୍ତରାଳ ସରଳ ଜୀବନଟି ସୁରୁଖୁରୁରେ ବର୍ଷାଦିନର ନଇନାଳପରି ସୁଅଧରି ବହି ଚାଲିଥିଲା। କିନ୍ତୁ ସୁଖିଯାଇଥିଲା, ତା ଜୀବନର ଗତିପଥ। ଜୀବନର ଅସ୍ଥିରତା ଭିତରରେ□ଧୂମକେତୁର ରୂପ ନେଇଥିଲା, ତା'ର ଇତିହାସ, "ଇତିତ ଜୀବନର ସ୍ୱପ୍ନ।" ତେଲ ସରିଥିବା ଦୀପାଳି ଶିଖା ଲିଭିଯିବା ପୂର୍ବରୁ ଧପ ଧପ ହୋଇ ଜଳିଲା ପରି ତା ଇତି ଜୀବନର ଆଶା ଓ ସ୍ୱପ୍ନ ଏଇ କୋଠା ବାଡିର ଶିକ୍ଷିତ ସମାଜରେ ଶିଖାଟେକି ଲିଭିଯାଇଥିଲା। ଭାଙ୍ଗିଦେଇଥିଲା ତା'ର ଆଶାର ସୌଧକୁ, ଏଇ ବିପ୍ଳବୀଯୁଗର, ଲାଲ ସାଗର ଡେଉ। ପାଗଳର





ରୂପ ଦେଇଥିଲା, ତାକୁ ଏଇ ପାଗଳ ସମାଜ। ପଥର କଟାଳି ହରି ମିସ୍ତ୍ରୀ ପଥର ଭିକାରୀହୋଇ ମନେ ମନେ କେତେ ହସିଲା ଆଉ କେତେ କାନ୍ଦିଲା। ଲୋକେ ତାକୁ ପାଗଳ କହିଲେ, ପିଲାମାନେ ପରିହାସ ଟାପରା କରି ଟେକାଫୋପାଡିଲେ।

ସେଇ ଦିନଟି ପୁଣି ମନେପଡିଲା ତା'ର, ହୁଏତ ରଙ୍ଗମଞ୍ଚର ସେ' ଦ୍ୱିତୀୟ ଅଙ୍କ। ସକାଳର ସୁଲୁସୁଲୁ ପବନରେ ସୁଲୋଚନାର ଫୁରୁଫୁରୁ ବାଳଗୁଡିକ ଉଡିଯାଉଥିଲା । ସକାଳ ସୂର୍ଯ୍ୟର ସୂନେଲି କିରଣର ପୂଟରେ ସୁଲୋଚନାର ସୁନ୍ଦର ଗୋଲାପି ମୁହଁଟି ପୂର୍ଣ୍ଣିମାର ଜହ୍ନପରି ଦିଶୁଥାଏ। ଆକାଶରେ ବିହଙ୍ଗମ ସଙ୍ଗୀତର ସୁରଛାଡି, ପବନ ସାଗରରେ ପହରୁଥାନ୍ତି। ଅଦୁରରୁ ଦେଉଳର ଘଣ୍ଟି ବାଜିଉଠୁଥାଏ। ଠିକ୍ ଏହି ସମୟରେ ସୁଲୋଚନା ଗାଇ ଦୁହୁଁ ଦୁହୁଁ କହିଲା, "ହଇହେ, ଆମ ଗାଁକୁ ଲାଗି ସରକାର ସହର ଗଡୁଛି। ତୁମେ କିଛି ମିସ୍ତ୍ରୀ କାମ ଦେଖୁନ କାହିଁକି? ଏଇ ଦେଖ ରଘୁ ମିସ୍ତ୍ରୀ, ରାମ ମିସ୍ତ୍ରୀ, ଗୋପି ମିସ୍ତ୍ରୀ କେମିତିକା ଗାଁ ଘର ବିକିଭାଙ୍ଗି ସହରକୁ ଚାଲିଗଲେଣି। ଆଜି ନରିଆ ମା' ପରା ମତେ ତା ପୁତୁରା ରଘୁଆ କଥା କହୁଥିଲା। ସେ କୁଆଡେ ସହର ବୁଲି ଯାଇଥିଲା ଯେ, ରଘୁଆ ମାଇକିନାକୁ ଦେଖି ତା' ଆଖି ଖୋସି ହୋଇଗଲା

ପରା !!! ତୁମେ ତ ଗୋଟେ କିଛି ନୁହଁ। ଖାଲି ଗାଁ ଗାଁ ଜମିବାଡି, କହି ହଳ ବଲ୍ଦ ମାଟିପଥର ଧରି ବସିଥିବ।" ଏଇ ତକ କହି ସୁଲୋଚନା ତା' ମିନାକ୍ଷୀଦ୍ୱୟରେ ଅଭିମାନିଆ ରାଗ ନେଇ ଚାହିଁ ପୁଣି ମୁହଁଟିକୁ ଫୁଲାଇଦେଇ ବୁଲେଇଦେଇ ଚାଳି ଭିତରକୁ ପସିଗଲା।

ହରିଆ ହଳ ଯୋଚୁଯୋଚୁ କହିଥିଲା, "ଏ ସହର ସୁଖ ଦରକାର ନାହିଁ ମୋତେ। ମୋ ଜମି, ଏ ଚାଳିଆ ଖଣ୍ଡିକ ମୋର ଥାଉ। ପିଲାପିଲି ମୋର ବଡ ହୋଇ ଚାଷବାସ କରନ୍ତୁ। ଭରଣରୁ ଦି ଭରଣେ, ଦୁଇ ରୁ ଚାରି ଭରଣ ଜମି ବଢୁ। ସେତିକିରେ ମୁଁ ସୁନା ଫଳାଇ ଖୁସିରେ ରହିବି।"

ଚାଳ ଭିତରୁ ଚିତ୍କାର ଶୁଭିଲା, "ତମେ ପଶୁ ନ ହୋଇ ମଣିଷ କାହିଁକି ହେଲ କେଜାଣି, ହଇହେ ମିସ୍ତ୍ରୀକାମ କରି ଦି ପଇସା ମିଳିଲେ ଏମିତି କେତେ ଜମି କିଣିପାରିବା। ମୋ କଥା ରଖି ଏଠୁ ବିକିବାକି ଚାଲ ସହର।"

"ଆଚ୍ଛା , ବିଚାର କରିବା।" ପାଟିର କଥା ପାଟିରେ ରଖି ସେଦିନ ସକାଳୁ ହଳବଳଦ ଧରି ବିଲ ମୁହାଁ ହୋଇଥିଲା ହରିଆ। ବଳଦ ବେକର ଘଣ୍ଟିଶବ୍ଦ ଶୁଣି ଶୁଣି ତା'ର ତାଳେ ତାଳେ ବିଚାରି ଚାଲିଥିଲା, ସତରେ କଣ ସେ ସହରକୁ ଯିବ?



ତୃତୀୟ ଅଙ୍କ ପରି ମନେ ପଡିଲା ପୁଣି ସେହି ଦିନର କଥା, ଯେଉଁ ଦିନ ସେ ଗାଁ ଛାଡି ସହରକୁ ଆସିଥିଲା। ଗାଁ କ୍ଷେତ ଗାଁ ମାଟି ହଳ ଲଙ୍ଗଳ ସବୁଛାଡି ସେ ଆସିଥିଲା ସହରକୁ କୋଠାବାଡିର ସ୍ୱପ୍ନ ଦେଖି, ହାତରେ ହଳ ଛାଡି ତାପିବାଡିକୁ ଧରିଥିଲ ଜୀବିକାର ମାଧ୍ୟମ ଭାବି ଭୂମି କଷଣ ନ କରି ବର୍ତ୍ତମାନ କୋଠାବାଡି ତିଆରିରେ ଭୂମି କଂପନ କରାଇବା ତା'ର ଜୀବନର ନିତିଦିନିଆ କଥା ହୋଇଗଲା।



ସହରର କେତେ କୋଠାବାଡି କାମ ସାରିବା ପରେ, ଜୀବନର ଶେଷ ଥରପାଇଁ ମିସ୍ତ୍ରୀକାମ କରିବାକୁ ଆସିଥିଲା ଏହି ଅଫିସ ଗଢିବା ପାଇଁ। ସେତେବେଳେ ସେ ଜଣେ ମୁଖିଆ ମିସ୍ତ୍ରୀ ବା ପେଟି କଣ୍ଟ୍ରାକ୍ଟର୍ ହୋଇସାରିଥିଲା। ଏଇ କୋଠାଟି ତିଆରି କରିବା ସମୟରେ ସେ କେତେ ଦୁର୍ନୀତି ଦେଖିଛି, କେତେ ଦୁର୍ନୀତି ନିଜେ ବି କରିଛି। ମନ ଇଚ୍ଛା ବାଲି ମିଶାଇଛି ସିମେଣ୍ଟ୍ ରେ। ଏ କୋଠାରେ ତ ଯାଗା ଯାଗାର ଠାଏଁ ଠାଏଁ ଫାଟ ଦେଖାଯାଉଛି। ରାତାରାତି ଲୁହା ଛଡ ଗୋଟିଏ ଯାଗାରୁ ଅନ୍ୟ ଗୋଟିଏ ଯାଗାକୁ ବୁହା ହୋଇଛି। ଓ ଇଂଜିନିୟରଙ୍କ ସହ ମିଶି କେତେ ଟଙ୍କା ଆଦାୟ କରିପାରିଥିଲା ସେ।

ଏଇ ଅଫିସକାମ ସରିବା ସଙ୍ଗେ ସଙ୍ଗେ ସେ ଛୋଟ ହେଲେ ମଧ୍ୟ ଏକ ଆଧୁନିକ ଘର ଖଣ୍ଡିଏ ସହରରେ କରିପାରିଥିଲା। ସୁଲୋଚନା ତ ଏକା ଥରକରେ ଗହ୍ଣାରେ ଗହଣ ହୋଇସାରିଥିଲା। ତା'ଙ୍କର ସବୁ ଦୁଃଖ ଦୁର ହୋଇଯାଇଥିଲା ବୋଧହୁଏ। ଝିଅଟିକୁ ଶିକ୍ଷିତ ଜ୍ୱାଇଁଟିଏ ହାତରେ ଦେଇ ପୁଅକୁ କଲେଜ୍‌ରେ ପାଠ ପଡାଇ ପାରିଥିଲା। ପୁଅ ପୁଣି ଇଂଜିନିୟର ହେଲେ ହରିଆ କାର୍ କିମ୍ବା ଜିପ୍‌ରେ ଚଢି ବଜାର ସଉଦା କରିବାର ସ୍ୱପ୍ନ ରଖିଥିଲା। ପୁଅକୁ ଇଂଜିନିୟର କରିବା ଆଶାନେଇ, ନୁଆ ଘରଟିକୁ ବି ବନ୍ଧା ପକାଇବାକୁ ପଛଘୁଞ୍ଚା ଦେଇନଥିଲା ସେ। କିନ୍ତୁ ତା ସ୍ୱପ୍ନ ସ୍ୱପ୍ନରେ ହିଁ ରହିଗଲା। ଆଶାର ଅସରନ୍ତି ତରଙ୍ଗମାଳା ମଧ୍ୟରୁ ଏକ ଏମିତି ତରଙ୍ଗ ତା ଜୀବନର ବେଳାଭୂମିରେ ଧକ୍କା ଦେଇ ଚାଲିଗଲାଯେ ଯାହା ଫଳରେ ସେ ଆଜି ସର୍ବହରା ରୂପନେବାକୁ ବାଧ୍ୟ ହେଲା। ଲୋକ ପାଗଳା କହିଲେ, ସେ ବି ନିଜେ ନିଜକୁ ପାଗଳ କହିଲା।

ମନ ତା'ର ଥରି ଉଠୁଥିଲା, ସେ ଅଫିସ କୋଠାଟି ଏକ ରାକ୍ଷସ ପରି ତାକୁ ଜଣାଗଲା। ଆଖିପତା ତା'ର ଭାରି ଭାରି ଲାଗିଲା, ଏବଂ ହୃଦୟରେ ସ୍ପନ୍ଦନ ଅଥୟ ହୋଇ ଉଠିଲା। ମନେ ହେଲା ସତେ ଯେମିତି ସେ ଅଫିସ କୋଠାତା'କୁ ତାଛଲ୍ୟ ହସ ହସି କହୁଛି, "କିରେ ସହରି ! ତୋ ସ୍ୱପ୍ନ ସଫଳ ହେଲା? ହାଃ ହାଃ ହାଃ, ଯେଉଁ ଭୂମି ଉପରେ ଶ୍ରାବଣର ସବୁଜ ରଙ୍ଗ ରଙ୍ଗାୟିତ ହୋଇଉଠିଥାନ୍ତା, ଆଉ ପୁଣି ମାର୍ଗଶୀରର ସୁବର୍ଣ୍ଣ ରଙ୍ଗରେ ଧାନବିଲ ଚହକି ଉଠନ୍ତା, ଦେଶର ହଜାର ହଜାର ଲୋକଙ୍କୁ ମୁଠାଏ ଅନ୍ନ ଦେବାପାଇଁ, ତୁ ତା ପ୍ରତି ଅବହେଳା କରି ଚାଲିଆସିଲୁ। ମୋ ପରି କେତୋଟି ଦାନବର ସୃଷ୍ଟିପାଇଁ, ସ୍ୱାର୍ଥ ବନରେ ଖାଣ୍ଡବ ଦହନ କଲୁ। ତୁ ପାପୀ, ହତ୍ୟାକାରୀ, ହତ୍ୟାକାରୀ ତୋ ନିଜ ପୁଅର।

□□□□ରେ ପାପୀ, ତୋ ସମାଜକୁ ଦେଖ୍ ଏଇଠି ଯୁବକ ଓ ଛାତ୍ରମାନେ ଜୀବନର ଭୂମିକାକୁ ଓ ଆଦର୍ଶକୁ ଭୁଲିଯାଇଛନ୍ତି। ସମାଜର ଅସାମାଜିକ ପରିବେଷ୍ଟନୀ ଭିତରେ। ଏଠି ଶାସକର ସଙ୍ଗୀନ୍ ମୁନରେ ଯୁବକର ତତଲା ରକ୍ତ ରାସ୍ତାକୁ ରଙ୍ଗୀନ୍ କରୁଛି, ଏଇଠି ଛୁଟିଛି ସ୍ୱାର୍ଥର ବିପ୍ଳବ। ନେତାଗିରୀର ଶସ୍ତା ପ୍ରହସନ, ହିଂସା ପଦଲୋଭ ଓ ପଦଲେହନ। ମୋ ଦେହଟା ଇଟା ପଥରରେ ଗଢା ହେଲେବି ତ ଏ ସବୁ ଭିତରେ ଫାଟି ଯାଉଛିରେ ପାପୀ, ମୋ ମନର ସିମେଣ୍ଟ୍ ଭିତରେ ବାଲି ଜଳୁଛି। ମୁଁ ଧ୍ୱଂସ ହେବି ଆଉ ତୁମ ସଭ୍ୟତାକୁ ଧ୍ୱଂସ କରିଦେବି, ହାଃ ହାଃ ହାଃ । ତୁ ଡରି ଯାଉଛୁନା, ତୋ ପୁଅର ରକ୍ତକୁ ରାସ୍ତା



**ଆହ୍ୱାନ୍**

କଡରେ, ଆଉ ତା ଲାଶ୍ ଟିକୁ ପୋଲିସ୍ ହାସପାତାଳର ରକ୍ତାକ୍ତ ବେଡ ଉପରେ ଦେଖି ସାରି ତୁ ପାଗଳ ହୋଇଥିଲୁ, ମୁଁ କିନ୍ତୁ ଏ ସମାଜଟାକୁ ପୁରା ପୁରି ପଙ୍ଗୁ ହେବାଯାଏଁ ଦେଖିବି। କାରଣ ତୁମେ ସବୁ କୁହ, ମୋର ହୃଦୟ୍ ନାହିଁ। ମୁଁ ପଥରରେ ଗଢା, ପଥରର ଜୀବନ ନାହିଁ।

ତୋ ଭଳି ଜଣେ ପାପୀର ପୁଅ 'ଦୁର୍ନୀତି ଦୁର ହେଉ, ସରକାର ବଦଳି ଯାଉ' କହି ବିପ୍ଳବ କରୁଥିଲା, ଆଉ ତୋ ଠାରୁ ବଳି ଅଧିକ ପାପୀର ଚୋଟରେ ତା'ର ବେକ କଟିଥିଲା। ମୁଁ ତୁମ ପାପରେ ଗଢାହୋଇଥିବା ହୃଦୟ୍‌ହୀନ ଏକ ନିର୍ଜୀବ ଅଫିସ କୋଠା, 'ଯେଉଁଠି ଦୁର୍ନୀତିର ଚବିଶି ଘଣ୍ଟା ନଗ୍ନ ନୃତ୍ୟ ହୁଏ', ଏକ ରାକ୍ଷସ ପରି ମୁଁ ପିଇଗଲି ତାର ରକ୍ତ। ମୁଁ ତୋ ପୁଅର ରକ୍ତ ପିଇଛି। ତୁ ମତେ ପିଇବାକୁ ଦେଇଛୁ ତୋ ପୁଅର ରକ୍ତକୁ। ହାଃ ହାଃ ହାଃ !"

ହରିଆ ସବୁ ପାଗଳଙ୍କପରି କାନ୍ଦି ଉଠିଲା, ଖୁବ ଉଚ୍ଚ ସ୍ୱରରେ, ଏବଂ ରାସ୍ତା କଡରୁ ଟେକା ପଥର ଗୋଟାଇ ସେଦିନ ଅଫିସ କୋଠା ଆଡକୁ ଫୋପାଡି ଚିତ୍କାର କଲା, "ରାକ୍ଷସ, ତୁ ରାକ୍ଷସ। ତୁ ମତେ ପାଗଳ କରିଛୁ, ତୁ କେବଳ ଦାୟୀ !"

ଅଫିସ କୋଠାର କେତୋଟି କାଚ ଝରକା ଚିତ୍କାର କରି ଭାଙ୍ଗିଯିବା ପୂର୍ବରୁ ହରିଆକୁ ପ୍ରତ୍ୟୁତ୍ତର ଦେଇଥିଲା, ସେ ଭାଷା କେବଳ ହରିଆ ହିଁ ବୁଝିଥିଲା।

କାରଣ ସେ ପାଗଳ।

ଗୌରୀପ୍ରସାଦ ମହାପାତ୍ର

୧୭-୬-୧୯୭୯

# ଶ୍ରୀ ଗୁରୁତତ୍ତ୍ୱ

ଶ୍ରୀମଦ୍ ଭାଗବତରେ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ଏପରି କହିଛନ୍ତି:

ନୃ ଦେହମାଦ୍ୟ ସୁଲଭଂ ସୁଦୁର୍ଲ୍ଲଭଂପ୍ଳବଂ ସୁକଳ୍ପ ଗୁରୁ କର୍ଣ୍ଣଧାରଂ,
ମୟ୍ୟାନୁକୁଳେନ ନଭସ୍ୱିତେରିତଂ ପୁମାନ୍ ଭବାବ୍ଧିନତରେତ୍ ସଆତ୍ମହା।

ଅର୍ଥାତ୍ ମନୁଷ୍ୟଜନ୍ମ ଅତ୍ୟନ୍ତ ଦୁର୍ଲ୍ଲଭ ଅଟେ। (କାରଣ ପଶୁପକ୍ଷୀ ଦେହରେ ସାଧନା ହୁଏନାହିଁ)। ପୁଣି ଏହି ମନୁଷ୍ୟଦେହ ସୁଲଭ ପ୍ରାପ୍ତ। (ସୁଯୋଗରେ ମିଳିଅଛି। ଏହି ସଂସାର ରୂପକ ସାଗର ପାରି ହେବାପାଇଁ ଶ୍ରୀଗୁରୁ ହେଉଛନ୍ତି ନାବିକ।) ମୋର କୃପା (ଭଗବାନଙ୍କ କୃପା) ହେଉଛି ଅନୁକୂଳ ବାୟୁ। (ନଉକା ଚଳାଇବା ପାଇଁ)। ଏପରି ସୁଯୋଗଥିବା ସତ୍ତ୍ୱେ, ମନୁଷ୍ୟ ଯଦି ସଂସାର ସାଗରରୁ ନ ତରେ, ତେବେ ସେ ଆତ୍ମଘାତି ଅଟେ। ଅତଏବ, ଶ୍ରୀଗୁରୁ ପାଦାଶ୍ରୟ ପୂର୍ବକ ତାଙ୍କରି ଉପଦେଶାନୁଯାୟୀ ମନୁଷ୍ୟ ଚଳିବା ଉଚିତ।

ଗୁର୍ବାଷ୍ଟକରେ ଶ୍ରୀଳ ବିଶ୍ୱନାଥ ଚକ୍ରବର୍ତ୍ତୀ ଗୁରୁଙ୍କ ବିଷୟରେ ଏପରି କହିଛନ୍ତି:□


ମା ମାର୍କାମ୍ବାଙ୍କ ପ୍ରତିମା


ମା ମାର୍କାମ୍ବାଙ୍କ ମନ୍ଦିର

ଯସ୍ୟ ପ୍ରସାଦାତ୍ ଭଗବତ୍ ପ୍ରସାଦା ଯସ୍ୟାପ୍ରସାଦାନ୍ନ ଗତିଃ କୁତୋଽପି ଧ୍ୟାୟନ୍ ସ୍ତୁବଂ ତସ୍ୟ ଯଶତ୍ରି ସନ୍ଧ୍ୟାଂ ବନ୍ଦେ ଗୁରୋଃଶ୍ରୀଚରଣାବିନ୍ଦମ୍।

ଶ୍ରୀଗୁରୁଦେବ ପ୍ରସନ୍ନ ହେଲେହିଁ ଶ୍ରୀ ଭଗବାନ ପ୍ରସନ୍ନ ହୁଅନ୍ତି। ଯାହା ପ୍ରତି ଗୁରୁଦେବ ପ୍ରସନ୍ନ ନ ହୁଅନ୍ତି, ତା'ର ଗତି ନାହିଁ। ଯାହାଙ୍କ ଯଶ ତ୍ରିସନ୍ଧ୍ୟାରେ ପାଠ କରାଯାଏ, ସେହି ଗୁରୁଦେବଙ୍କୁ ବନ୍ଦନା କରୁଅଛି।

ଶାସ୍ତ୍ରରେ କୁହାଯାଇଛି:□"ଗୁରୁଃ ସାକ୍ଷାତ୍ ପରଂବ୍ରହ୍ମ"।

ଶ୍ରୀମଦ୍ ଭାଗବତରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି:□

"ଆଚାର୍ଯ୍ୟଂ ମାଂ ବିଜାନୀୟାତ୍"

ଅର୍ଥାତ୍ ଆଚାର୍ଯ୍ୟ(ଗୁରୁ)ଙ୍କୁ ମୋର ସ୍ୱରୂପ ବୋଲି ଜାଣ। ସମସ୍ତ ଶାସ୍ତ୍ରରେ ଶ୍ରୀଗୁରୁଦେବଙ୍କୁ ସାକ୍ଷାତ୍ ଶ୍ରୀହରି ରୂପେ କୁହାଯାଇ ଅଛି। ଏହାର କାରଣ ହେଉଛି□ପରସ୍ପର ଗାଢ ପ୍ରୀତିଯୋଗୁଁ ସ୍ନେହରେ ବନ୍ଧନ ହେବା ଦୁଇଲୋକଙ୍କୁ ଯେପରି ଅଭିନ୍ନ ଅଙ୍ଗ ବୋଲି କୁହାଯାଏ, ସେହିଭଳି ଶ୍ରୀକୃଷ୍ଣଙ୍କ ପ୍ରିୟତମ ଭକ୍ତବୋଲି, ଶ୍ରୀକୃଷ୍ଣ ଓ ଶ୍ରୀଗୁରୁଦେବଙ୍କ ମଧ୍ୟରେ ଭେଦନାହିଁ।

ହରିଭକ୍ତିବିଳାସରେ ଏପରି ଉଲ୍ଲେଖ ଅଛି ଯେ:□

ପ୍ରଥମେ ଗୁରୁପୂଜା, ତା'ପରେ ଶ୍ରୀକୃଷ୍ଣଙ୍କୁ ପୂଜା କରିବାକୁ ହେବ।

"ଗୁରୁର୍ବ୍ରହ୍ମା, ଗୁରୁର୍ବିଷ୍ଣୁ, ଗୁରୁର୍ଦେବୋ ମହେଶ୍ୱରଃ ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମାତ୍ ସଂପୂଜୟେତ୍ ସଦା।"

ଅର୍ଥାତ□ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଏବଂ

ପରଂବ୍ରହ୍ମ ଯେପରି ପୂଜ୍ୟ, ସେପରି ଗୁରୁଦେବ ମଧ୍ୟ ପୂଜ୍ୟ ଅଟନ୍ତି। ଶ୍ରୀଗୁରୁଦେବ ହେଉଛନ୍ତି ଶ୍ରୀକୃଷ୍ଣଙ୍କ କୃପାମୂର୍ତ୍ତି। ଯେଉଁ ବସ୍ତୁ ପାଇବାପାଇଁ ଶିଷ୍ୟ ଆଜୀବନ ସାଧନା କରେ ସେହି ବସ୍ତୁକୁ ଶ୍ରୀକୃଷ୍ଣ ନିଜେ ନ ଦେଇ ଗୁରୁଙ୍କ ମାଧ୍ୟମରେ ଶିଷ୍ୟକୁ ପ୍ରଦାନ କରନ୍ତି । ଲାଟ୍‌ସାହେବଙ୍କୁ ଯେମିତି ରାଜାଙ୍କ ତୁଲ୍ୟ ମର୍ଯ୍ୟାଦା ଦିଆଯାଏ, ସେହିପରି ଗୁରୁଦେବଙ୍କୁ ମଧ୍ୟ ଶ୍ରୀକୃଷ୍ଣ ତୁଲ୍ୟ ବୋଲି ମନେ କରାଯାଏ । ଏଣୁ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି□ଶ୍ରୀଗୁରୁଙ୍କୁ ମୋର ସ୍ୱରୂପ ବୋଲି ଜାଣିବ । ତାଙ୍କୁ ମନୁଷ୍ୟ ବୁଦ୍ଧିକରି, ତାଙ୍କଠାରେ ଦୋଷ ଦର୍ଶନ କରିବ ନାହିଁ। ଗୁରୁ ସର୍ବଦେବୋମୟ ଅଟନ୍ତି ।ଅତଏବ ଏହି ଭବସାଗରରୁ ପାର ହେବାକୁ ହେଲେ, ଯେ କୋଣସି ମନୁଷ୍ୟକୁ ଗୁରୁପାଦାଶ୍ରୟ ଗ୍ରହଣ କରିବାକୁ ହେବ। ତେବେ ସେହି ଗୁରୁ ବୈଷ୍ଣବ ହୋଇଥିବା ନିତାନ୍ତ ଆବଶ୍ୟକ। ଗୁରୁ ଦେବଙ୍କ, କୂଳୀନ ଏବଂ ଯାଜ୍ଞୀକ ହୋଇଥିଲେ ମଧ୍ୟ ଯଦି ବୈଷ୍ଣବ ନୁହନ୍ତି, ସେ ଶ୍ରଦ୍ଧାଭକ୍ତି ଶିକ୍ଷା ଦେଇପାରିବେ ନାହିଁ। ଏହା ବୈଷ୍ଣବ ଶାସ୍ତ୍ରର ମତ।

ଏହିପରି ବୈଷ୍ଣବ ଗୁରୁଙ୍କ ଲକ୍ଷଣ ଭକ୍ତିଶାସ୍ତ୍ରରେ ଏପରି ଉଲ୍ଲେଖ ଅଛି:□

ଯିଏ ବିଷ୍ଣୁ ମନ୍ତ୍ରରେ ଦୀକ୍ଷିତ ଏବଂ ବିଷ୍ଣୁପରାୟଣ ସେ ହିଁ ବୈଷ୍ଣବ ବୋଲି କଥିତ ହୁଅନ୍ତି । ଶ୍ରୀ ଚୈତନ୍ୟ ମହାପ୍ରଭୁ କହିଛନ୍ତି□ "କୃଷ୍ଣତତ୍ତ୍ୱବେତ୍ତା" ହିଁ କେବଳ ଗୁରୁ ହୋଇପାରିବେ । କୃଷ୍ଣତତ୍ତ୍ୱବେତ୍ତାର ଅର୍ଥ ହେଉଛି□ଭାଗବତ୍ ଅନୁଭୂତି ସଂପର୍ଣ୍ଣ ବ୍ୟକ୍ତି। ଭାଗବତ୍ ଅନୁଭୂତି ସଂପର୍ଣ୍ଣ ବିଷୟରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି:□

"ମଦ୍ ଭିଜ୍ଞଂ ଗୁରୁଂଶାନ୍ତ ମୁପାସୀତ ମଦାତ୍ମକମ୍" ଅର୍ଥାତ୍ ମୋର ଭକ୍ତ ବାତ୍ସଲ୍ୟ ଆଦି ମହିମା ଯିଏ ଅନୁଭବ କରିଛନ୍ତି, ଯିଏ ଶାନ୍ତ, ସେହିପରି ଗୁରୁଙ୍କ ଉପାସନା କରିବ।

ଆଉ କିଛି ଲକ୍ଷଣ ନ କହି ଚୈତନ୍ୟ ମହାପ୍ରଭୁ ଗୁରୁଙ୍କର ସ୍ୱରୂପ ଲକ୍ଷଣଟି କହିଲେ□ "କୃଷ୍ଣତତ୍ତ୍ୱବେତ୍ତା"। କୃଷ୍ଣଙ୍କ ପ୍ରତି ପ୍ରେମ ନ ଥିଲେ କୃଷ୍ଣତତ୍ତ୍ୱର ଅନୁଭବ ହେବନାହିଁ। ଅତଏବ ଗୁରୁଦେବ ମହାଭାଗବତ ଅଟନ୍ତି।

ଦୀକ୍ଷାଗ୍ରହଣ ପରେ ଶିଷ୍ୟ ପକ୍ଷରେ ଗୁରୁଦେବ ପରଂବ୍ରହ୍ମ ତୁଲ୍ୟ ଏବଂ ସର୍ବଦେବମୟ ହୋଇଯାଆନ୍ତି । ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି□ନମର୍ତ୍ତ୍ୟ ବୁଦ୍ଧାସୂୟେତ୍ ସର୍ବଦେବ ମୟୋଗୁରୁ:' ଅର୍ଥାତ ଗୁରୁ ସର୍ବଦେବମୟ, ତାଙ୍କ ଠାରେ ମନୁଷ୍ୟବୁଦ୍ଧି (ମର୍ତ୍ତ୍ୟ ବୁଦ୍ଧି) ଆଦୋ କରିବନାହିଁ। ଦୋଷ ଦେଖିବ ନାହିଁ। ଏପରିକି ଶିଷ୍ୟ ଗୁରୁଙ୍କୁ କୃଷ୍ଣଙ୍କ ଆବିର୍ଭାବ ମନେ କରିବ। ଅନ୍ୟଥା ଗୁରୁଙ୍କୁ ଭକ୍ତି ବୋଲି ଭାବିଲେ, ତାଙ୍କ ପ୍ରତି ମନୁଷ୍ୟ ବୁଦ୍ଧି ଜାତ ହୋଇପାରେ। ଶାସ୍ତ୍ରରେ ଏପରି ଆଦେଶ ଅଛି:□

ପିତୃ ଦେବୋଭବ, ଆଚାର୍ଯ୍ୟ ଦେବୋଭବ। ଅର୍ଥାତ ପିତା ଏବଂ ଗୁରୁଙ୍କୁ ଦେବତା ଜ୍ଞାନ କରିବ।ପୁନଶ୍ଚ ଏପରି ମଧ୍ୟ ଶାସ୍ତ୍ରରେ ବର୍ଣ୍ଣିତ ଅଛିଯେ□'ବିନାଦୀକ୍ଷାହିଂ ପୂଜାୟାଂ ନାଧିକାରୋସ୍ତି କସ୍ୟଚିତ୍'। ଅର୍ଥାତ୍□ ଦୀକ୍ଷା ଭିନ୍ନ ଭାଗବତ ପୂଜାରେ କୋଣସି ବ୍ୟକ୍ତିର ଅଧିକାର ନାହିଁ। ଏଣୁ ପ୍ରତ୍ୟେକ ଭାଗବତସାଧକଙ୍କ ପାଇଁ ଗୁରୁଙ୍କଠାରୁ ଦୀକ୍ଷାଗ୍ରହଣ ନିତାନ୍ତ ଆବଶ୍ୟକ।

ଭଗବାନ ଶ୍ରୀରାମ ଗୁରୁଙ୍କ ବିଷୟରେ ଏପରି କହିଛନ୍ତି□

ନରତନୁ ଭବ ବାରିଧି କହୁଁ ବେରୋ
ସନ୍ମୁଖ ଲରୁତ ଅନୁଗ୍ରହ ମରୋ।
କରନଧାର ସଦ୍‌ଗୁରୁ ଦୃଢନାଵା ଦୁର୍ଲ୍ଲଭସାଜ
ସୁଲଭ କରିଗାଵା।
(ଶ୍ରୀ ଭା ଚ ମା ଉ କା)

ଅର୍ଥାତ୍□ ଭବସମୁଦ୍ରରେ ମନୁଷ୍ୟଦେହ ଜାହାଜ ପରି ପଡିଛି। ମୋର ଦୟା ଅନୁକୂଳ ପବନ ଅଟେ। କିନ୍ତୁ ସେ ଜାହାଜ ସଦ୍‌ଗୁରୁଙ୍କ ଭଳି କର୍ଣ୍ଣଧାରଙ୍କ ହାତରେ ନ ପଡିଲେ , ବିପଥଗାମୀ ହୋଇ ଲକ୍ଷ୍ୟଭ୍ରଷ୍ଟ ହୋଇଯାଏ। ସଦ୍‌ଗୁରୁ ହାତରେ ସମୁଦ୍ରପାର ହେବାକୁ ଦୃଢହୁଏ। ଏପରି ଦୁର୍ଲ୍ଲଭ ସୁବିଧା ଈଶ୍ୱରଙ୍କ ଦୟାରେ ସୁଲଭ ହୋଇ ମିଳିଛି।

**ଶ୍ରୀ ସୁରେନ୍ଦ୍ର ପଣ୍ଡା**
କୋଅପରେଟିଭ କଲୋନୀ-୨,
ବ୍ରହ୍ମପୁର-୪, ଓଡିଶା

---

ଓଡିଆ ସିନେମା ଜଗତର ଅପ୍ରତିଦ୍ୱନ୍ଦ୍ୱୀ ନାୟକ:

# ବିଜୟ ମହାନ୍ତି



ଓଡିଆ ସିନେମା ଆଉ ବିଜୟ ମହାନ୍ତି, ଦୁହେଁ ଦୁହିଁଙ୍କ ପରିପୂରକ। ଜଣେ ଅନ୍ୟ ଜଣକୁ ଛାଡି ରହିପାରିବ ନାହିଁ। ଚଳଚ୍ଚିତ୍ର ନିର୍ମାଣର ସମସ୍ତ ବିଭାଗକୁ ଛୁଇଁ ପାରିଥିବା ଏହି ପୋଖତ ଅଭିନେତା ଏକାଧାରରେ ଜଣେ ମୁଖ୍ୟ ଅଭିନେତା, ଖଳ ଅଭିନେତା, ଚରିତ୍ର ଅଭିନେତା, ବ୍ୟଙ୍ଗ ଅଭିନେତା ଓ ନିର୍ଦ୍ଦେଶକ ମଧ୍ୟ ଅଟନ୍ତି। ଦୀର୍ଘ ଅନେକ ବର୍ଷର ଅଭିଜ୍ଞତା ମଧ୍ୟରେ ଏହି ଅଭିନେତା ଓଡିଶାର ପୂରପଲ୍ଲୀରେ ରହୁଥିବା ସାମାନ୍ୟ ଜନସାଧାରଣଙ୍କ ଠାରୁ ଆରମ୍ଭକରି ପ୍ରାୟ ପ୍ରତ୍ୟେକ ଓଡିଆଙ୍କ ପ୍ରିୟ ହୋଇପାରିଛନ୍ତି। "ଚିଲିକା ତୀରେ" ଚଳଚ୍ଚିତ୍ରରୁ ନିଜର ଅଭିନୟ ଜୀବନର ଅୟମାରମ୍ଭ କରିଥିବା ଏହି ଅଭିନେତା ଜଣେ ମହାନ ବ୍ୟକ୍ତିତ୍ୱର ଅଧିକାରୀ। ଏହି ମହାନୁଭବ କଳାକାରଙ୍କୁ ସମ୍ମାନ ଜଣାଇ "ଆହ୍ୱାନ"ର ଏହି ସଂସ୍କରଣରେ ଆଣିଛୁ, ଏହି ବ୍ୟକ୍ତିତ୍ୱର କିଛି ଝଲକ।

କେନ୍ଦ୍ରାପଡା ଅନ୍ତର୍ଗତ ପାଣ୍ଡିରି ନାମକ ଅଜଣା ପଲ୍ଲୀରେ ଜନ୍ମଗ୍ରହଣ କରିଥିବା ଏହି ବ୍ୟକ୍ତି ଜଣକ ଯେ ଦିନେ କଳାକୁ ଏକ ଉଚ୍ଚତା ଦେବ ତାହା ଶିଶୁ ବୟସରୁ ହିଁ ଜଣା ପଡିଥିଲା। ସ୍କୁଲ୍‌ରେ ପାଠ ପଢିଲା ବେଳେ ମାଷ୍ଟ୍ରଙ୍କ ବେତକୁ ଡରି ରଙ୍ଗମଞ୍ଚ ଉପରେ ଠିଆହେବାକୁ ପ୍ରୟାସକରୁ କରୁ ମଞ୍ଚ ଉପରେ କଚାଡିହୋଇ ପଡିବାର ନିଖୁଣ ଅଭିନୟ ଏତେ ସୁନ୍ଦର ଭାବରେ କରିଥିଲେ ଯେ ସେ ପିନ୍ଧିଥିବା ଗାମୁଛା ଖଣ୍ଡିକ ଦେହରୁ ବାହାରି ଯାଇଥିଲା, ଏଥିରେ

ଲଜ୍ଜିତ ରାଜା (ଡାକ ନାମ) ସ୍କୁଲ୍ ପିଣ୍ଡା ମାସାଧିକ କାଳ ଯାଇନଥିଲେ। ସେ ଯା ହେଉ ତା'ଙ୍କ ଜୀବନରେ ଅଭିନୟପ୍ରତି ସ୍ପୃହା ଜନ୍ମ ନେଇଥିଲା ନିଜ ଗାଁରୁ। କିନ୍ତୁ ଗ୍ରାମ୍ୟ ଜୀବନର



ସରଳତା ଆଉ ଦାରିଦ୍ର୍ୟ ଯୋଗୁଁ ସେ ବାଧ୍ୟହୋଇଥିଲେ ଅଳ୍ପ ବୟସରୁ ଚାକିରୀ କରିବା ପାଇଁ। ଟ୍ରାନ୍ସପୋର୍ଟ୍ ବିଭାଗରେ କିରାଣୀ ଥିବା ବେଳେ ହିଁ ଅଧିକ ଶିକ୍ଷାଗ୍ରହଣ କରିବା ଇଛା ତାଙ୍କୁ ଟାଣିଆଣିଥିଲା, ବାରିପଦାର ଏମ୍ ପି ସି ନାଇଟ୍ କଲେଜକୁ। ସେଇଠି କିନ୍ତୁ ସେ ସ୍ୱେଚ୍ଛାରେ ଆଗ୍ରହ ପ୍ରକାଶ କରି ଭାଗନେଇଥିଲେ କଲେଜ ଡ୍ରାମାରେ ଆଉ କଲେଜ ଜୀବନର ପ୍ରଥମ ବର୍ଷ ହିଁ ସେ ପାଇଥିଲେ ଶ୍ରେଷ୍ଠ ଅଭିନେତାର ପଦକ। ଆଉ ଏହା ପରେ ଆରମ୍ଭ ହେଲା ନାଟକର ନିଶା। ପ୍ରତି ବର୍ଷ ନାଟକ ଖେଳିବାରେ ମାତିଗଲେ ଯୁବକ ବିଜୟ। ଆଉ ସେଇଥିପାଇଁ କିଛି ସମଭାବାପନ୍ନ ବନ୍ଧୁଙ୍କୁ ନେଇ ସେ ଗଢିଥିଲେ

ଏକ ନାଟ୍ୟ ସଂସ୍ଥା, "ଯୁଗେଚ୍ଛା ନାଟ୍ୟ ସଂସ୍ଥା"। ଏହି ନାଟକ ପରେ ନାଟକ ତାଙ୍କୁ ଟାଣି ଆଣିଲା ଅନେକ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଯେଉଁମାନଙ୍କ ମଧ୍ୟରେ ଥିଲେ ଶ୍ରୀ ପ୍ରସନ୍ନ ମହାନ୍ତି, ଯାହାଙ୍କ ପ୍ରେରଣାରେ ଅଭାବସତ୍ତ୍ୱେ ସେ ଯାଇ ଯୋଗଦେଲେ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ (ନ୍ୟାସନାଲ୍ ସ୍କୁଲ୍ ଅଫ୍ ଡ୍ରାମା) ଦିଲ୍ଲୀ। ଅବଶ୍ୟ ତାଙ୍କର ଏତାଦୃଶ କାର୍ଯ୍ୟକଳାପ ଯୋଗୁଁ ପରିବାର ଲୋକ ଅଶାନ୍ତି ପ୍ରକଟ କରିଥିଲେ, କିନ୍ତୁ ଯାହା ଭାଗ୍ୟରେ ଲେଖାଥିଲା ଓଡିଶା ଚଳଚ୍ଚିତ୍ର ଜଗତର ସିତାରା ହେବା ସେ ବା କେମିତି ସାଧାରଣ କିରାଣୀ ଚାକିରି କରି ରହିପାରିଥାନ୍ତା।। ହିନ୍ଦି ଚଳଚ୍ଚିତ୍ର ଜଗତର ଅନେକ ନାମୀ କଳାକାର ମାନଙ୍କ ସହିତ ସେ ପାଠ ପଢିବାର ସୁଯୋଗ ପାଇଥିଲେ ଏବଂ ଚାହିଁଥିଲେ ହିନ୍ଦି ଚଳଚ୍ଚିତ୍ରରେ ଅଭିନୟ ବି କରିପାରିଥାଆନ୍ତେ କିନ୍ତୁ ନିଜ ମାତୃଭାଷା ଓ ମାତୃଭୂମୀପ୍ରତି ତାଙ୍କର ମମତା ତାଙ୍କୁ ଟାଣି ଆଣିଥିଲା ଓଡିଶାକୁ।

ଓଡିଶାରେ ସେ ପ୍ରଥମ ଚଳଚ୍ଚିତ୍ର ଭାବରେ ଅଭିନୟ କରିଥିଲେ, "ସଂକଳ୍ପ" ଚଳଚ୍ଚିତ୍ରରେ, ଯାହାକୁ ବସନ୍ତ ମହାପାତ୍ର ନିର୍ଦ୍ଦେଶନା ଦେଉଥିଲେ, କିନ୍ତୁ ଦୁର୍ଭାଗ୍ୟ ବଶତଃ ଅଧାରୁ ହିଁ ବନ୍ଦ ହୋଇଗଲା ଏହି ଚଳଚ୍ଚିତ୍ର। ଏହାପରେ ଜାନୁଆରୀ ୧୪, ୧୯୭୭ ମସିହାରେ ସେ ପାଇଥିଲେ ସଂଗୀତ ନାଟକ ମହାବିଦ୍ୟାଳୟରେ ଅଧ୍ୟାପକ ପଦବୀ। ଆଉ ଏହାପରେ ସେ ପାଇଲେ ଚଳଚ୍ଚିତ୍ର "ଚିଲିକାତୀରେ"। ବିପ୍ଳବ ରାୟ ଚୋଧୁରୀଙ୍କ ଦ୍ୱାରା ନିର୍ମିତ ଏହି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ପରେ ପରେ ବସନ୍ତ ନାୟକଙ୍କ ଚଳଚ୍ଚିତ୍ର "ନାଗଫାସ"ରେ ସେ ଖଳ ଅଭିନୟ କରିଥିଲେ। ଆଉ ପ୍ରଥମେ "ନାଗଫାସ" ଚଳଚ୍ଚିତ୍ର ହିଁ ରିଲିଜ୍ ହେଲା, ଯାହା ଫଳରେ ପ୍ରଯୋଜକ ଓ ନିର୍ଦ୍ଦେଶକମାନେ ପାଇଗଲେ ଚଳଚ୍ଚିତ୍ରପାଇଁ ଯୋଗ୍ୟ ଜଣେ ଖଳନାୟକ। ଏହାପରେ ସେ ପାଇଲେ ଅନେକ ଚଳଚ୍ଚିତ୍ର ଯେଉଁଥିରେ ସେ ଖଳ ଅଭିନୟକୁ ଜୀବନ୍ତ କରି ଦେଖାଇଥିଲେ। ସେହି ସବୁ ଚଳଚ୍ଚିତ୍ର ଭିତରେ ଥିଲା, ପିପାସା, ପତିପତ୍ନି, ସଉତୁଣୀ, ସମୟ ବଡ ବଳବାନ, ଦଣ୍ଡାବାଳୁଙ୍ଗା, ସହରୀବାଘ, ଚକା ଭଉଁରୀ, ଚକା ଆଖି ସବୁ ଦେଖୁଛି, ମମତାର ଡୋରୀ ଇତ୍ୟାଦି ଚଳଚ୍ଚିତ୍ରରେ ନିଜର ଜୀବନ୍ତ ଅଭିନୟ ଦ୍ୱାରା ଓଡିଶାର ଅଗଣିତ ଚଳଚ୍ଚିତ୍ର ପ୍ରେମୀଙ୍କ ମନରେ ଛାପ ଦେଇଗଲେ ସେ।

"କାବେରୀ" ଚଳଚ୍ଚିତ୍ରରେ ପ୍ରଥମ ଥରପାଇଁ ଚରିତ୍ର ଅଭିନେତା ଭାବରେ ଦେଖାଦେଲେ ବିଜୟ ମହାନ୍ତି। ଏହାର ଠିକ ପରେ ପରେ "ଜଗା ହାତରେ ପଘା" ଚଳଚ୍ଚିତ୍ରରେ ମୁଖ୍ୟ ଅଭିନେତାଭାବରେ କାମ କରି ସେ ଦେଖାଇଦେଲେ ଯେ ସେ କେବଳ ଖଳ ଅଭିନୟ ହିଁ ନୁହେଁ ବରଂ ମୁଖ୍ୟ ଅଭିନେତା ବି ହୋଇ ପାରନ୍ତି। ଆଉ ତା ପରେ ପରେ ଯେତେ ଚଳଚ୍ଚିତ୍ର ଆସିଛି ପ୍ରାୟ ସବୁଥିରେ ସେ ଚରିତ୍ର ଅଭିନେତା ଭାବରେ ମୁଖ୍ୟ ଭୂମିକା ତୁଲାଇଛନ୍ତି। "କି ହେବ ଶୁଆ ପୋଷିଲେ, ଭୀଷ୍ମ ପ୍ରତିଜ୍ଞା, ଭାଇ ହେଲା ଭଗାରୀ, ସୁନା ପଞ୍ଜୁରୀ, ଲକ୍ଷ୍ମଣ ରେଖା, ରାକ୍ଷୀ ଭିଜିଗଲା ଆଖି ଲୁହରେ" ଇତ୍ୟାଦି ଚଳଚ୍ଚିତ୍ରରେ ବିଜୟ ମହାନ୍ତିଙ୍କ ଅଭିନୟକୁ ଦର୍ଶକ ଜମା ଭୁଲିପାରିବେ ନାହିଁ।

ନିଜର ପ୍ରଥମ ଚଳଚ୍ଚିତ୍ରରେ ତାଙ୍କ ବିପକ୍ଷରେ ଥିବା ଅଭିନେତ୍ରୀ ତନ୍ଦ୍ରା ରାୟଙ୍କୁ ନିଜର ବାସ୍ତବିକ ଜୀବନରେ ସହଧର୍ମୀଣୀ ରୂପରେ ସ୍ୱୀକାର କରିଥିଲେ ସେ। ସ୍ତ୍ରୀ ଯଦି ସହଧର୍ମିଣୀ ସହିତ ସହକର୍ମିଣୀ ବି ହୋଇଥାଏ ତାହେଲେ ଜୀବନ୍ରେ କିଛି ଦୁଃଖ ଅସୁବିଧା ରହେନାହିଁ। ପରିବାରର ଆରମ୍ଭ ସହିତ ବିଜୟ ବାବୁ ପାଦ ଦେଇଥିଲେ ନିର୍ଦ୍ଦେଶନା କ୍ଷେତ୍ରରେ କିନ୍ତୁ ଭାଗ୍ୟଦେବୀ ପ୍ରସନ୍ନ ହେଲେନି ବୋଧହୁଏ। ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ପ୍ରଥମ ଓ ବର୍ତ୍ତମାନ ସୁଧା ଏକ ଚଳଚ୍ଚିତ୍ର "ଭୂଲି ହୁଏନା"(୧୯୮୭) ଦର୍ଶକ ମାନଙ୍କୁ ଆମୋଦିତ କରିପାରିଲା ନାହିଁ। ପରେ ପରେ ଶ୍ରୀ ଜଗନ୍ନାଥ ନାମରେ ଏକ ଚଳଚ୍ଚିତ୍ର ନିର୍ମାଣ କରିବାର ସ୍ୱପ୍ନ ଦେଖୁଥିବା ବିଜୟଙ୍କ ସେହି ସ୍ୱପ୍ନ କେବେ ପୂରଣ ହେବ ତାହାକୁ ଆମେ ସମସ୍ତେ ଚାହିଁ ରହିଥିବୁ।



ଅନେକ ବିଶିଷ୍ଟ ଉପାଧୀ ଓ ପୁରସ୍କାର ଦ୍ୱାରା ସମ୍ମାନିତ ବିଜୟ ମହାନ୍ତି । "ଆରତୀ, ମମତା ମାଗେ ମୁଲ, ଆମ ଘର ଆମ ସଂସାର, ଭାଇ ହେଲା ଭଗାରୀ" ଇତ୍ୟାଦି ଚଳଚ୍ଚିତ୍ରରେ ନିଖୁଣ ଅଭିନୟ କରି ସେ ପାଇଛନ୍ତି ରାଜ୍ୟ ସରକାରଙ୍କ ଠାରୁ ପୁରସ୍କାର। କଳା ପାଇଁ ତାଙ୍କର ବ୍ରତ ଓ ଯୋଗଦାନ ପାଇଁ ସେ ପଦ୍ମ କେଶରୀ ଓ ବୈଷ୍ଣବ ପାଣି ପୁରସ୍କାର ପାଇଛନ୍ତି । ଏତଦ୍‌ବ୍ୟତୀତ ସେ ପାଇଛନ୍ତି ରାଷ୍ଟ୍ରୀୟ ଏକତା ପୁରସ୍କାର।

ଓଡିଆ ଚଳଚ୍ଚିତ୍ରର ଏହି ବିଶିଷ୍ଟ କଳାକାର ସଂପ୍ରତି ଓଡିଆ ଟେଲିଭିଜନ କାର୍ଯ୍ୟକ୍ରମରେ ବ୍ୟସ୍ତ ଅଛନ୍ତି । "ଆଶାର ଆଲୋକ, ଶ୍ରୀ ଜଗନ୍ନାଥ, ସାରା ଆକାଶ, ସମୟ ଚକ, ସକାଳର ଅପେକ୍ଷାରେ" ଇତ୍ୟାଦି ଧାରାବାହିକରେ ସେ ଅଭିନୟ କରୁଛନ୍ତି। ଏହା ବ୍ୟତୀତ ସେ ବିଭିନ୍ନ ପ୍ରକାରର ଆଲ୍‌ବମ୍‌ରେ ମଧ୍ୟ ଅଭିନୟ କରୁଛନ୍ତି । ବିଜୟ ମହାନ୍ତି ଅଭିନିତ ଚଳଚ୍ଚିତ୍ର ଗୁଡିକର ନାମ ପ୍ରକାଶ କରିବା ଆମ ପକ୍ଷରେ ସମ୍ଭବ ନୁହେଁ।

୧୯୭୭ ନାଗଫାସ

୧୯୭୮ ଚିଲିକା ତୀରେ, ପିପାସା, ପତିପତ୍ନି

୧୯୮୦ ସଉତୁଣୀ

୧୯୮୧ କିଏ ଜିତେ କିଏ ହାରେ, ଆରତୀ,

୧୯୮୨ ଟିକେ ହସ ଟିକେ ଲୁହ, ସମୟ ବଡ ବଳବାନ, ହିସାବ ନିକାସ

୧୯୮୩ ରାମ ରହିମ୍, ସ୍ୱପ୍ନ ସାଗର

୧୯୮୪ ଦଣ୍ଡା ବାଳୁଙ୍ଗା, ଡୋରା, ଜୀବନ ସଂଗ୍ରାମ, ଜନନୀ, କାବେରୀ, ଜାଇଫୁଲ,

୧୯୮୫ ଜଗା ହାତରେ ପଘା, ପୂଜାଫୁଲ, ହାକିମ୍ ବାବୁ, ଶଙ୍ଖା ସିନ୍ଦୂର, ସହରୀ ବାଘ, ମମତା ମାଗେ ମୂଲ

୧୯୮୬ ନଳ ଦମୟନ୍ତୀ, ସତ କେବେ ଲୁଚି ରହେନା, ଏଇ ଆମ ସଂସାର, ଚକା ଭଉଁରୀ, ସଂସ୍କାର, ମାଣିକ, ଛ'ମାଣ ଆଠ ଗୁଣ୍ଠ

୧୯୮୭ ବଧୂ ନିରୁପମା, ଭୁଲି ହୁଏନା, ଏଇତ ଦୁନିଆ, ବାସନ୍ତୀ ଅପା

୧୯୮୮ ଥିଲି ଝିଅ ହେଲି ବୋହୁ, ସୁନା ଚଢେଇ, କସ୍ତୁରୀ, ବଡ ଭାଉଜ, ପୁଅ ମୋର କଳା ଠାକୁର, ଯାହାକୁ ରଖିବେ ଅନନ୍ତ

୧୯୮୯ ସାଗର, ମମତାର ଡୋରୀ, ଚକା ଆଖି ସବୁ ଦେଖୁଛି, ପ୍ରତିଶୋଧ ଅପରାଧ ନୁହେଁ, ଶାସ୍ତି, ବିଧିର ବିଧାନ, ଆସୁଛି ମୋ କାଳିଆ ସୁନା

୧୯୯୦ ମା' ମୋତେ ଶକ୍ତି ଦେ, ଦଇବ ଦଉଡି, ହସ ଲୁହ ଭରା ଦୁନିଆ, ଚକାଡୋଳା କରିଛି ଲୀଳା, ଏଇ ସଂଘର୍ଷ, ଠାକୁର ଅଛନ୍ତି ଚଉବାହାକୁ

୧୯୯୧ ବସ୍ତ୍ର ହରଣ, ଆମ ଘର ଆମ ସଂସାର, କି ହେବ ଶୁଆ ପୋଷିଲେ, କୋଟିଏ ମଣିଷ ଗୋଟିଏ ଜଗା,

୧୯୯୨ ଘର ମୋର ସ୍ୱର୍ଗ, ପଞ୍ଜୁରୀ ଭିତରେ ଶାରୀ, ଏଇ ଆଖି ଆମ ସାକ୍ଷୀ,

୧୯୯୩ ନାଗ ପଞ୍ଚମୀ, ଭୀଷ୍ମ ପ୍ରତିଜ୍ଞା, ଅଣ୍ଟି ଛୁରୀ ତଣ୍ଟି କାଟେ, ପଥର ଖସୁଛି ବଡ ଦେଉଳୁ, ଭାଗ୍ୟ ହାତେ ଡୋରୀ, ମୋ କାହ୍ନୁରେ

୧୯୯୪ ଭାଇ ହେଲା ଭଗାରୀ, ଗୋପରେ ବଢୁଛି କଳା କହ୍ନାଇ, ଲକ୍ଷେ ଶିବ ପୂଜି ପାଇଛି ପୁଅ, ପାଚେରୀ ଉଠିଲା ମଝିଦୁଆରୁ

୧୯୯୫ ସୁଭଦ୍ରା, ସୁନା ପଞ୍ଜୁରୀ,

୧୯୯୬ ସାକ୍ଷୀ ରହିବ ମୋ ଶଙ୍ଖା ସିନ୍ଦୂର, ଲକ୍ଷ୍ମଣରେଖା, ବସୁଧା, ଶାଶୁ ହାତକଡି ନଣନ୍ଦ ବେଡି,

୧୯୯୭ ରାକ୍ଷୀ ଭିଜିଗଲା ଆଖି ଲୁହରେ, କଥା ରହିଥିବ କାଳ କାଳକୁ, କିଏ କାହାର, ଜୀବନସାଥୀ, ସାବିତ୍ରୀ

୧୯୯୮ ରାମ ଲକ୍ଷ୍ମଣ, ଲକ୍ଷ୍ମୀପ୍ରତିମା, ବାବୁ ପରଶୁରାମ, ବୋଉ

୧୯୯୯ ମା' ଓ ମମତା, ମନ ରହିଗଲା ତୁମରିଠାରେ, ଜନ୍ମଦାତା, କିଏ ପୋଛିବ ମା' ଆଖିର ଲୁହ, ରକତ ଚିହ୍ନିଛି ନିଜର କିଏ

୨୦୦୦ ସହର ଜଳୁଛି, କାଶିଆ କପିଳା, ମହାସଂଗ୍ରାମ,

୨୦୦୧ ସିନ୍ଦୂର ନୁହେଁ ଖେଳ ଘର, ମୋ କୋଳ ତୋ ଝୁଲଣା, ଧର୍ମ ଦେବତା, ଧର୍ମ ସହିଲେ ହେଲା

୨୦୦୨ ନାରୀ ନୁହେଁ ତୁ ନାରାୟଣୀ, ସମୟ ଚକରେ ସଂସାର ରଥ, ପୁଅ ମୋର ଜଗତ ଜିତା, ତୋ ଆଖି ମୋ ଆଇନା

୨୦୦୩ କୂଳ ନନ୍ଦନ

୨୦୦୪ ରହିଛି ରହିବି ତୋ'ରି ପାଇଁ, ଆଇ ଲଭ୍ ୟୁ, ଅଗ୍ନି ପରୀକ୍ଷା, କଥା ଦେଇଥିଲି ମା'କୁ, ସାକ୍ଷୀ ରହିଲା ଏ ସିଂହ ଦୁଆର, ଧର୍ମର ହେବ ଜୟ, ବର୍ଷା ମାଇଁ ଡାର୍ଲିଂ,

୨୦୦୫ ପ୍ରିୟା ମୋ ପ୍ରିୟା, ବାଜି, ତୋତେ ମୋ ରାଣ, ମୋ ମନ ଖାଲି ତୋ'ରି ପାଇଁ, ପ୍ରେମୀ ନଂ ୱାନ୍, ତୁ ମୋ ଆଖିର ତାରା, ଜୟ ଶ୍ରୀ ରାମ, ବାବୁ! ଆଇ ଲଭ୍ ୟୁ, ମୋ ସୁନା ପୁଅ

ବିଜୟ ମହାନ୍ତିଙ୍କ ଅଭିନିତ କିଛି ଧାରାବାହିକ ହେଲା: ଆଶାର ଆଲୋକ, ଶ୍ରୀ ଜଗନ୍ନାଥ, ସାରା ଆକାଶ, ସକାଳର ଅପେକ୍ଷାରେ, ବିଧାତାର ଖେଳ, ଆତତାୟୀ,

ହାୱା ହାୱା, ସମୟର ଚକ, ନ ଦେଖିଲା ଲୋକ ଦେଖ, ମହାଯଜ୍ଞ, ସମୟ ଖେଳେ ଖେଳ, ଅନ୍ଧ ଦୁନିଆ, ଦିନ ଚାଲିଯାଏ କଥା ରହିଯାଏ।

## ଅନୁରୋଧ

ଆପଣ ମାନେ ବର୍ତ୍ତମାନ ଦେଖିଥିବେ ଆମ ନୁତନ ୱେବ୍ ସାଇଟ୍‌କୁ। ଆମେ ଜାଣିବାକୁ ଚାହୁଁଛୁ ଏହି ୱେବ୍‌ସାଇଟ୍‌ରେ ଆଉ କେଉଁ ପ୍ରକାରର ପରିବର୍ତ୍ତନ ଆଣି ଆମେ ଏହାକୁ ଅଧିକ ସୁନ୍ଦର ଓ ତଥ୍ୟସମ୍ବଳିତ କରିପାରିବୁ । ଆପଣମାନେ ଦେଖିଥିବେ ଏହି କାହାଣୀ ଯେଉଁଥିରେ ଓଡିଆ ଚଳଚ୍ଚିତ୍ର ଜଗତର ବିଖ୍ୟାତ ଅଭିନେତା ବିଜୟ ମହାନ୍ତିଙ୍କ ବିଷୟରେ ଲେଖା ବାହାରିଥିଲେ ବି ଚିତ୍ରର ଘୋର ଅଭାବ ରହିଗଲା। ମୁଁ ଇଣ୍ଟର୍‌ନେଟ୍‌ରେ ବାରମ୍ବାର ଖୋଜିବା ସତ୍ତ୍ୱେ ବିଜୟ ମହାନ୍ତିଙ୍କ ପରି ବ୍ୟକ୍ତିତ୍ୱଙ୍କ ଚିତ୍ର ପଛେ ଥାଉ ଦୁଇପଦ ଲେଖା ବି ପାଇଲିନି। ଏହା ଅତ୍ୟନ୍ତ ଦୁଃଖର ବିଷୟ। ଓଡିଆ ଓ ଓଡିଶାକୁ ଭଲପାଉଥିବା ପ୍ରତ୍ୟେକ ବ୍ୟକ୍ତି ଏହାକୁ ନିଜର ଅପମାନ ବୋଲି ଭାବିବା ଉଚିତ। ଭବିଷ୍ୟତରେ ଏହିପରି ଅସୁବିଧା ପୁଣିଥରେ ନ ହେଉ ସେଇଥିପାଇଁ ଆମେ ଅନୁରୋଧ କରୁଛୁ, ଯଦି ଆପଣଙ୍କ ପାଖରେ ଓଡିଶାର ଚଳଚ୍ଚିତ୍ର ଜଗତର କଳାକାରଙ୍କ ଚିତ୍ରଥାଏ ତେବେ ଆମ ପାଖକୁ ପଠାନ୍ତୁ। ଧନ୍ୟବାଦ।

# ବୁଢିଆ ସିଂ



୨୦୦୫ ବର୍ଷଥିଲା ଓଡିଶା ପାଇଁ ଏକ ସ୍ମରଣୀୟ ବର୍ଷ। ଘଟଣାବହୁଳ ଏହି ବର୍ଷରେ ଓଡିଶାର ପ୍ରାୟ ପ୍ରତ୍ୟେକ ନିରିହ ଜନତାକୁ ଦୋହଲାଇ ଦେଲାଭଳି ଖବର ସୃଷ୍ଟି ହୋଇଥିଲା। ଏହି ସବୁ ମଧ୍ୟରେ ଥିଲା ଏକ ଅନନ୍ୟ ସମ୍ବାଦ, ବିସ୍ମୟ ବାଳକ "ବୁଢିଆ ସିଂ"ର ଅଭ୍ୟୁଦୟ। ଯିଏ ଥକି ନ ଯାଇ ଦଉଡି ପାରୁଥିଲା ଅନେକ ଦୁରତା।

ଓଡିଶାର ରାଜଧାନୀ, ମନ୍ଦିରମାଳିନୀ, ଏକାମ୍ର ନଗରୀ ଭୁବନେଶ୍ୱରର ସୁଉଚ୍ଚ ଅଟାଳିକା ମଧ୍ୟରେ ଲୁଚି ରହିଥିବା ଏକ ଅଜଣା ବସ୍ତିରେ ରହେ ଏକ ଗରିବ ପରିବାର। ସେହି କାଦୁଅ ଭିତରୁ କମଳର ଜନ୍ମ ହେବାପରି ଏହି ବସ୍ତିରୁ ଜନ୍ମ ନେଇଥିଲା ଏକ ଅନନ୍ୟ ପ୍ରତିଭା, ବୁଢିଆ। ପିତା ରାଜଧାନୀର ରାଜରାସ୍ତାରେ ଟ୍ରଲି ଚାଳନା କରି ଯାହା ଅର୍ଥ ଉପାର୍ଜନ କରନ୍ତି ସେଥିରେ ସେମାନଙ୍କ ଆର୍ଥିକ ଅବସ୍ଥା ସୁଧୁରିପାରେନି। ମା ସୁକାନ୍ତି ସିଂ ମଧ୍ୟ



ଅନେକ ବଡ ଘରେ କାମ କରନ୍ତି, ଏବଂ ଦୁଇ ପ୍ରାଣୀ ଯାହା ଅର୍ଜନ କରନ୍ତି ତାକୁ ନେଇ ଚଳେ ତିନିଜଣିଆ ଏହି ଛୋଟ ପରିବାର।

ରାଜଧାନୀରେ ସ୍ଥିତ ଅଧିକାଂଶ ଗଗନଚୁମ୍ବୀ କୋଠାର ନିର୍ମାଣରେ ଏହି ବସ୍ତିର ହାତ ରହିଛି ସତ କିନ୍ତୁ କେହି ଏହି ବସ୍ତିକୁ କେବେ ଆସି ଦେଖିନାହାନ୍ତି, ଏଠାରେ ରହୁଥିବା ମନୁଷ୍ୟମାନଙ୍କ ଅବସ୍ଥିତି। ଏପରି ପରିସ୍ଥିତିରେ ମା ସୁକାନ୍ତି ନିଜ ପୁଅର ଭବିଷ୍ୟ ଗଢିବାକୁ ନେଇ ଚିନ୍ତିତ ହୋଇ ମାତ୍ର ୮୦୦ ଟଙ୍କାରେ ଟେକିଦିଅନ୍ତି ଜନୈକ କ୍ରୀଡା ଶିକ୍ଷକ ବିରଞ୍ଚି ଦାସଙ୍କ ହାତରେ। ଏହି ପ୍ରତିଷ୍ଠିତ କ୍ରୀଡା ଶିକ୍ଷକ ଜଣକ ନିରିହ ବୁଢିଆ ଭିତରେ ଦେଖନ୍ତି ଏକ ଅପୁର୍ବ ସୁଗୁଣ। ନିରବଚ୍ଛିନ୍ନ ଭାବରେ ଦଉଡିବାର ପାରିବାର ପଣିଆକୁ ସେ ଅଧିକରୁ ଅଧିକ ଅଭ୍ୟାସ କରାନ୍ତି। ତିନିବର୍ଷ ବୟସ ହେଉ ହେଉ ସେ ହୋଇଯାଏ ଏକଲବ୍ୟ। ଗୁରୁ ବିରଞ୍ଚି ଦାସଙ୍କ ପ୍ରତ୍ୟେକ କଥାକୁ ମାନି ସେ ହୋଇଯାଏ ଓଡିଶାର ଏକ ହିରୋ।



ଏହିପରି ଅପୁର୍ବ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଶ୍ରୀ ଦାସ ବୁଢିଆ ଯୋଜନା କରନ୍ତି ଏକ ଅସମ୍ଭବ କାର୍ଯ୍ୟକ୍ରମ। ଘୋଷଣା କରନ୍ତି, ବୁଢିଆ ଦଉଡିବ ପୁରୀ ଠାରୁ ଭୁବନେଶ୍ୱର ପ୍ରାୟ ୬୫ କିଲୋମିଟର ରାସ୍ତା। ଆଉ ତାହା ସେ ପୁରା କରିବ ଗୋଟିଏ ଦିନରେ, ବିନା ଥକି ବିନା କେଉଠି ରହି। ସମଗ୍ର ଓଡିଶାରେ ଚହଳ ପକାଇଦେଇଥିବା ଏହି ଅବିଶ୍ୱାସ୍ୟ ଖବରକୁ ଖଣ୍ଡନ କରି ବୁଢିଆ ଏହି ଦୁରତାକୁ ମାତ୍ର ୫ ଘଣ୍ଟା ୩୦ ମିନଟ୍ ସମୟରେ ପାରକରିଦିଏ। ଦଉଡ ସମାପ୍ତି ପରେ ଡାକ୍ତରି ପରିକ୍ଷାରେ ହସ ହସ ମୁହଁରେ ସଫଳ ବାହାରି ଆସେ ବୁଢିଆ। ଡାକ୍ତର କହନ୍ତି ସେ ସଂପୁର୍ଣ୍ଣ ରୁପରେ ସୁସ୍ଥ ଏବଂ ସେ ଆହୁରି ୬୦ କିଲୋମିଟର୍ ଦଉଡିପାରିବ। ଏହି ଖବର ପ୍ରକାଶ ହେବା ପରେ ବୁଢିଆ ହୋଇଯାଏ ଓଡିଶାର ପ୍ରିୟ କୁନି ଧାବକ। ତା ମଧ୍ୟରେ ଅନେକ ଦେଖନ୍ତି ଅଲଂପିକ୍ ପାଇଁ ଯୋଗ୍ୟ ଖେଳାଳିଟିଏ।

ଈର୍ଷାପରାୟଣ କିଛି ବ୍ୟକ୍ତିଙ୍କ ପ୍ରରୋଚନାରେ କୋର୍ଟରେ ମୋକଦ୍ଦମା ରୁଜୁହୁଏ। କିଛି ଲୋକ ଯୁକ୍ତିକରି କହନ୍ତି, ଯେ ଏମିତି ଛୋଟଛୁଆଟିଏକୁ ଅନେକ ଅନେକ ଦୁରତା ଦଉଡାଇ ଆମେ ତା' ପ୍ରତି ପଶୁପରି ବ୍ୟବହାର କରୁନୁ ତ? ବିରଞ୍ଚି ଦାସଙ୍କ ପାଇଁ ଏହା ଥିଲା ଶକ୍ତ ଧକ୍କା। ନିଜ ପୁଅ ପରି ପାଳିଥିବା ବୁଢିଆକୁ ସେ କାହିଁକି ନିର୍ଯ୍ୟାତନା ଦେବେ? ସେ ମୋକଦମା ପୁର୍ବରୁ ବୁଢିଆକୁ ନେଇ ଦିଲ୍ଲୀ ତଥା ଲଣ୍ଡନ୍ ମାରାଥନ ଦଉଡରେ ଭାଗ ନିଆଇଛନ୍ତି। ଏବଂ କେବଳ ଓଡିଶାହିଁ ନୁହେଁ ବରଂ ବିଶ୍ୱବ୍ୟାପୀ ଅନେକ ଦେଶରେ ବୁଢିଆକୁ ନେଇ ବିସ୍ତୃତ ଚର୍ଚ୍ଚା ହୋଇସାରିଲାଣି। ଯେତେବେଳେ ବୁଢିଆ ସହର ର ଅନାମଧେୟ ଗଳିରେ ରହୁଥିଲା, ସେତେବେଳେ ଏହି ଶିଶୁକଲ୍ୟାଣ ବିଭାଗ କେଉଁଠିଥିଲା? ସହରର ଗଳିକନ୍ଦିରେ ଅନେକ ଶିଶୁ ପ୍ରତିଦିନ ଗଧ ଖଟଣି ଖଟୁଛନ୍ତି କେବଳ ଦୁଇ ଓଳି ଭଲ କିଛି ଖାଇବା ପାଇଁ, ସେମାନଙ୍କ ପ୍ରତି ଶିଶୁ ବିଭାଗର ଏତେ ଦରଦ ନଥିବା ବେଳେ ଖାସ୍ ବୁଢିଆର ପ୍ରତିଭାକୁ ଉଜାଗର କରିଥିବା ଏକ ବ୍ୟକ୍ତି ବିରୁଦ୍ଧରେ ମୋକଦ୍ଦମା ରୁଜୁ କରାଯିବା ଅତ୍ୟନ୍ତ ଅନ୍ୟାୟର କଥା ବୋଲି ସମଗ୍ର ରାଜ୍ୟରେ ଜନମତ ଦେଖାଦେଇଥିଲା।

ବୁଢିଆ ସିଂକୁ ଗିନିଜ୍ ବିଶ୍ୱ ରେକର୍ଡରେ



ସ୍ଥାନ ଦେବାପାଇଁ ପ୍ରଚେଷ୍ଟା କରୁଛନ୍ତି ଶ୍ରୀମାନ ଦାସ। ଏହା ସବୁ ସତ୍ତ୍ୱେ, ବୁଦ୍ଧିଆର ସାହାଯ୍ୟ କରିବାପାଇଁ ଗୋଟିଏ ବି ଅନୁଷ୍ଠାନ ଆଗକୁ ଆସିନି, ସରକାରୀ ସାହାଯ୍ୟ କଥା ଦୁରେ ଥାଉ। ବୁଦ୍ଧିଆ ସିଂ ବିଶ୍ୱ କୀର୍ତ୍ତିମାନ ସ୍ଥାପନ କରିବା ସତ୍ତ୍ୱେ ତା' ପରିବାରକୁ ସାହାଯ୍ୟ ଟିକେ କେହି ଦେଇନାହାନ୍ତି?? ଯେତେବେଳେ ଓଡିଶାରୁ ଜଣେ କ୍ରିକେଟ୍ ଖେଳାଳି ପ୍ରଥମଥର ଭାରତୀୟ କ୍ରିକେଟଦଳରେ ଯୋଗ ଦେଇଥିଲେ ସେତେବେଳେ, ତା'ଙ୍କୁ ଅନେକ ଉପହାର ଚାକିରୀ ଇତ୍ୟାଦି ଦିଆଯାଇଥିଲା। ମାତ୍ର କେତୋଟି କ୍ରିକେଟ୍ ମ୍ୟାଚ୍ ଖେଳି ଫେରିଆସିଥିବା ଏହି ଖେଳାଳୀ ଜଣକୁ ସବୁକିଛି ମିଳିଯାଇଥିଲା, ଅଥଚ ବୁଦ୍ଧିଆର ପରିବାର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହେବା ଦୁରେ ଥାଉ କେହି ଥରୁଟିଏ ପାଇଁ ବି ଯାଇନାହାନ୍ତି, ତା' ପରିବାରକୁ ଭେଟିବା ପାଇଁ କିମ୍ବା କିଛି ସାହାଯ୍ୟ ଦେବାପାଇଁ।



ଶ୍ରୀ ବିରଞ୍ଚି ଦାସଙ୍କ ଉପରେ ଅନେକ ଲୋକ ଆକ୍ଷେପ କରି କହନ୍ତି ସେ କାଳେ ବୁଦ୍ଧିଆକୁ ତା ମା ବାପା ପାଖରୁ ଛଡାଇ ନେଇଛନ୍ତି, କେବଳ ଖ୍ୟାତିପାଇବା ପାଇଁ। ଏହିପରି ସମସ୍ତ ଆକ୍ଷେପକୁ ପ୍ରତ୍ୟାଖ୍ୟାନ କରନ୍ତି ଉଭୟ ଶ୍ରୀ ଦାସ ଓ ବୁଦ୍ଧିଆ ସିଂର ପରିବାର। ବୁଦ୍ଧିଆକୁ ତା ମା'ଙ୍କ ପାଖରେ ଛାଡିଦିଅନ୍ତି ଦାସବାବୁ ଯେତେବେଳେ ସେ ସମୟ ପାଆନ୍ତି। ଶ୍ରୀ ଦାସଙ୍କ ପ୍ରଚେଷ୍ଟାରେ ସେହି ବସ୍ତିର ବାସିନ୍ଦାଙ୍କ ମଧ୍ୟରେ ଏକ ଅନନ୍ୟ ଉତ୍ସାହ ଦେଖିବାକୁ ମିଳିଛି। ବାସ୍ତବରେ ଦେଖିବାକୁ ଗଲେ ଯଦି ଶ୍ରୀ ଦାସ ବୁଦ୍ଧିଆକୁ ସେହି ଗଳିରୁ ନେଇ ନଥାନ୍ତେ ତେବେ ସମ୍ଭବତଃ ବୁଦ୍ଧିଆ ତା'ର ଅନ୍ୟ ସାଙ୍ଗ ମାନଙ୍କ ପରି ବର୍ତ୍ତମାନ ହୋଟେଲ୍‌ରେ ବାସନ ସଫା କରୁଥାଆନ୍ତା। କିମ୍ବା ରେଳ ଷ୍ଟେସନ୍‌ରେ ଯାଇ ଝାଡୁମାରି ଯାତ୍ରାକରୁଥିବା ଲୋକ ମାନଙ୍କ ପାଖରୁ କିଛି ପଇସା ଓ ବହୁତ ଗାଳି ପାଉଥାଆନ୍ତା। ଏହି ଶିକ୍ଷାବର୍ଷରୁ ଶ୍ରୀ ଦାସ ବୁଦ୍ଧିଆକୁ ନିଜସ୍ୱ ଖୋସାମତରେ ଭୁବନେଶ୍ୱର ସ୍ଥିତ ବି ଜେ ବି ଇଂଲିସ୍ ମିଡିୟମ୍ ସ୍କୁଲ୍‌ରେ ଶିକ୍ଷାପ୍ରାପ୍ତି ପାଇଁ ଜଏନ୍ କରାଇଛନ୍ତି। ଏହା ସବୁ କରିବା ସତ୍ତ୍ୱେ କଣ ଶ୍ରୀ ଦାସ କିଛି ଭୁଲ କରିଛନ୍ତି? ଯଦି ତଥାପି କେହି କହୁଥାନ୍ତି ଯେ ଶ୍ରୀ ଦାସଙ୍କ କାର୍ଯ୍ୟ ସନ୍ଦେହାସ୍ପଦ ତାହା ଆମପାଇଁ ହାସ୍ୟାସ୍ପଦ ହେବା ଛଡା ଆଉକିଛି ନୁହେଁ। ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ କରିବା ଓ ବସ୍ତିରେ ରହୁଥିବା ଶିଶୁମାନଙ୍କ ବିକାଶର ଦ୍ୱାହିଦେଇ ସରକାରୀ ଅର୍ଥରେ ଯେଉଁ ମାନେ ନିଜର ସଉକ ପୁରଣ କରୁଛନ୍ତି ସେମାନେ କେବେବି ଶ୍ରୀଦାସଙ୍କୁ ବୁଝିପାରିବେ ନାହିଁ। ବର୍ତ୍ତମାନ ସମୟ ଖାଲି ଦେଖିବା ନୁହେଁ କିଛି କରିବାର ଆସିଛି। କାମ କରିବାର ପ୍ରତିଜ୍ଞାକରିବା ସହଜ କିନ୍ତୁ କେତେଜଣ ସତରେ ଏହା କରିଛନ୍ତି ଯାହାର ଉଦାହରଣ ଶ୍ରୀ ବିରଞ୍ଚି ଦାସ ବୁଦ୍ଧିଆକୁ ସାହାଯ୍ୟ କରି ଦେଇଛନ୍ତି।



ଶ୍ରୀ ଦାସଙ୍କ ଏହି କାର୍ଯ୍ୟ ପାଇଁ ତାଙ୍କୁ କିଛି ପୁରସ୍କାର ମିଳିନଥାଉ ସେ କିନ୍ତୁ ଦୁଃଖି ନୁହନ୍ତି। କାରଣ ସେ କାହାଠାରୁ ପ୍ରଶଂସା ପାଇବା ପାଇଁ କିଛି କରିନାହାନ୍ତି, ସେ ଦେଖିଛନ୍ତି ସ୍ୱପ୍ନ ଓଡିଶାର ପ୍ରତ୍ୟେକ ଶିଶୁଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ସନ୍ଧାନ କରିବାପାଇଁ। ସେ ଖୁଶି ଅଛନ୍ତି ଯେ ସେ ବୁଦ୍ଧିଆ ଦ୍ୱାରା ଅନ୍ତତଃ ଜଣେ ଶିଶୁର ଜୀବନରେ କିଛି ପରିବର୍ତ୍ତନ ଆଣି ପାରିଛନ୍ତି।

ଆଜିକାଲି ଅନେକ ଅନୁଷ୍ଠାନ ଶ୍ରୀ ଦାସଙ୍କ ପଦାଙ୍କ ଅନୁସରଣ କରି, ତାଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟକୁ ଆଗକୁ ନେଉଛନ୍ତି। ଏବଂ ଖୁଶିର ବିଷୟ ହେଉଛି ଏହି ସବୁ କାର୍ଯ୍ୟଦ୍ୱାରା ଅନେକ ଶିଶୁପ୍ରତିଭା ବର୍ତ୍ତମାନ ଲୋକଲୋଚନକୁ ଆସିଲେଣି ଯେମିତି, ପିପିଲିର କୁନୀ ପଣ୍ଡିତ ଜାହାଙ୍ଗୀର, ପୂରୀର ବିସ୍ମୟ ଶିଶୁ ସନ୍ତରଣକାରୀ, ଏବଂ ଗଞ୍ଜାମ ଜିଲ୍ଲାରୁ ସଦ୍ୟ ପ୍ରକାଶିତ ଖବରର ଅନ୍ୟ ଏକ କୁନୀ ଧାବକ। ବୁଦ୍ଧିଆ ଓଡିଶାର ଏବଂ ସମ୍ଭବତଃ ଭାରତର ପ୍ରଥମ ଶିଶୁ କ୍ରୀଡାବୀତ ଯାହା ପାଇଁ ଅନେକ ଶିଶୁ ଭବିଷ୍ୟତରେ ଅନୁପ୍ରାଣିତ ହେବେ।

ମୋର ଏହି କ୍ଷୁଦ୍ର ଗଳ୍ପଟିକୁ ମାସିକ ସାହିତ୍ୟ ଇ□ପତ୍ରିକାରେ ସ୍ଥାନ ଦେଲେ ବୁଦ୍ଧିଆର କାହାଣୀ ବିଶ୍ୱଓଡିଆ ସମାଜ ଆଗରେ ପହଞ୍ଚିପାରିବ ବୋଲି ତା ଜ୍ୟୋତି ଭାଇଙ୍କୁ ମୁଁ ଅନୁରୋଧ କରୁଛି। "ଗାଁ କନିଆଁ ସିଙ୍ଘାଣିନାକୀ" ନ୍ୟାୟରେ ବୁଦ୍ଧିଆର ଭବିଷ୍ୟକୁ ନଷ୍ଟ କରିଦିଆନଯାଉ। ପ୍ରଥମଥର ଯେତେବେଳେ ବୁଦ୍ଧିଆକୁ ପ୍ରୋତ୍ସାହନ ଦିଆଯାଇଥିଲା, ସେ ଭାବବିହ୍ୱଳ ହୋଇ କହିଥିଲା, ସେଥିରେ ସେ ନିଜ ମା' ପାଇଁ ଏକ ଘର ତିଆରି କରିବ। ଶେଷରେ ଜଗତର ନାଥ ଶ୍ରୀ ଜଗନ୍ନାଥ ତାଙ୍କୁ ସହାୟ ହୁଅନ୍ତୁ ଏହାହିଁ ମୋର କାମନା।

**ସଂଜୟ ସାହୁ**
ବଡମାଛପୁର
ନିମାପଡା, ପୁରୀ



ଓଡିଶାର କିଛି ବରେଣ୍ୟ ଲେଖକ ଲେଖିକା ମାନଙ୍କ ପୂର୍ବପ୍ରକାଶିତ କିଛି କୃତିକୁ ଏଠାରେ ସ୍ଥାନ ଦିଆଯାଇଛି । ଏହି ସବୁ ଲେଖା ଆମକୁ ବ୍ରହ୍ମପୁରରୁ ପ୍ରକାଶ ପାଉଥିବା ସାହିତ୍ୟିକ ପତ୍ରିକା "ଲେଖା"ରୁ ମିଳିଛି । ଏହିସବୁ କୃତି ଆମେ ଆପଣମାନଙ୍କ ବହୁତ ଦିନରୁ କରାଯାଇଥିବା ଅନୁରୋଧକୁ ଦୃଷ୍ଟିରେ ରଖି ପ୍ରକାଶ କରୁଛୁ । ଆଶା କରୁଛି ଆପଣ ମାନଙ୍କୁ ଏହି ସବୁ କୃତି ଭଲ ଲାଗିବ । ଆସନ୍ତା ସଂସ୍କରଣରେ ଆହୁରି ଅନେକ ଲେଖା ପ୍ରକାଶ ପାଇବ ।

## ନଚିକେତା ମାନଙ୍କୁ ପଦେ

*ଗୋପାଳ ରଥ ଆତ୍ରେୟ*

ଏଠାରେ ବସ । ମନରେ ଘୃଣା କରୁଥିବା ସବୁ ଇପ୍‌ସା, ସବୁ ଆଶା ଏବଂ ଉଦ୍‌ବେଗଗୁଡିକୁ ଦେଖ । ସାବଧାନ, ସେମାନଙ୍କ ଆକର୍ଷଣ ପ୍ରତି ସାବଧାନ । କୋଣସି ଦୁର୍ବଳ ମୂହୁର୍ତ୍ତରେ ସେମାନେ ତୁମ ଆଖିକୁ ଠକି ଦେଇପାରନ୍ତି । ଏଣୁ ଏଟେନ୍‌ସନ୍ ପ୍ଲିଜ୍ । ସଂପୂର୍ଣ୍ଣ ଜାଗ୍ରତ ଅବସ୍ଥାରେ ସେମାନଙ୍କୁ ଦେଖ ।

ଲିପ୍‌ସା ! ମାନେ ଇଚ୍ଛା ।ତୁମର ଇଚ୍ଛା । କି ଇଚ୍ଛା? ତାହା ପାଇଲେ କଣ ହେବ? ଥରେ ପାଇଲେ ଯଥେଷ୍ଟ, ନା', ବାରମ୍ବାର ସେଇ ଗୋଟିଏ ବସ୍ତୁ, ସେଇ ଗୋଟିଏ ରକମ ପ୍ରାପ୍ତି ପାଇଁ ତୁମର ଆଗ୍ରହ? ଠିକ୍ କର ଏହା ଠିକ୍ କରିବା ସମୟ। ଭିଡି ମୋଡି ହୁଅନି ପ୍ଲିଜ୍ ।ଭଲ ଭାବରେ ଚିନ୍ତା କର। ତନ୍ନ ତନ୍ନ କରି ଦେଖ ଏବଂ ତା'ପରେ ଠିକ୍ କର। ଏହା ତୁମର ଇଚ୍ଛା ତ? ଏହା ତୁମର ଇପ୍‌ସା ତ? ହଁ ମନେ ରଖ ସମସ୍ତେ ଇଚ୍ଛା କରନ୍ତି କିନ୍ତୁ ଅଧିକାଂଶ ଜାଣନ୍ତି ନାହିଁ ସେମାନେ କଣ ଇଚ୍ଛା କରନ୍ତି ଓ କାହିଁକି ଇଚ୍ଛା କରନ୍ତି । ନ ଜାଣି, ନ ବୁଝି ଇଚ୍ଛା କଲେ ପରିଣାମ କଣ ହୁଏ ଜାଣ? ଟିକିଏ ଚିନ୍ତା କର। ତମେ ନିଜେ ଠିକ୍ କର।

ଏବଂ ଆଶା !

ଯାହା ଇପ୍‌ସିତ ଅଥଚ ଯାହାର ପ୍ରାପ୍ତି ଅନିର୍ଦ୍ଧିଷ୍ଟ ସେଇଭଳି ଏକ ମନୋଭାବକୁ ଆଶା କହନ୍ତି। ତମେ କଣ ଭାବୁଛ? ମିଛ? ଭାବିଦେଖ। ତମେ ଅନେକ ଇଚ୍ଛା କରିଛ । ସେ ଭିତରେ କେତେ ଇଚ୍ଛା ସଫଳ ହୋଇଛି ଏବଂ କେତେ ଇଚ୍ଛା ବିଫଳ ହୋଇଛି। ବିଫଳତା ହତାଶା ସୃଷ୍ଟିକରେ। ମନେ ହୁଏ ଯେମିତି ଆଉ ସେହି ଆଶା ପୂର୍ଣ୍ଣ ହେବା ସମ୍ଭବ ନୁହେଁ। କିନ୍ତୁ, ତମେ ଜଣେ ବୀର, ମାନେ ହୀରୋ । ପରାଜୟକୁ ପରାଜୟ ଭାବେ ମାନିନେବା ତୁମ ଜାତକରେ ଲେଖା ହୋଇନି। ତେବେ କରିବ କଣ? ସମ୍ଭାବନା ପଛରେ ନିଜକୁ ପରିଚାଳନା କରିବ ନା, ଚୁପ୍ ଚାପ୍ ରହିଯିବ? ବ୍ୟର୍ଥତାରେ ବିଭୋର ନ ହୋଇ ବ୍ୟର୍ଥତାର କାରଣ ଓ ପ୍ରକରଣ ସଂପର୍କରେ ଜାଣି ବୁଝି ପୁଣି ଥରେ ଚେଷ୍ଟା କରିବାର ନାମ ଆଶା। କିନ୍ତୁ ତୁମେ ହିଁ ସ୍ଥିର କର ! ନିଜେ ହିଁ ନିଜର ଭାଗ୍ୟ ବିଧାତା ତୁମେ।

ଅଥଚ ଉଦ୍ ବେଗ!

ହଁ ଉଦ୍ ବେଗ ସ୍ୱାଭାବିକ । ସୂର୍ଯ୍ୟୋଦୟ ହେଲେ ଖରା ହେଲାପରି ସ୍ୱାଭାବିକ। ଗୋଟିଏ ପ୍ରାପ୍ତିର ଚେଷ୍ଟା ଭିତରେ ସଫଳତା ଓ ବିଫଳତାକୁ ନେଇ ଅତିରିକ୍ତ ଭାବନା ଟିକିଏ ଚାଞ୍ଚଲ୍ୟ ସୃଷ୍ଟିକରେ। ପାଣିରେ ଟେକାଟିଏ ପଡିଲେ ପାଣି ଚହଲି ଉଠିଲାପରି ଇଚ୍ଛା ଓ ସମ୍ଭାବନା ମଧ୍ୟରେ ମନଟା ସେମିତି ଚହଲି ଯାଏ। ଏହି ଚାଞ୍ଚଲ୍ୟ, ହଁ, ଏହି ସ୍ପନ୍ଦନକୁ ଉଦ୍‌ବେଗ କହନ୍ତି।

ତମେ କଣ କହୁଛ !'

## ସଂଧ୍ୟା ସଂପର୍କରେ ଏକ ପ୍ରବନ୍ଧ

*ଅଧ୍ୟାପକ ରମେଶ ଚନ୍ଦ୍ର ପାଣିଗ୍ରାହୀ*

ଏବଂ ତା'ପରେ ସଂଧ୍ୟା ହେଲା, ବରଂ ଗୋପାଳ ମାଇଚିଆର ଛାତି ତଳକୁ ଦୁଇମୁଠା କନା ବୁଜୁଳା ହୋଇ ପଶି ଆସିଲା ବୋଲି କହିଲେ ଠିକ ହୋଇଥାଆନ୍ତା। ତା'ପରେ ମାନସୀ ଦେବୀ ମସ୍ତରାମଙ୍କ ଉପନ୍ୟାସଟା ପଡିସାରି ହାଇ ମାରିଲେ। ବର୍ତ୍ତମାନ ବାଥ୍‌ରୁମ୍ ଭିତରକୁ ପଶିଯିବା ପାଇଁ ତାଙ୍କର ଇଚ୍ଛା ହେବ। ବିଶ୍ୱଜିତ୍ ବାବୁ 'ବ୍ଲୁ ବାର୍' ରେସ୍ତୋରାଁ ଭିତରେ ବସି ବସି କ୍ରିଷ୍ଟାଲ୍ ସିଗାରେଟ୍ ପିଉ ପିଉ ତଳେ ଥିବା 'ବ୍ଲାକ୍ ନାଇଟ୍ ହ୍ୱିସ୍କି'ଭରା ଗିଲାସଟିକୁ ଚାହିଁଲେ। ଟିକିଏ ପରେ ତାଙ୍କର ମନେ ହେଲା ସଂଧ୍ୟା ଏକ ନିଶାଦ୍ରବ୍ୟ। ରାମହରିବାବୁ ଅଫିସ୍ ଫେରନ୍ତା ବଜାରରୁ ଅଡେଇ କିଲୋ ଶୁଖିଲା ବାଇଗଣ ନେଇ ଫେରୁଛନ୍ତି। ଅଫିସର୍‌ଙ୍କ ଠାରୁ ଗାଳି ଖାଇ ତାଙ୍କ ମୁହଁଟା ମଧ୍ୟ ଏକ ଶୁଖିଲା ବାଇଗଣ ପରି ଦିଶୁଛି । କୈଳାଶର କିରାଣୀ ଦୋକାନରେ ରେଜା ଗଣିବା ଶବ୍ଦ ଗୁଡାକ ରୋମାଣ୍ଟିକ୍ ନିଶ୍ଚୟ । ରାମହରି ବାବୁ ସେଇବାଟେ ଯାଉଥିଲେ, ହଠାତ୍ ଦୋଡି ପଳାଇଲେ।

ସିନେମା ହଲ୍ ମାଇକ୍‌ରୁ 'ଏକ ତାରା ବୋଲେ' ଗୀତଟି ତିନିଥର ଘୋରି ହୋଇ ଚତୁର୍ଥଥର ବାଜୁଛି।

ପାଖ ଲ୍ୟାମ୍ପ୍ ପୋଷ୍ଟକୁ ଆଉଜି ଠିଆ ହୋଇଛନ୍ତି ଶଙ୍କର ବାବୁ ଏବଂ ଗୋଟିଏ ପ୍ରେମ ପତ୍ର ପଢୁଛନ୍ତି । ତା'ପରେ ହଠାତ୍ ଆକାଶର ତାରା ଗଣିବାପାଇଁ ଉପରକୁ ଚାହୁଁ ଚାହୁଁ ତାଙ୍କ ଆଖିରେ ପଡିଲା 'ଦୁଇଟି ସନ୍ତାନ ଯଥେଷ୍ଟ' ପୋଷ୍ଟରଟା ଏବଂ ହଠାତ୍ ତାଙ୍କର ମନେ ହେଲା ଏ ସଂସାର ଅନିତ୍ୟ।

ଅବିନାଶ କଣ୍ଟ୍ରାକ୍ଟରଙ୍କ ଗୋଦାମକୁ ସକାଳେ ଯାଇଥିବା ଛଅ ଜଣ ରେଜା କୁଲି ଧାଙ୍ଗେଡୀ ଫେରିଲା ବେଳକୁ ପାଞ୍ଚ ହୋଇଗଲେ। ପଚାରିଲା ବେଳେ ଜଣାଗଲା ଜଣେ ଓଭରଟାଇମ୍ କରୁଛନ୍ତି।

ଏବଂ ତା'ପରେ,

## ଅନୁକ୍ତ ବେଦନା

*ଅଧ୍ୟାପକ କେଳୁଚରଣ ସାମନ୍ତରାୟ*

ଆପଣ କେବେ ନୂଆ ବସ୍‌ଷ୍ଟାଣ୍ଡ ରେ ବସ୍‌କୁ ଅପେକ୍ଷା କରି ଚିନାବାଦାମ କିଣିଛନ୍ତି କି? ଚଣା ସରିବା ଉପରେ। ବସ୍ ତଥାପି ଆସୁନି। ଚଣାର ଶେଷ ମଞ୍ଜିଟି ତେଲିଆ।

ଧନ ହାନି, ପ୍ରାଣ ପୀଡା। ଫେରୁ ଫେରୁ ଫୁଲ ବିକାଳିଠୁଁ ଗୋଲାପ ଫୁଲ ନେଇ ପକେଟ୍ ରେ ରଖିଲେ। ଘରକୁ ଫେରି ଦେଖନ୍ତି ତ, ପାଖୁଡା ସବୁ ଝଡି ପକେଟ୍‌ରେ ଅସ୍ତବ୍ୟସ୍ତ ହୋଇପଡିଛି।

ସ୍ୱପ୍ନ ବୁଣିବା, ଲହରୀ ଗଣିବା ଆଉ

ଆକାଶରୁ ଝରି ପଡୁଥିବା ବର୍ଷା ବିନ୍ଦୁକୁ ମାପିବା ଆପଣଙ୍କ ଅଭ୍ୟାସ । ମୋର କିନ୍ତୁ ଶାମୁକା ଗୋଟାଇବା ସରିଲେ ଆପଣଙ୍କ ସହ ଯୋଗଦେବି । ନଇଁ ପଡିଥିବା ଗଛରୁ ଫଳ ସରିଲେ ହିଁ ଉପରକୁ ହାତସିନା

## ଶହେ ପରେ ଶହେ ଏକ

*ହର ପ୍ରସାଦ ପରିଚ୍ଛା ପଟ୍ଟନାୟକ*

ଭଗବାନ ତାଙ୍କ ସ୍ୱର୍ଗ ପୁରରେ

ଦୁନିଆରେ ସବୁ ଠିକ୍ ଅଛି, 'ନା, ନା, ନା, ମୁଁ ଆଉ ଆଗେଇ ପାରିବି ନାହିଁ। ବାଁ ହାତରେ ମୁଠା ମୁଠା ଲୁହ ପୋଛି ଅବିଶ୍ରାନ୍ତ ଭାବରେ ପ୍ରତିଦିନ ଖାଲି ରକ୍ତାକ୍ତ । ଗୋଟିଏ ଜୀବନ ହୋଇ ଏକାଧିକ ଜୀବନ ଉପରେ କି ଅଧିକାର?'

ଦୁର୍ଗମ ପାହାଡିଆ ଜଂଗଲରେ ଗୋଡ ସବୁ ଖସି ଯାଉଥାଏ। ହାତରେ ଆମର ଗୋଟିଏ ଗୋଟିଏ ରାଇଫଲ୍। ଜାଡମରା ଶୀତ

ଡିଅର୍ କମ୍ରେଡ୍, କେତେ ଦିନ ଏପରି ଆଉ, । ଦେଖୁ ଦେଖୁ ସାତବର୍ଷ ବିତିଗଲାଣି। ମାଟି ଗୋଡିର ଦେହ ମାଟି ଗୋଡିରେ ମିଶିବ! ହୃଦୟର ପରିବର୍ତ୍ତନ ବିନା କଣ ଏହା ସମ୍ଭବ? ଯଦି ଏହା ଠିକ୍ ବୋଲି ସେମାନେ ଭାବନ୍ତି, ତେବେ ଆମ ମା' ଭାଇମାନେ ଦୁଃଖ କଷ୍ଟରେ ସଡନ୍ତୁ। ସେଠାରେ ସବୁ ବିଚାର ହେବ। ଆତ୍ମା କେବଳ ଗୋଟିଏ ଜଗତ ପାଇଁ ନୁହଁ।

ନା କମ୍ରେଡ୍, ଆମେ ସବୁ ଶିକ୍ଷିତ। ଆମର ବିବେକ ଅଛି। ମୋତେ ଭୁଲ ବୁଝନି। ଓଃ.....ମା'......ଏ କଣ ! ଭୁଲିଯାଉଛ କମ୍ରେଡ୍ !! ମତେ ବଞ୍ଚିବାକୁ ଦିଅ !

ତା'ହେଲେ ଅଶୋକ..... ଆଉ ଗାନ୍ଧୀ..... ମୃତ୍ୟୁ?..... ଭୀରୁ...... କାପୁରୁଷ?.......

## ଭିଡ଼

*ଅନନ୍ତ ନାରାୟଣ ମିଶ୍ର*

ଗତକାଲି□

ବସ୍ ଷ୍ଟପେଜ୍ଠାରୁ କିଛି ଦୁରରେ ବସ୍ଟି ଅଟକିଲା ଏବଂ ମୁଁ ଦୌଡିଯାଇ ବସ୍ ଭିତରକୁ ପଶିବାକୁ ଚେଷ୍ଟା କଲି। ମୋ ଚେଷ୍ଟାରେ ସଫଳ ହେବା ପୂର୍ବରୁ କଣ୍ଡକ୍ଟର ମୋତେ ନାସ୍ତିବାଣୀ ଶୁଣାଇବାକୁ ଭୁଲିଲା ନାହିଁ କି ମୁଁ ମଧ୍ୟ କଲେଜ ଛାତ୍ର ବୋଲି ପରିଚୟ ଦେଇ ବସ୍ର ଯାତ୍ରୀ ସଂଖ୍ୟା ବଢେଇବାକୁ କୁଣ୍ଠାବୋଧ କଲିନାହିଁ।

ଆଜି□

ବସ୍ ଛାଡିଲା। ଏବଂ ମୁଁ ଆଜି ସାମନା ସିଟ୍ର ଅଧିକାରୀ। ବସ୍ରେ ଭୀଷଣ ଭିଡ଼ ଏବଂ ମୋ ମନରେ ମଧ୍ୟ। ଭିଡ଼ ଅସହ୍ୟ ମନେହେଲା। କଣ୍ଡକ୍ଟର୍ କଲର୍ରେ ହାତରଖି ପଚାରିଲି□ କିବେ ଶଳା ! ବସ୍ରେ ଏତେ ଲୋକ ଚଢେଇ ଟଙ୍କା ଖାଉଛୁ ନା? କଣ୍ଡକ୍ଟର୍ କିନ୍ତୁ ନିରବ। ଗତକାଲି କଥା ମନେ ପକାଇ ମୁଁ ମଧ୍ୟ ନିରବ ହେଲି।



## ଅସମ୍ବାଦ

*ମହାପାତ୍ର ଭାସ୍କର ଗନ୍ତାଏତ୍*

ସବୁବେଳେ ନିରବତା ପାଳନ କରିବା ଉଚିତ୍ ନୁହେଁ, ମାତ୍ର ପ୍ରତି ସ୍ଥଳରେ ସବୁ କଥା କହିହୁଏନା ବଖାଣିବା ବି ଉଚିତ୍ ନୁହେଁ।

ଦେବୀବାବୁଙ୍କ ଠାରୁ ଆରମ୍ଭ କରି ରବି ଭାଇ ଓ ରୁବି ପର୍ଯ୍ୟନ୍ତ ଅନେକ□ହାତେ ମାପି ଚାଖଣ୍ଡେ ଚାଲିବା ସୂତ୍ର ବତାଇଛନ୍ତି। ଯାଃ, ପୁରୁଷ ପିଲା ହୋଇ କେଜାଣି କାହିଁକି ଏସବୁ ମୋତେ ଭଲ ଲାଗେନା।

ଆଜିକାଲି ଆମ ସହରରେ ମାଂଡ୍ରାକ୍ସ ଓ ହିପ୍କୋଯାଇନ୍ ସେବନକାରୀ ଅନେକ ନୀତିବାଗୀଶଙ୍କ ଆବିର୍ଭାବ ହେଲାଣି□ ଯେଉଁମାନେ ଉପରେ ବଟିକାଟିଏ ଗର୍ଭସ୍ଥ କଲାକ୍ଷଣି ନିଜସ୍ୱ ବୁନିଆଦ୍ ଓ କୃତିତ୍ୱ ସଂପର୍କର ସ୍ଲୋଗାନ୍ ଦିଅନ୍ତି। ରୁଚି ରଥ, ବୟସ କୋଡିଏ ଏ'ପଟେ, ମୋର ଏକମାତ୍ର ପରାମର୍ଶଦାତା କେବଳ ନୁହେଁ ବରଂତ ଅନେକ ଗପର ନାୟିକା। କାଲିରାତିରେ ଗପି ଚାଲିଥିବ ଆସ, ବର୍ତ୍ତମାନ ତୁମେ ହୁଏତ ସଂପୂର୍ଣ୍ଣରୂପେ କ୍ଲାନ୍ତ ଓ ହତାଶ ଏବଂ ସଂଗ୍ରହ କରି କରି ପ୍ରତାରିତ, ଏଇଥିରୁ ଗୋଟିଏ ଗର୍ଭସ୍ଥ କର ! ଏବଂ ଅନୁଭବ କର (ଗିଳି ସାରିବା ପରେ) ତମେ ହିଁ ଏ ବିଶ୍ୱର ଏକମାତ୍ର ଏକଛତ୍ରପତି ଆଉ ଅନ୍ୟମାନେ ତୁମର ଆଜ୍ଞାବହ ଦାସ।

ଏ ସବୁ ଶୁଣିସାରିଲା ପରେ ମୁଁ ଅନୁଭବ କରୁଥିଲି ନୀରବତା ଏ ସ୍ଥଳେ ମୋ ପକ୍ଷେ ନିହାତି ଅସହ୍ୟ, ମାତ୍ର ମୁଁ ନୀରବତାକୁ ପ୍ରାର୍ଥନା କରୁଥିଲି।

## ଡାଏରୀର ଦ୍ୱାଦଶ ପୃଷ୍ଠା

*ସୁରେଶଚନ୍ଦ୍ର ପାଣିଗ୍ରାହୀ*

ମୁଁ ସୁରେଶ ପାଣିଗ୍ରାହୀ। ସଂପ୍ରତି ସହର ର ଏକ ବାସିନ୍ଦା। ମୋ ଡାଏରୀର ଦ୍ୱାଦଶ ପୃଷ୍ଠାରୁ ୨୭ ଅଗଷ୍ଟ ଅପରାହ୍ନ ସାଢେ ପାଞ୍ଚରେ ଶ୍ରୀମତିଙ୍କ ସଙ୍ଗେ ଘଟିଥିବା ଏକ ବିଶେଷ କଥନକୁ ଏଠାରେ ବ୍ୟକ୍ତ କଲି:

ମୁଁ ମଣିଷ ହୋଇ ଜନ୍ମ ହେବା ଏକ ଗୁରୁତର ଅପରାଧ।

ଏଣୁ ପ୍ରଥମ ଦୋଷ: ବିବାହ କରିବା ମୋର ଉଚିତ୍ ନଥିଲା।

ପୁଣି ସ୍ୱପ୍ନାଭଳି ଜଣେ ଉଚ୍ଚଶିକ୍ଷିତା ଝିଅଙ୍କୁ ବାହାହେବା ମୋର ଦ୍ୱିତୀୟ ଦୋଷ।

ତୃତୀୟ ଦୋଷ: ତାଙ୍କ ବାପା ଜଣେ ଡି ଏସ୍ ପି।

ଚତୁର୍ଥ ଦୋଷ: ସ୍ୱପ୍ନାଙ୍କ ହିଟ୍ଲରୀ ଶାସନ ମୋତେ ପଟୁନି।

ସ୍ୱପ୍ନାଙ୍କ ସ୍ୱାମୀ ମୁଁ, ଦିନକୁ ପାଞ୍ଚ ପ୍ୟାକେଟ୍ ସିଗାରେଟ୍ ଖାଏ। ଏଣୁ ତାଙ୍କ ଭାଷାରେ ଏଇଟା ମୋର ପଞ୍ଚମ ଦୋଷ।

ଷଷ୍ଠ ଦୋଷ ହେଲା: ମୁଁ କଳାପରିଷଦରୁ ରାତି ଏଗାରରେ ଘରକୁ ଫେରେ। ତେଣୁ ତାଙ୍କରି ଭାଷାରେ□ଘରଟା ମୋ ପାଇଁ ନିଷିଦ୍ଧାଞ୍ଚଳ।

ନାଟକରେ ଅଭିନେତ୍ରୀମାନଙ୍କ ସହ ଅଭିନୟ କରିବା ଦେଖିଲା ପରେ ଶ୍ରୀମତି ମୋତେ ସପ୍ତମ ଦୋଷୀ ଭାବେ ଧରିନେଲେ।

ଏମ୍ ଏ ପାସ୍ କଲାପରେ ଦୁଇଥର

କଂପିଟେଟିଭ୍ ଏକ୍‌ଜାମିନେସନ୍‌ରେ ବିଫଳ ହେବାରୁ ସ୍ୱପ୍ନା ମୋତେ ଉପଅରୋକ୍ତ ଅଷ୍ଟମ ଦୋଷରେ ଜଡ଼ିତ କରାଇ ଏଇଟା ନବମ ଦୋଷ ବୋଲି ପ୍ରକାଶ କଲେ□

ଏଣୁ ଶ୍ରୀମତିଙ୍କ ଆଜି ହେଲା ଅନଶନ ଦିବସର ଚତୁର୍ଥ ପର୍ଯ୍ୟାୟ, (ଅବଶ୍ୟ ସେ ମତେ ଲୁଚାଇ କିଛି କିଛି ଲଘୁପାକ ଖାଦ୍ୟର ଆୟୋଜନ କରୁଛନ୍ତି।)

ଏବେ ମୋତେ କହିଲେ: ଉପରୋକ୍ତ ଦୋଷ ଗୁଡିକ ପରିତ୍ୟାଗ ନକଲେ ସେ ଆତ୍ମହତ୍ୟା କରିବେ।

ମୁଁ ମର୍ମାହତ ହୋଇ ପଡିଲି ଏଁ ଆତ୍ମହତ୍ୟା।

ଶେଷରେ ମୁଁ ତାଙ୍କ ଡି ଏସ୍ ପି ପିତାଙ୍କ ନିକଟକୁ ଏ ବିଷୟ ନେଇ ଗୋଟାଏ କଡା ରିପୋର୍ଟ ପଠାଇଦେଇ ବାରଣ୍ଡାର ଚେୟାରରେ ବସି ଅନାଇ ରହିଲି ଇନ୍‌କ୍ୱାରୀ ପାଇଁ।

## ବଜାର

*ପ୍ରଦୀପ ମହାପାତ୍ର*

କୋଳାହଳ: କୋବି ନିଅନ୍ତୁ ଆଜ୍ଞା
ଏଠୁ ଅଣ୍ଡା ନିଅନ୍ତୁ ଆଜ୍ଞା
ମାଛ ଶସ୍ତା ହୋଇଗଲା ବାବୁ।

ପ୍ରଥମ ସ୍ୱର: ହେ ମାଛ କେତେ ହୋ?

ଦ୍ୱିତୀୟ ସ୍ୱର: କେଜି ଛଅ ଟଙ୍କା ବାବୁ, ନିଅନ୍ତୁ।

ପ୍ରଥମ ସ୍ୱର: କିହୋ ଏତେ ମହଙ୍ଗା, ଶସ୍ତା କର।

ତୃତୀୟ ସ୍ୱର: ବାବୁ ପଇସା ଟିଏ।

ପ୍ରଥମ ସ୍ୱର: ନା: ନା: ନା: ପଇସା ଫଇସା କିଛି ନାହିଁ, ଶଳା ଯୁଆନ୍ ଟୋକା ଭିକ ମାଗୁଛି, କାମ କରୁନୁ।

ତୃତୀୟ ସ୍ୱର: ମାଟ୍ରିକ୍ ପଢିଛି ବାବୁ, କୁଲି କାମ ବି ମିଳୁନି।

ପ୍ରଥମ ସ୍ୱର: ଯା:, ପଇସା ନାହିଁ, କିହୋ ମାଛ କେଜି ପାଞ୍ଚ ଟଙ୍କା ନିଅ।

ତୃତୀୟ ସ୍ୱର: ଚାରିଦିନରୁ କିଛି ଖାଇନି ବାବୁ, ପାଞ୍ଚ ପଇସିଟି ଦେଲେ ମୁଠେ ଖାଇବି।

ପ୍ରଥମ ସ୍ୱର: ଯା: ଯା: ଯାଉଚୁ ନା,

( ପ୍ରଥମ ବ୍ୟକ୍ତି ତୃତୀୟ ବ୍ୟକ୍ତିକୁ ଗୋଇଠା ପ୍ରହାର କରିବା ଯୋଗୁଁ ସେ ତଳେ ପଡିଗଲା ଏବଂ ତା'ପରେ ତୃତୀୟ ବ୍ୟକ୍ତି ଗେଞ୍ଜିତଳୁ ଏକ ଛୁରା କାଢି ପ୍ରଥମ ବ୍ୟକ୍ତି କୁ ଆଘାତ କଲା)

ଦ୍ୱିତୀୟ ସ୍ୱର: ରକ୍ତ ରକ୍ତ

ତୃତୀୟ ସ୍ୱର: ହା: ହା: ଧନୀ ମଣିଷର ରକ୍ତ ଶସ୍ତା ହୋଇଗଲା, ଲିଟର ପାଞ୍ଚ ପଇସା ହା: ହା:।

## ବିଶେଷ ସୂଚନା

ପାର୍ଶ୍ୱରେ ଦିଆଯାଇଥିବା କାହାଣୀ "ବଣିଜ ଯୁଗ", ଶ୍ରୀ ରବି କାନୁନ୍‌ଗୋ ମହାଶୟ ନିଜେ ଟାଇପ୍ କରି ପଠାଇଛନ୍ତି, କିନ୍ତୁ ସେ ବ୍ୟବହାର କରୁଥିବା 'ଆକୃତି ଓଡିଆ ଫଣ୍ଟ' ମୁଁ ବ୍ୟବହାର କରୁଥିବା ଲିପି ଅଫିସ୍ ଠାରୁ ସଂପୂର୍ଣ୍ଣ ଭିନ୍ନ ସେଇଥିପାଇଁ ଏହି ଲେଖାରେ ଅନେକ ସ୍ଥାନରେ "ଫ" ସ୍ଥାନରେ " ' " କେବଳ ଉପରେ ଦିଆଯାଉଥିବା କମା ଚିହ୍ନ ହିଁ ଦେଖାଯାଉଛି। ଯେମିତି ସେ ଲେଖିଛନ୍ତି, 'ଟେଲିଫୋନ' କିନ୍ତୁ ତାହା ଦେଖାଯାଉଛି ଟେଲି'ନ ପରି ଦେଖାଯାଉଛି। ଏଥିପାଇଁ ମୁଁ କ୍ଷମା ପ୍ରାର୍ଥନା କରୁଛି।

## ବଣିଜ ଯୁଗ



**ରବି କାନୁନ୍‌ଗୋ**

ଜଗତୀକରଣ ଏବଂ ମୁକ୍ତ ଅର୍ଥନୀତି ସହସା ଆସିନାହିଁ । ସୋଭିଏଟ ରାଷ୍ଟ୍ରସଂଘ ପତନ ପରେ ତହିଁର ବେଗ ହୁଏତ କ୍ଷିପ୍ରତର ହୋଇଛି । ବିଶ୍ୱ ବୌଦ୍ଧିକତାରେ ରହିଥିବା ସାମ୍ୟବାଦୀ ଅଭ୍ୟାସ ଆଉ କାମ କରୁନାହିଁ । ସୂଚନା ସଂପ୍ରସାରଣ ଏବଂ ଇନ୍‌'ର୍‌ମେସନ୍ ଟେକ୍‌ନୋଲୋଜି ଏବଂ ବହୁ ଆନୁଷଙ୍ଗିକ ବୈଷୟିକ ଉଦ୍ଭାବନ ଏହି ବେଗକୁ ଏତେ ତ୍ୱରାନ୍ୱିତ କରି ପାରିଛି ଯେ ସେଥିଯୋଗୁ ଆଜି ବିଶ୍ୱର ଗତି ବା ଦୁର୍ଗତି ଏକାକାର। ଉଦାହରଣ ଭାବେ ଅଳ୍ପ କେତୋଟି ଚିତ୍ରରୂପ ଦେଖି ପାରିବା। ବର୍ଷ ତିରିଶ ପୂର୍ବେ ଟିଭି କ'ଣ, ତାହା ସାର୍ବଜନୀନ ଭାବେ ଜଣା ନଥିଲା । ଏବେ ଗାଁଗଣ୍ଡାରେ ଲୋକେ ଶହଶହ ଚ୍ୟାନେଲ ଦେଖିବାକୁ ପାଉଛନ୍ତି ବା ପାଇବା ପରି ସମ୍ଭାବନା ରହିଛି । 'ହାଲୋ ହାଲୋ ଅମୁକ ନମ୍ବର ଦିଅ' ପରି ଟେଲି'ୋନ ସେବା ଠାରୁ ଆସି ଆଜି ଆମେ ପହ□ିଛେ କେଉଁଠି ? ଏକ ପରିସଂଖ୍ୟାନ ଅନୁଯାୟୀ ଏବେ ଭାରତରେ ଟେଲି'ୋନ ଓ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ପ୍ରାୟ ବାର କୋଟି। ପ୍ରତି ଦିନ ସେହି ସଂଖ୍ୟାରେ ନବେ ହଜାର ଯୋଡ଼ା ହେଉଛି । ଗତ ସତୁରି ଦଶକରେ ପିଲାଙ୍କୁ ଆଶ୍ଚର୍ଯ୍ୟ କରିବାକୁ ଥିବା ପାଠ ବହିର ଗୀତ ଅଜା-ଆଇଙ୍କ "ଟେଲି'ୋନର ମଜା" ଆଜିର ପିଲାକୁ ଆମୋଦିତ କରୁଛି। ଅପ୍ରାସଙ୍ଗିକ ଲାଗୁଛି। ଏହି ଅଭାବନୀୟ ପରିବ□ନ କାହାକୁ ପ୍ରଳୟ ପରି ଲାଗୁଛି ତ ଆଉ କାହାକୁ ପ୍ରଗତି ପରି। ସେପରି ମହାମନ୍ଥନରୁ କିଏ ବ□ିବ ବା କିଏ ମରିବ ତାହା କାହାରି ସମ୍ମତି ବା କୌଣସି ଭୌଗଳିକ ସୀମା କି ସମୟର ସରହଦକୁ ଅପେକ୍ଷା କରୁନାହିଁ ।

"ଜୋର ଯାହାର ମୁଲକ ତା'ର" ପରି ବର୍ବରତାରୁ ପାହାଚ ପାହାଚ ଉଠି ଏକ ଅପୂର୍ବ ଶବ୍ଦ 'ଆଧୁନିକ' ବୋଲି କହି ମଣିଷ ସବୁ କାଳରେ ଶୃଙ୍ଖଳାର ଯେତେ ସୂଚୀପତ୍ର ତିଆରି କରିଛି ଏବଂ ସେଥିରେ ନିଜକୁ କାବୁ ରଖି ପାରିବ ବୋଲି ଯେତେ ବ୍ୟବସ୍ଥା ସୃଷ୍ଟି କରିଛି, ଆବଶ୍ୟକତା ବଦଳିଲେ ସବୁ ହୁଗୁଳା ହୋଇପଡ଼େ। ଏବେ ଯେମିତି ଆମେ ଦେଖୁଛୁ, ଦୃଶ୍ୟ ଓ ରୂପ ଜରିଆରେ ସଂସ୍କୃତିର

ପରିଚାଳନା ବା ବ୍ୟବସାୟ, ସମ୍ଭାବିତ ଆଚରଣର ଖସଡ଼ା ଅନୁମାନ କରି ମଣିଷ ମନରେ ଉପୁଜୁଥିବା ଆଶାର ପରିବର୍ତ୍ତନ ବା ଏପରି ଆହୁରି ଅନେକ ରୂପ । ଆମେ 'ସଂସ୍କାର' ପରି ଶବ୍ଦ କହି ଚିହିଁକି ଉଠୁ ବା ଉଲ୍ଲସିତ ହେଉ ସତ, ମାତ୍ର ଜୀବନ ଯେ ଆମକୁ ଅତୀତ ଠାରୁ ଦୂରଛଡ଼ା କରି ସାରିଲାଣି, ତେଣୁ ଭବିଷ୍ୟତ ସକାଶେ ଆମର କଳ୍ପନା କିପରି ହେବା ଉଚିତ – ଏହା ଭାବିବାର କାତରତା ଆମ ଆଚରଣରୁ ଧରା ପଡ଼ିଯାଏ ।

ଶିକାର, ସଂଗ୍ରହ, କୃଷି ଓ ଶିଳ୍ପ – ଅନ୍ତତଃ ଏଇ ଚାରୋଟି ବ୍ୟବସ୍ଥା ବାଟେ ମଣିଷ ଆଗରୁ ଆଗକୁ ଆସିଛି । ସବୁ ସମାଜର ଚିତ୍ର ବାରି ହେବା ପରି ନିଆରା ନିଆରା । ଅତଃପୂର୍ବ ଶିଳ୍ପ-ଯୁଗରେ କିପରି ଚିତ୍ର ଆମେ ଦେଖିବାକୁ ପାଉଥିଲୁ ? ମନୋପଲି, ଅର୍ଥାତ ଉତ୍ପାଦନ ବିତରଣ ସକାଶେ ସୁଯୋଗର ସଙ୍କୋଚନ । ଆଜି ତାହା ଦେଖିବାକୁ ମିଳୁନାହିଁ । ଅଭ୍ୟାସ, ଆଇନ ପରି କେତେକ ଚିହ୍ନ ଏଯାବତ୍ ରହିଥିବା ଯୋଗୁ ଅତୀତର ନାଁ କହି ଆମେ ଅବସ୍ଥାକୁ ଝୁରୁଛୁ କେବଳ । ସେତେବେଳେ ବି ତାହା ଆମକୁ ଭଲ ଲାଗୁ ନଥିଲା । "ଜୋର ଯାହାର ମୁଲକ ତା'ର" ନୀତି ଭିନ୍ନ ପ୍ରକାର ରହିଥିଲା ।

ମଣିଷ ଜାତିର ନମୁନା-ଇତିହାସ ପର୍ଯ୍ୟାଲୋଚନା କଲେ ଏପରି ଅସଂଖ୍ୟ ବିଡ଼ମ୍ବନା ଆମ ଦୃଷ୍ଟିକୁ ଆସିବ । ଯୁଗ ବଦଳେ । ମଣିଷ ନିଜର ଆଚରଣ ସଜାଡ଼େ । ଏହି ପ୍ରକ୍ରିୟାରେ ଅଳ୍ପ କିଛି ଶିକା ସାଇତା ଅଭ୍ୟାସକୁ ପରମ୍ପରା କହି ଥେଇଥେଇ ନାଚୁଥିବା ବେଳେ ସମୟ ଆମକୁ ଧରି କେମିତି ଆଗକୁ ଚାଲିବ ସେ କଥା କ୍ୱଚିତ୍ ଭାବୁ । ତେଣୁ ଆକଟହୀନ ଯୁବ ବିଦ୍ରୋହୀ ମାନସିକତା ସହିତ ଯୁଗ ବଦଳୁଥାଏ

ସଂସ୍କାର ସେହିପରି ଏକ ନାଁ । ପର ପିଢ଼ି ଯେତେବେଳେ ପୂର୍ବ ଏବଂ ତତଃପୂର୍ବ ପିଢ଼ିକୁ ଆଦରିଲା ପରି ଜଣା ପଡ଼େ, ତାହା ଏକପ୍ରକାର ନିରୁପାୟ ବାସ୍ତବତା । ବାପା ମରିଗଲା ପରେ ତାଙ୍କ 'ଟୋଚିତ୍ର ବା ଦଲିଲ ଦସ୍ତାବିଜ ପୁଅ ପାଇଁ ଯାହା, ସେହିପରି ସ୍ୱକୀୟ ଗତିରେ ଯାଉଯାଉ ଅଳ୍ପ କେତେକ ସ୍ମୃତିକୁ ଜାବୁଡ଼ି ଧରିବାର ନାଁ ହେଲା ସଂସ୍କାର । ଏହା ଏତେ ପରାକ୍ରମୀ ନୁହେଁ ଯେ ଯୁଗର ଗତିକୁ ଅଟକାଇ ପାରିବ । ତୁଣ୍ଡରେ ଯିଏ ଯେତେ ମାଖୁନା କଥା କହିଲେ ସୁଦ୍ଧା ପ୍ରବୃତ୍ତି ଅନୁଯାୟୀ 'ହତୋ ବା ପ୍ରାପ୍ସ୍ୟସି ସ୍ୱର୍ଗଂ ଜିତ୍ୱା ବା ଭୋକ୍ଷ୍ୟସେ ମହୀମ୍' ନୀତିରେ ମଣିଷ ନିଜ ସ୍ଥିତି ବା ବିଜୟ ପାଇଁ ଯୁଦ୍ଧ କରେ ବା ବଶତା ସ୍ୱୀକାର କରିବାକୁ ବାଧ ହୁଏ । କେବଳ ଢଙ୍ଗର ପରିବର୍ତ୍ତନ ସହ ଆଦିଯୁଗରୁ ପୃଥିବୀ ଏହା ଦେଖି ଆସୁଛି ।

ଏବେ ବିଶ୍ୱବ୍ୟାପି ଆରମ୍ଭ ହୋଇଛି ବାଣିଜ୍ୟର ଯୁଗ । ଯାହା ବାଣିଜ୍ୟଯୋଗ୍ୟ କରାଯିବ ତାହା ହିଁ ତିଷ୍ଠିବ । କେବଳ ଉତ୍ପାଦନ ନୁହେଁ, ରୂପ ଧର୍ମ ସାହିତ୍ୟ ଜ୍ଞାନ ନୀତି ଅଭ୍ୟାସ ସବୁ ସେଥିପାଇଁ ବାଣିଜ୍ୟଯୋଗ୍ୟ ହେବାକୁ ଲାଗିଛି । ସେଥିଯୋଗୁ ପ୍ରତିଯୋଗିତା ଅବଶ୍ୟମ୍ଭାବୀ । ଲାଭ ହେଉଛି ବାଣିଜ୍ୟ ଏବଂ ପ୍ରତିଯୋଗିତାର ମନ୍ତ୍ର । ବ୍ୟୟ ହ୍ରାସରେ ଉତ୍ପାଦନର ଅଭିବୃଦ୍ଧି ଲାଭ ପାଇଁ ଅଧିକ ସହାୟକ ହୋଇଥାଏ ।

ଅନ୍ତରୀଣ ଆର୍ଥିକ ଅବସ୍ଥାକୁ ଆଧାର କରି ଅନୁନ୍ନତ, ଉନ୍ନତ ଏବଂ ଉନ୍ନତଶୀଳ ଭାବେ ଦେଶଗୁଡ଼ିକର ଯେଉଁ ସଂଜ୍ଞା ନିର୍ଦ୍ଧାରଣ କରାଯାଇଛି, ସୂଚନା ବିଜ୍ଞାନର ଅଖଣ୍ଡ ସୁଯୋଗ ଯୋଗୁ ସ୍ୱାଭାବିକ ପ୍ରଥମେ ପ୍ରତିବନ୍ଧିତ କ୍ଷେତ୍ର (ଗ୍ବକ୍ଟଙ୍ଗରକ୍ସରସଶଭ ବକ୍ସରବ) ବା ଦେଶ ଓ ଦେଶ ଭିତରେ ପ୍ରତିଯୋଗିତା ଆରମ୍ଭ ହେବ । ଆମର ଏକ ଉନ୍ନତଶୀଳ ଏବଂ ଶ୍ରମସମ୍ବଳ ଦେଶ । ଉନ୍ନତି ଅବ୍ୟାହତ ରଖିବାକୁ ହେଲେ ଶ୍ରମର ବଣିଜରେ ପଶିବାକୁ ବାଧ । ନବ୍ୟଧାରାର ଅର୍ଥନୀତି ପ୍ରାଚୀନ ପଦ୍ଧତିକୁ ଆଶ୍ରା କରି ଆଉ କଦାପି ସମାଜର ଅଭ୍ୟସ୍ତ ସରହଦ, ଯଥା – ଅର୍ଥନୀତିକ ସାମ୍ୟବାଦ ଏବଂ ତଦ୍ରୂପ ଆରକ୍ଷଣ ଇତ୍ୟାଦି ମାନିବା ସମ୍ଭବ ହେବ ନାହିଁ । ଯଦି ଆମେ ଯିଦ୍‌ଖୋର ଭାବେ ତାହା କରିବାକୁ ଚେଷ୍ଟା କରୁଥାଉ, ତାହା ସମୟର ଦାବି ନୁହେଁ; ଆମର ଅବୁଝାପଣ ।

ଓଡ଼ିଶାର ପରିଚୟ ଭାବ ଭାଷା ସଭ୍ୟତା ସଂସ୍କୃତି ଇତ୍ୟାଦି ଯୁଗଯୋଗ୍ୟ କରିବା ପାଇଁ ନୂଆ ଭାବେ ସବୁ କଥା ଚିନ୍ତା କରିବାକୁ ଆମେ ସମସ୍ତ ନବିସ୍ ଓ ବୁଦ୍ଧିମାନମାନଙ୍କୁ ଆହ୍ୱାନ କରୁଛୁ ।

ଏ-୫୭, ସେକ୍ଟର-୩
ରାଉରକେଲା-୭୬୯୦୦୨.
(ପ୍ରକାଶିତ : 'ପ୍ରଜାତନ୍ତ୍ର' ୪.୧.୨୦୦୬, ବୁଧବାର)



**ଆହ୍ୱାନ୍**

## ରଂଗର ନାମ ନୀଳ

ନୀଳ ରଂଗର ମାୟାରେ
ମୁଁ ଗୋଟାପଣେ ଜଡସଡ
ଆକାଶ କହୁଛି "ଛୁଁ"
ସମୁଦ୍ର ଡାକୁଛି "ଆ"
ପାହାଡ ଠାରୁଛି "ଥା"

ନା□
ଛୁଇଁ ପାରୁଛି
ଯାଇ ପାରୁଛି
ରହି ପାରୁଛି!

ଏବେ□
ମୋ ଛାତିରେ ଆକାଶ
ଆଖିରେ ସମୁଦ୍ର
ମୁଣ୍ଡରେ ପାହାଡ

ନୀଳ ରଂଗର ମାୟାରେ
ମୁଁ ଆଛନ୍ନ ଚିରକାଳ

**ଭାଗ୍ୟଲକ୍ଷ୍ମୀ ମହାରଣା**
**ବ୍ରହ୍ମପୁର□୧୨**

## ଅପେକ୍ଷା

ଡାକିଦେଲେ ଫେରିଯାଉଛ ବୋଲି
ଏ ଯାଏଁ ଉଇଁରହିଛି ଇନ୍ଦ୍ରଧନୁ
ସ୍ଥିର ଓ ନିର୍ବିକାର।
ନାନା ବାଟରେ ପହଞ୍ଚିବାର ଉପାୟ
ମାଲୁମ୍ ଅଛି ଯେ;
ଶେଷ ମନ୍ତ୍ରପଦକ, ନିରୋଳା ଟୋପାଏ ଲୁହ
ସରିଯାଉ ଆରମ୍ଭ କରିବି ମୋ ଖେଳ।
ଗୋଡ କାଟିଲେ ହିଁ ପହଞ୍ଚିଯାଏ ତମଠି
ଥାକ ଥାକ ମେଘର ପାହାଚେ
ମନେ ନ ଥିବା କବିତା ଶିଡିରେ
ହାତ ପାଉନଥିବା ଜହ୍ନର ଉଲ୍ଲାସ।

ଫେରି ଯାଆନ୍ତୁ ସମସ୍ତେ
ଚାଲିଆସିବି ତୁମ ଡେଉର ଛାଇରେ
ଦୁଃଖର ଉପପାଦ୍ୟ
ପ୍ରଶ୍ନ ହୋଇ ଠିଆହୋଇଥିବ
ଅପେକ୍ଷାର, ଅପେକ୍ଷାର
ସାରା ଜୀବନରେ।

**ଡା ସୁସାନ୍ତ ଜେନା**
ଅଧ୍ୟାପକ (ଓଡିଆ ବିଭାଗ), ସରକାରୀ
ଡିଗ୍ରୀ କଲେଜ୍, ଇଛାପୁରମ୍, ଶ୍ରୀକାକୁଲମ୍,
ଆନ୍ଧ୍ର ପ୍ରଦେଶ।

## ଅପେକ୍ଷା

ଅପେକ୍ଷାର ଡେଣାରେ ଉଡିବୁଲେ
ବଞ୍ଚିବାର ଆଶା ନେଇ
ଅନ୍ଧ ପ୍ରୀତି□ବାଡି ଭରସାରେ
କେତେ ଯେ ଚାଲିବି
ଜାଣିନି ମୋ ବାଟ
କେବଳ ଅପେକ୍ଷା ହିଁ ପଛା।

ଅନ୍ତର ବୁକୁର ଭାଷା
ଚକ୍ଷୁର ଅଶ୍ରୁ
ହୃଦୟର ସ୍ପନ୍ଦନ ସବୁ
ପ୍ରତିକ୍ଷଣେ ଦିଏ ଆଭାସ
ତୁମ ଆସିବାର।

ସେଇ ସୁନେଲି ସଂଧ୍ୟାର ପବନ
ଆଣିଦେବ ଅସୁମାରୀ ଆକାଂକ୍ଷା
ସେଇ ସ୍ଫୁଟିତ ପୁଷ୍ପର ମହକ
ଆଣିଦେବ ତୁମ ଗନ୍ଧ
ସେଇ କୁହୁକ ଭରା ପକ୍ଷୀର ସ୍ୱର
ଆଣିଦେବ ମୋ ପାଇଁ ଝଙ୍କାର
କାଣେ, କିଏ ନା କିଏ ତ
ଭରିଦେବ ମୋ ସ୍ୱପ୍ନରେ ଜୀବନ
ତାର ହୃଦୟରେ ନାହିଁ ଏତେ କୋହ
ଜାଣିଚି ମୋ ମନ ବଗିଚାର
ପ୍ରତିଟି ରଙ୍ଗଭରା ସୁମନକୁ
ଆଜି ନୁହେଁ ତ କାଲି
ଆଣିଦେବ ମୋ ପାଇଁ
ସେଇ ମୋର ଅପେକ୍ଷା
ଏକ ହିଁ ଅପେକ୍ଷା।

**ସର୍ବେଶ୍ୱର ମେହେରା**

## ମୋ ପିଲା ଦିନ

ଗଭୀର ପାତାଳେ ପୋତି ହୋଇଗଲା
ମୋ ପିଲା ଦିନର ଖେଳ
ସାତତାଳ ଜଳେ ବୁଡିଗଲା ଦେଖ
ସେ ପିଲା ଦିନଟି ମୋର

ଖୋଜିଲି ଜଙ୍ଗଲେ, ଖୋଜିଲି ବନ୍ଦରେ
ସହରେ ଗଳିରେ, ମନ୍ଦିରେ କନ୍ଦରେ
ସମୟ ସ୍ରୋତରେ କଟିଗଲା ତା'ର ଡୋର
ସେ ପିଲା ଦିନଟି ମୋର

ବାନ୍ଧି ରଖିଥିଲି, ଜଗି ବସିଥିଲି,
ମୋରି ହସରେ, ମୋ ଦୁଷ୍ଟାମୀରେ
କେତେ ବୋହୁଚୋରୀ ଖେଳରେ
ରଜର ଦୋଳିରେ, ଗଛର କୋଳିରେ,
ସାଙ୍ଗଙ୍କ ମେଳିରେ, ମା'ର ଗାଳିରେ
ହୋଇଗଲା ସାତ ପର
ସେ ପିଲା ଦିନଟି ମୋର,

**ପ୍ରୀତି ପ୍ରିୟଦର୍ଶିନୀ**



ଏଥର ମୋ ପାଖକୁ ଦୁଇଗୋଟି କବିତା ଆସିଥିଲା, ଯାହାର ଶୀର୍ଷକ ଥିଲା "ଅପେକ୍ଷା", ଆଉ ସେଇଥିପାଇଁ ମୁଁ ଏକା ନାମରେ ଦୁଇଗୋଟି କବିତା ପ୍ରକାଶ କଲି।

# କୋଣାର୍କ:

## ଏକ ଅଦ୍ୱିତୀୟ ଆଶ୍ଚର୍ଯ୍ୟ



ଦିନେ କଲେଜର ଷ୍ଟାଫ୍ ରୁମ୍‌ରେ ବସି ଏମିତି କଥାହେଉ ହେଉ ଜନୈକ ସହକର୍ମୀ ପୁରୀ ଯିବାର ଇଚ୍ଛା ପ୍ରକାଶ କଲେ। ଏମିତି ବି ପୁରୀ ଯିବାର ଇଚ୍ଛା ଆମ ପ୍ରତ୍ୟେକଙ୍କ ମନରେ ଥାଏ। ଶ୍ରୀମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଦର୍ଶନ, ଆନନ୍ଦ ବଜାରରେ ଅବଡା ସେବନ ଆଉ ମହୋଦଧି କୂଳରେ କିଛି ସମୟ ବିଚରଣ। କଥାଛଳରେ ଆଉ କିଛି ସହକର୍ମୀ ମଧ୍ୟ ଆଗେଇ ଆସିଲେ ଆଉ ପୁରୀ ଯିବାପାଇଁ ଇଚ୍ଛା ପ୍ରକାଶ କରିଦେଲେ। ଯେତେବେଳେ ମୁଁ କଲେଜରେ ପଢୁଥିଲି ସେତେବେଳୁ ପୁରୀର ଅହେତୁକ



ଆକର୍ଷଣ ଅନୁଭବ କରିଥିଲି। ମୋ ସାଥିରେ ପଢୁଥିବା କିଛି ତେଲୁଗୁ ପିଲା ପ୍ରତି ବର୍ଷ ଅନିବାର୍ଯ୍ୟ ଭାବରେ ଅନ୍ତତଃ ଥରୁଟିଏ ପାଇଁ ତିରୂପତି ଯାଉଥିଲେ। ଏହା ଦେଖି ମୁଁ ଭାବିଲି, ସୁଦୂର ତିରୂପତି ଯିବା ପାଇଁ ସେହି ଛାତ୍ର ମାନଙ୍କର ପ୍ରବଳ



ଇଚ୍ଛାଶକ୍ତି ରହିଛି ନିଶ୍ଚୟ। ତଥାପି ସାରା ଜଗତର ଆରାଧ୍ୟ ଦେବତା, ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପୂଣ୍ୟ ପୁରୁଷୋତ୍ତମ କ୍ଷେତ୍ରକୁ ଯିବା ବେଳେ ଆମକୁ ଏତେ ଭାବିବାକୁ ହେଉଛି। ଆମ ଶ୍ରେଣୀର ଛାତ୍ରମାନେ ଆମକୁ ତିରୂପତିଙ୍କ ମହିମା ବଖାଣି କହୁଛନ୍ତି ଆଉ ଆମେ ଓଡିଶା ଭିତରେ ଥାଇ ବି ପ୍ରଭୁଙ୍କ ମହିମା ବିଷୟରେ କାହାକୁ କିଛି କେବେବି କହୁନୁ? ସେତେବେଳେ ବୋଧହୁଏ ପ୍ରତିଯୋଗିତା ମୂଳକ ଭାବରେ ହେଉ ଅବା ଅନ୍ୟ କିଛି ହେଉ ପୁରୀ ପ୍ରତି ଏକ ଆକର୍ଷଣ ମନରେ ଦେଖାଦେଇଥିଲା। ପରେ ପରେ ଏହି ଆକର୍ଷଣ ପ୍ରେମରେ ବଦଳିଗଲା। ବର୍ଷରେ ଅନ୍ତତଃ ଥରେ ପୁରୀ ନ ଗଲେ ମନ ଭଲ ଲାଗୁ ନଥିଲା। ଶ୍ରୀ ମନ୍ଦିରରେ ଗରୁଡ ସ୍ତମ୍ଭ ପାଖରେ ଠିଆ ହେଇ ଜଗନ୍ନାଥ ସମେତ ବଳଭଦ୍ର ଓ ମା



ସୁଭଦ୍ରାଙ୍କ ପ୍ରତିମୂର୍ତ୍ତୀ ଦର୍ଶନ କରିଲେ ଯେଉଁ ଆତ୍ମସନ୍ତୋଷ ମିଳେ ତାହା ସଂସାରରେ କେଉଁଠି ବି ଅଦୃଶ୍ୟ। ସେ ଯା ହେଉ ସମସ୍ତେ ପୁରୀ ଯିବା ପାଇଁ ବିଭିନ୍ନ ପ୍ରକାରର ପ୍ଲାନ୍ ସବୁ ତିଆରିରେ ଲାଗିଗଲେ।

ବ୍ରହ୍ମପୁରଠାରୁ ପୁରୀ ଅଧିକ ଦୁର ନୁହେଁ। ବସ୍‌ରେ ଗଲେ ବ୍ରହ୍ମପୁରଠାରୁ ଭୁବନେଶ୍ୱର ୧୭୦-୧୮୦ କିଲୋମିଟର ଆଉ ସେହିଠାରୁ ପୁରୀ ଆଉ ୬୦-୭୦ କିଲୋମିଟର, ଏହି ପରି ସର୍ବମୋଟ ୨୫୦ କିଲୋମିଟର ରାସ୍ତା, ଆଉ ଅତି କମରେ ସାତ ଘଣ୍ଟାର ଯାତ୍ରା। ରେଳଗାଡିରେ ଗଲେ ବ୍ରହ୍ମପୁରଠାରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ଯାଇ ସେହିଠାରୁ ପୁରୀ ଯିବାପାଇଁ ପୁଣି ଅନ୍ୟ ରେଳଗାଡିରେ ସବାରୀ ହେବାକୁ ହୁଏ। ସେ ଯା ହେଉ ଅତି କମରେ ଛଅ ଘଣ୍ଟାର ଯାତ୍ରା। ପୁରୀଯିବାପାଇଁ ଆଉ ଏକ ରାସ୍ତା ବି ଅଛି ଯାହା ଅନେକେ ଜାଣିନାହାନ୍ତି, ଆଉ ସେଇଟି ହେଉଛି ଚିଲିକା ଦେଇ ଯିବା ରାସ୍ତା। ବ୍ରହ୍ମପୁରରୁ ରାଷ୍ଟ୍ରୀୟ ରାଜପଥ ୫ ରେ ପାଲୁର ଛକ ପର୍ଯ୍ୟନ୍ତ ଗଲାପରେ ରାସ୍ତା ବଦଳାଇ ଚିଲିକା ମଧ୍ୟବର୍ତ୍ତୀ ଅଞ୍ଚଳକୁ ପ୍ରବେଶ କରିବାକୁ ପଡେ। ସେହି ପଥରେ ମାଲୁଦ ପାରିକୁଦ ଓ କୃଷ୍ଣପ୍ରସାଦ ପରି ଛୋଟବଡ ଅନେକ ଗାଁ ପଡେ। ଆଉ ଦୁର ଦୁର ପର୍ଯ୍ୟନ୍ତ କେବଳ ଖାଁ ଖାଁ ନିରବତା ମିଳେ। ଯାତ୍ରା ମଝିରେ ଯଦି ଗାଡି ଅଟକାଇ ଠିଆ ହେବେ ତାହେଲେ ଅନୁଭବ କରିବେ ଏତେ ବଡ ଯାଗାରେ ଆପଣଙ୍କ ବ୍ୟତୀତ ଆଉ କେହି ନାହାନ୍ତି। ଦୁର ପର୍ଯ୍ୟନ୍ତ ସାମାନ୍ୟ ଗଛଟିଏ ବି ଦେଖିପାରିବେ ନାହିଁ। କୃଷ୍ଣପ୍ରସାଦ ଗଲାପରେ ସେହିଠାରୁ ଆଉ କିଛି ଦୁର ପରେ ଆସେ ଜହ୍ନିକୁଦା ଘାଟ



ଯେଉଁଠାରୁ ସାତପଡା ଯିବା ପାଇଁ ଷ୍ଟିମର୍ ମିଳିଯାଏ। ଯାହାକୁ ସ୍ଥାନୀୟ ଲୋକେ ଭସାପୋଲ ବୋଲି ମଧ୍ୟ କହିଥାନ୍ତି। ଏକା ସାଙ୍ଗରେ ଅନେକ ଗୁଡିଏ ଯାନବାହାନ କୁ ନେବା ଆଣିବା କରାଇଦିଏ ଏହି ଷ୍ଟିମର। ଚିଲିକା ଉପରେ ମାତ୍ର ସାତ କିଲୋମିଟର ଗଲେ ପଡେ ସାତପଡା। ଏହା ଏକ ପର୍ଯ୍ୟଟନ କେନ୍ଦ୍ର। ପ୍ରତ୍ୟହ ଏଠାରେ ଶହ ଶହ ପର୍ଯ୍ୟଟକ ଆସନ୍ତି ଚିଲିକାର ପ୍ରାକୃତିକ ସୋନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଆଉ ଡଲ୍‌ଫିନ୍ କୁ ଦେଖିବା ପାଇଁ। ଚିଲିକା ହ୍ରଦରେ ପ୍ରାୟ ଶହେ ପାଖାପାଖି ଡଲ୍‌ଫିନ୍ ଥିବାର



ଅନୁମାନ କରାଯାଏ। ଡଙ୍ଗାରେ ଗଲାବେଳେ ଏମାନଙ୍କ କ୍ରୀଡ ଦେଖିବାକୁ ମିଳିଥାଏ ସେମାନଙ୍କର ପ୍ରାକୃତିକ ବାତାବରଣରେ। ସାତପଡା ଠାରୁ ପୁରୀର ଦୁରତ୍ୱ ମାତ୍ର ୪୫ କିଲୋମିଟର। ବାସ୍ ଏହି ରାସ୍ତାରେ ଗଲେ ପୁରୀ ଓ ବ୍ରହ୍ମପୁର ମଧ୍ୟର ଦୁରତା ହୁଏ ମାତ୍ର ୧୩୫ କିଲୋମିଟର।

ପବିତ୍ର ରାମ ନବମୀଦିନ ସକାଳ ୫ଟାରେ ବ୍ରହ୍ମପୁରଠାରୁ ଯାତ୍ରା ଆରମ୍ଭ କଲୁ। ଯାତ୍ରାର ପୂର୍ବପ୍ରସ୍ତୁତି କିଛି ନଥିଲା। କଲେଜର ଚାରିଜଣ ସହକର୍ମୀ ମନୋରଞ୍ଜନ, ଚନ୍ଦ୍ରଶେଖର, ପ୍ରଫୁଲ୍ଲ ଓ ଦିଲ୍ଲିପ ସହିତ ତିନୋଟି ମୋଟର ସାଇକେଲ୍‌ରେ ବାହାରି ପଡିଲୁ। ଲକ୍ଷ୍ୟ ଥିଲା ପୁରୀ ଶ୍ରୀମନ୍ଦିରରେ ଜଗନ୍ନାଥଙ୍କ ଦର୍ଶନ ଓ ଅବଡା ସେବନ କରିବା। ସଂପୂର୍ଣ୍ଣ ରାସ୍ତାରେ ବାରମ୍ବାର ଗାଡି ଅଟକାଇ ପ୍ରକୃତିର ସୁନ୍ଦରତାକୁ ଉପଭୋଗ କରି କରି ଠିକ ସାଢେ ଆଠଟା ସମୟରେ ପହଞ୍ଚିଥିଲୁ କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଜହ୍ନିକୁଦା ଘାଟରେ। ଆମେ ଆଉ କିଛି ସମୟ ବିଳମ୍ବ କରିଥିଲେ ବୋଧିହୁଏ ଆମେ ଷ୍ଟିମର୍‌କୁ ହରାଇ ଥାଆନ୍ତୁ। ଯା ହେଉ ଚିଲିକା ଉପରେ ଷ୍ଟିମରରେ ଯାତ୍ରାକରିବା ଏକ ବହୁତ ସୁଖଦାୟକ ଅନୁଭୂତି। ଆଉ ଆମର ଭାଗ୍ୟ ଭଲ ଥିଲା। ବୋଧିହୁଏ, ସେଇଥିପାଇଁ ଚିଲିକାରେ ଯାତ୍ରା ବେଳେ ଆମେ ଡଲ୍‌ଫିନ୍ ମାଛ ବି ଦେଖିଥିଲୁ। ପ୍ରାୟ ଅଧଘଣ୍ଟା ପରେ ଷ୍ଟିମର୍ ଯାଇ ଲାଗିଥିଲା, ସାତପଡାଠାରେ। ସେହିଠାରୁ ରାସ୍ତା ଭାରୀ ଭଲଥିଲା। ବୋଧହୁଏ, ପର୍ଯ୍ୟଟନର ବିକାଶ ଆଉ ଚିଲିକାର ଅବଦାନ ପାଇଁ ଅଧିକାଂଶ ପର୍ଯ୍ୟାଟକ ଚିଲିକା ଆସୁଥିବା ହେତୁ ଏହି ରାସ୍ତାକୁ ଚଉଡା କରିଦିଆଯାଇଛି। ଏହି ଯାତ୍ରା ସମୟରେ ରାସ୍ତାକଡରେ ସ୍ଥାନେ ସ୍ଥାନେ ବିଭିନ୍ନ ପ୍ରକାରର ଅନାବନା ଫୁଲଦେଖି ଫୋଟୋ ଉଠାଇବାର ଲୋଭ ସମ୍ବରଣ କରିବା ମୋ ପକ୍ଷରେ ଅସମ୍ଭବ ଥିଲା। ସେଇଥି ପାଇଁ ବାରମ୍ବାର ରାସ୍ତାରେ ଗାଡି ଅଟକାଇ ଫୋଟୋ ଉଠାଇବା ବେଳେ ଦୁର୍ଭାଗ୍ୟ ବଶତଃ ମୋ ନୁଆ କ୍ୟାମେରାର ଫୋଟୋ ମେମୋରୀ ଷ୍ଟିକ୍‌ଟି କେଉଁଠି ହଜିଗଲା। କିନ୍ତୁ ପୁରୀ ଯାତ୍ରାର ଅନୁଭୂତି ଭିତରେ ଏହି ଦୁଃଖ ଭୁଲି ଯାଇଥିଲି।







ଦିନ ଏଗାରଟା ବେଳେ ପୁରୀରେ ପହଞ୍ଚିବା ପରେ ସମସ୍ତେ ନିଷ୍ପତ୍ତି ନେଇଥିଲୁ ଯେ କୋଣାର୍କ ଯିବା। କାରଣ ଆମେ ମାନେ ଜଗନ୍ନାଥ ଦର୍ଶନ କରିବା ପାଇଁ ଅଧିକ ସମୟର ଆବଶ୍ୟକତା କରୁ ନ ଥିଲୁ ଏବଂ ଅବଡା ବାହାରିବା ପାଇଁ ଆହୁରି ଅନେକ ସମୟ ଥିଲା।, ସର୍ବୋପରି କୋଣାର୍କ ପୁରୀଠାରୁ ମାତ୍ର ୩୦ କିଲୋମିଟର୍ ଦୁରରେ ଥିଲା। ପୁରୀ କୋଣାର୍କ ରାଜପଥ ଭାରୀ ଚଉଡା ଓ ରାସ୍ତା ବୃକ୍ଷ ଛାୟାଦ୍ୱାରା ଆବୃତ। ରାସ୍ତା ଦୁଇ ପାଖରେ ଅନେକ ପ୍ରକାରର ଗଛ ଲାଗିଛି। କୋଣାର୍କ ଯିବା ପୂର୍ବରୁ ଆସେ ଚନ୍ଦ୍ରଭାଗା। ଏହି ସ୍ଥାନର ମହତ୍ତ୍ୱ ମହାଭାରତରେ ଉଲ୍ଲିଖିତ ଅଛି। କୁହାଯାଏ କାଳେ କୃଷ୍ଣଙ୍କ ପୁଅ ଶାମ୍ବ ଯେତେବେଳେ ପିତା ଦ୍ୱାରା ଶାପଗ୍ରସ୍ତ ହୋଇ କୃଷ୍ଠରୋଗରେ ପୀଡିତଥିଲେ ସେ ଏହି ସ୍ଥାନରେ ପ୍ରତିଦିନ ସୂର୍ଯ୍ୟୋଦୟ ସମୟରେ ସ୍ନାନ କରି ବାର ବର୍ଷ ତପସ୍ୟାକରି ନିଜ କୃଷ୍ଠ ରୋଗରୁ ଉଦ୍ଧାର ପାଇଥିଲେ।





କୋଣାର୍କ: ମାନବ ଦ୍ୱାରା ନିର୍ମିତ ପ୍ରଯୁକ୍ତି ବିଦ୍ୟାର ଏକ ଅବିରଳ ଉଦାହରଣ। କେଜାଣି କେଉଁ ଶତାବ୍ଦୀରୁ ଉତ୍କଳୀୟତାର ମୁକ ସାକ୍ଷ୍ୟ ଭାବରେ ନିରବତା ସହ ଠିଆ ହୋଇ ରହିଛି। ଲାଙ୍ଗୁଳାନରସିଂହ ଦେବଙ୍କ ଦ୍ୱାରା ନିର୍ମିତ ଏହି କାଳଜୟୀ କୃତି ବିଗତ ଅନେକ ଶତାବ୍ଦୀଧରି ଜନ ମାନସକୁ ଉତ୍କଳୀୟ ସ୍ଥାପତ୍ୟ କଳାର ନିଦର୍ଶନ ଦେଇ ଆସିଛି।

ସୂର୍ଯ୍ୟ ଦେବତାଙ୍କ ରଥ ଭାବରେ ନିର୍ମିତ ଏହି ବିଶାଳ କୃତି ଏକ ରଥ ପରି ଦେଖାଯାଏ। ଏହାର ଚାରି ପାଖରେ ଦଶଫୁଟ ଉଚ୍ଚତାର





ବାରଗୋଟି ଚକ୍ର ନିର୍ମିତ ହୋଇଛି । ଯାହାକୁ ସାତଗୋଟି ଘୋଡା ଟାଣିନେଉଛନ୍ତି । ବିଶ୍ୱାସ କରାଯାଉଛି ଯେ କୋଣାର୍କ



ମନ୍ଦିରର ନିର୍ମାଣରେ ଋଗ୍ ବେଦ୍‌ର ଅବଦାନ ରହିଛି ଏବଂ ସେହି ପୁରାତନ ବେଦରେ ବର୍ଣ୍ଣିତ ସୂର୍ଯ୍ୟଙ୍କ ପରି ଏହି ସ୍ଥାପତ୍ୟକୁ ନିର୍ମାଣ କରାଯାଇଛି । ଏହି ମନ୍ଦିରରେ ସୂର୍ଯ୍ୟଦେବଙ୍କ ପୂର୍ଣ୍ଣବୟବ ମୂର୍ତ୍ତୀ ଯେମିତି ସାତଟି ଘୋଡା ଖଚିତ ରଥ ଉପରେ ଠିଆ ହୋଇଥିବାର କଳା ନିର୍ମାଣ ହୋଇଛି ତାହା ଉତ୍କଳୀୟ କାରୁକାର୍ଯ୍ୟର ଚରମ ନିଦର୍ଶନ ।

କୋଣାର୍କର ମୁଖ୍ୟ ମନ୍ଦିର ସାମନାରେ



ଅବସ୍ଥିତ ନାଟମନ୍ଦିର ଏକ ଅଲଗା ଅଂଶ । ଏହି ନାଟମନ୍ଦିର ଚାରିକୋଣ ବିଶିଷ୍ଟ ଓ ଏଠାରେ ଥିବା ପ୍ରତ୍ୟେକ ସ୍ତମ୍ଭରେ ଓଡିଶୀନୃତ୍ୟର ବିଭିନ୍ନ ଭାବଭଙ୍ଗୀମାକୁ ଚମତ୍କାର ଭାବରେ ଚିତ୍ରଣ କରାଯାଇଛି । ପୃଥିବୀରେ ଏପରି କଳା ଅଦ୍ୱିତୀୟ ଯେଉଁଥିରେ ସ୍ଥାପତ୍ୟର ବାହ୍ୟ ଆବରଣ ସଂପୂର୍ଣ୍ଣ ରୂପରେ କାରୁକାର୍ଯ୍ୟରେ ଆଚ୍ଛାଦିତ । ମନ୍ଦିରର ପ୍ରତ୍ୟେକ କାନ୍ଥରେ ଉତ୍କଳୀୟ ଚାରୁକଳାର ଅପୂର୍ବ ନିଦର୍ଶନ ରହିଛି । ପଥର ଦେହରେ ଛୋଟ ଛୋଟ ମୂର୍ତ୍ତୀ ନିର୍ମାଣ କରିବା କେତେ କଷ୍ଟସାଧ୍ୟ ହୋଇଥିବା ତାହା ଦେଖିଲା ମାତ୍ରକେ ସହଜରେ ଜାଣି ହୁଏ ।

କୋଣାର୍କ ମନ୍ଦିର ବିଶ୍ୱ ଐତିହ ରୂପରେ ସଂଗୃହିତ । ଏହି ମନ୍ଦିରକୁ ଦେଖିବା ପାଇଁ ଭାରତୀୟ ନାଗରିକଙ୍କୁ ଦଶଟଙ୍କା ଦେବାକୁ ହୁଏ ଏବଂ ବିଦେଶୀ ମାନଙ୍କୁ ୫ ଡଲାର ଅର୍ଥାତ ୨୫୦ ଟଙ୍କା ଦେବାକୁ ହୁଏ । ମନ୍ଦିର ଭିତରକୁ କ୍ୟାମେରା ନେଲେ ଅଧିକ ଟିକେଟ୍ କରିବାକୁ ହୁଏ । କିନ୍ତୁ ସାମାନ୍ୟ ଫୋଟୋ ଉଠାଇବା କ୍ୟାମେରା ପାଇଁ କିଛି ଶୁଳ୍କ ଦେବାକୁ ହୁଏ ନାହିଁ । କିନ୍ତୁ ଭିଡିଓ କ୍ୟାମେରା ପାଇଁ ଅଧିକ ଟିକେଟ୍ କରିବାକୁ ହୁଏ । ବିଶିଷ୍ଟ ଐତିହାସିକ ଚାର୍ଲସ୍ ଫାବ୍ରୀଙ୍କ ମତରେ ଯଦି ଇଂରେଜମାନେ ଆଗ୍ରା ର ତାଜମହଲ ଦେଖିବା ପୂର୍ବରୁ କୋଣାର୍କ ଦେଖିଥାଆନ୍ତେ





ତେବେ ବିଶ୍ୱବାସୀଙ୍କ ମନରେ ତାଜମହଲ ପୂର୍ବରୁ କୋଣାର୍କ ହିଁ ଆସିଥାଆନ୍ତା ।

କୋଣାର୍କ ମନ୍ଦିର ସଂଲଗ୍ନ ମ୍ୟୁଜିୟମ୍‌ରେ ଏହି ମନ୍ଦିରରୁ ପ୍ରାପ୍ତ ଅନେକ ଛୋଟବଡ କଳାକୃତିକୁ ସାଇତି ରଖାଯାଇଛି । ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଥିବା ଏହି ସଂଗ୍ରହାଳୟକୁ ଦେଖିବା ପାଇଁ ୫ ଟଙ୍କା ଶୁଳ୍କ ଦେବାକୁ ହୁଏ ।



ପ୍ରତିବର୍ଷ ଡିସେମ୍ବର ମାସ ପ୍ରଥମ ସପ୍ତାହରେ କୋଣାର୍କରେ ଅନୁଷ୍ଠିତ ହୁଏ ବିଖ୍ୟାତ କୋଣାର୍କ ଉତ୍ସବ । ଓଡିଶା ପର୍ଯ୍ୟଟନ ବିକାଶ ନିଗମ ଦ୍ୱାରା ପରିଚାଳିତ ଏହି ଉତ୍ସବ ଦେଖିବା ପାଇଁ ଦେଶ ତଥା ଦେଶ ବାହାରୁ ଅନେକ ପର୍ଯ୍ୟଟକ ଆସନ୍ତି । କୋଣାର୍କ ସୂର୍ଯ୍ୟ ମନ୍ଦିର ପଟଭୂମୀରେ ବିଭିନ୍ନ କଳାକାର ମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମଦ୍ୱାରା ଯେମିତି କୋଣାର୍କ ମନ୍ଦିର ଗାତ୍ରରେ ଅଙ୍କିତ ମୂର୍ତ୍ତିମାନଙ୍କରେ ପ୍ରାଣ ସଂଚରିତ ହୁଏ ।

କୋଣାର୍କ ବିଷୟରେ କହିଲେ ଅନେକ କିଛି କହିହେବ । କିନ୍ତୁ ବିଷୟ ବିଚାରକୁ ପ୍ରାଧାନ୍ୟ ଦେଇ ଆମେ ବର୍ତ୍ତମାନ ଆମ ନିଜର ଯାତ୍ରା ବିଷୟରେ ଚର୍ଚ୍ଚା କରିବା । ଦୁଇ ଘଣ୍ଟାରେ କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ଦେଖି ମନ ଭରି ହେବା ସମ୍ଭବ ନୁହେଁ । କିନ୍ତୁ ସମୟର ଅଭାବ ଥିବା ଯୋଗୁଁ କେବଳ ଦୁଇ ଘଣ୍ଟା ମନ୍ଦିର ତଥା ମନ୍ଦିର ସଂଲଗ୍ନ ସମସ୍ତ ପ୍ରସ୍ତର ମୂର୍ତ୍ତୀର ଚିତ୍ରଉତ୍ତୋଳନ କରି ଫେରି ଆସିଥିଲୁ ପୂରୀ । ଜଗନ୍ନାଥ ମନ୍ଦିର ଅପେକ୍ଷାକୃତ କମ ଜନଗହଳି ଥିଲା ପରି ଲାଗିଲା । ଯେତେ ଥର ବି ପୂରୀ ଯାଇଛି, ଅଧିକ ଜନଗହଳି ଦେଖିବାକୁ ପାଇଛି । ପବିତ୍ର ରାମ ନବମୀ ତିଥିରେ ଜଗନ୍ନାଥଙ୍କୁ ଦର୍ଶନ କରିବାର ଯୋଗ ଥିଲା ବୋଲି ମନୋରଞ୍ଜନ କହିଲେ । ପ୍ରକୃତରେ ଆମେ ବହୁତ ଆଗରୁ ପୂରୀ ଆସିବା ପାଇଁ ମନ ବଳାଇଥିଲେ ବି କେବେ ଆମେ ସଫଳ ହୋଇ ନଥିଲୁ । ସବୁ ବନ୍ଧୁମାନେ ମିଶି ଜଗନ୍ନାଥଙ୍କ ଦର୍ଶନ ସାରିଲୁ ଆଉ ତାପରେ ଆନନ୍ଦ ବଜାରରେ ଯାଇ ଅବଡା ଖାଇବାର ସୋଭାଗ୍ୟ ପ୍ରାପ୍ତ କଲୁ । କିଛି କିଛି ଅବଡା ଘର ପାଇଁ ଆଣିଲୁ ଆଉ ସାଥିରେ ଆଣିଲୁ ଶୁଖିଲା ଭୋଗ । ସଂଧ୍ୟା ପାଞ୍ଚଟାରେ ସମସ୍ତ କାର୍ଯ୍ୟ ସାରି ଫେରିଲୁ ବ୍ରହ୍ମପୁର । ସାତପଡା ଦେଇ ଫେରିବା ସମ୍ଭବ ନଥିଲା, କାରଣ ସଂଧ୍ୟାରେ ଡଙ୍ଗା ମିଳେନି





ଆର ପାରିକୁ ଯିବା ପାଇଁ, ସେଥିପାଇଁ ନାରାୟଣପୂର ଛକରୁ ନିରାକାର ପୂର ରାସ୍ତାଦେଇ ଆମେ ବାହାରି ଆସିଲୁ ରାମେଶ୍ୱର ଛକକୁ। ଯେଉଁଠାରୁ ବ୍ରହ୍ମପୁରର ଦୂରତା ଆଉ





ମାତ୍ର ୧୨୦ କିଲୋମିଟର ଥିଲା। ସଂଧ୍ୟା ନଇଁ ରାତି ହୋଇଯାଇଥିଲା, ଜାତୀୟ ରାଜପଥରେ ଭାରୀ ଯାନବାହାନ ଚଳାଚଳ ଥିବା ସତ୍ତ୍ୱେ ରାଜପଥ ସଂପ୍ରସାରଣ ଯୋଗୁଁ ରାସ୍ତାରେ ଆସିବାରେ କିଛି ଅସୁବିଧା ହେଲାନି। ରାତି ଦଶଟା ବେଳେ ଆସି ପହଞ୍ଚିଥିଲୁ ବ୍ରହ୍ମପୁରରେ। ଏହି ଯାତ୍ରାପରେ ଆମ ସମସ୍ତଙ୍କ ମନରେ ଏକ ଅପୂର୍ବ ଉତ୍ସାହ ଦେଖାଯାଇଥିଲା। ପୁଣିଥରେ ଆଉ ଗୋଟିଏ ସ୍ଥାନକୁ ବୁଲିଯିବାର

ନିଷ୍ପତ୍ତି ନେଇଥିଲୁ ଆମେ ମାନେ ଆଉ ମୁଁ ଖୁଶିଥିଲି, କାରଣ ମୋତେ ମିଳିଯାଇଥିଲା ଏକ ବିଷୟ ଆହ୍ୱାନ ପତ୍ରିକା ପାଇଁ ଯେଉଁଥିରେ ମୁଁ ସଚିତ୍ର କୋଣାର୍କ ଓ ପୂରୀର କାହାଣି ବର୍ଣ୍ଣନା କରିବାର ଭରପୁର ଖୋରାକ ପାଇଥିଲି। ଜୟ ଜଗନ୍ନାଥ।













# ସମୟ

## ଧାରାବାହିକ କାହାଣୀ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଦିନେ ଖରାବେଳେ, ରିନା ବୋଉ ଯେତେବେଳେ ଟିକେ ଆରାମ କରିବାକୁ ବସିଛି, ପୁଅ ଆସିଲା, ଆଉ ସାଙ୍ଗରେ ଥିଲା ଗୋଟିଏ ସୁନ୍ଦରୀ ଝିଅ। ରିନା ବୋଉକୁ ବୁଝିବାକୁ ବିଳମ୍ବ ହେଲାନି, ଇୟେ ସେହି ଝିଅ ଯାହାକୁ ପୁଅ ବାହା ହେବ ବୋଲି କହୁଛି। ପ୍ରକୃତରେ ଝିଅଟି ଥିଲା ଅପରୂପା ସୁନ୍ଦରୀ। ଯେ କେହି ବି ବାହା ହେବା ପାଇଁ ଇଚ୍ଛା କରିବ। ପାଖରେ ବସାଇ ରିନା ବୋଉ ଦଉଡି ଯାଇ ରୋଷେଇଶାଳରୁ ଚିନିଟିକେ ଆଣି ଝିଅର ମୁହଁରେ ଦେଇ କହିଲା, "ପ୍ରଥମଥର ଘରକୁ ଆସିଛି, ମା'ଟା। ମୁହଁରେ ମିଠାଟିକେ ଦେବାପାଇଁ କିଛି ନାହିଁ। ହଇରେ ରବି, ଯାଉନୁ ଟିକେ ପିଲାଟି ପାଇଁ ସୁବୁଦ୍ଧି ଦୋକାନରୁ ଥଣ୍ଡାଟିକେ ଆଣିଦେବୁ।"

ରବି ତରତର ହୋଇ ବାହାରିଗଲା। ରିନା ବୋଉ କିଛି ସମୟ ଝିଅଟିକୁ ଦେଖିଲା ପରେ କହିଲା, "ମା' ତୋ ନାଁ କଣ? କେତେ ପଢିଛୁ। ଘର କାମ କଣ କଣ କରିପାରୁଛୁ। ଚାକିରୀ କରୁଛୁ କି?"

ଝିଅଟି ହସି ହସି କହିଲା, "ବୋଉ, ଏତେ ପ୍ରଶ୍ନ ଏକାଠି ପଚାରିଲେ କେମିତି କହିବି। ତୁମ ପୁଅ କହିନାହାନ୍ତି, ମୋ ନାଁ? ମୋତେ ତ କହିଥିଲେ ସେ ସବୁ କଥା ଘରେ କହିଛନ୍ତି ବୋଲି?"

"ହଁ ହଁ" ରିନା ବୋଉ କହିଲା, "କହିଥିଲା। ଯେ ତୋ ନାଁଟା କହିନ ଥିଲା।"

"ମୋ ନାଁ ଛବି। ମୁଁ ଏବେ ପାଠ ପଢୁଛି। ଚାକିରୀ କରିବିକି ନାହିଁ ଠିକ କରିନି। ପିଲାବେଳୁ ହଷ୍ଟେଲ୍‌ରେ ରହିଥିଲି ତ ସେଥିପାଇଁ ରୋଷେଇ କାମ ଆସୁନି। ଆଉ ଘର କାମ ?"

ସେ ଅଟକି ଗଲା। ରିନା ବୋଉ ସବୁ ବୁଝିଗଲା। ଧନୀ ଘରର ଅଲିଅଳୀ ଝିଅଟା ଆଉ କଣ କାମ କରନ୍ତା ନା କଣ? ଘରେ ତ ପାହୁଣ୍ଡ ପାହୁଣ୍ଡରେ ଚାକର ବାକର ଥିବେ ସେ ବା କାହିଁକି କାମ କରିଥାନ୍ତା। କିନ୍ତୁ ସେ କଣ ତା' ପୁଅ ପାଇଁ ରୋଷେଇ କରିବନି? ହେଲେ ରବି କଣ ଖାଇବ, ରବି ତ ଭୋକ ବିକଳାଟା। ଭଲ କରି ଖାଇବାକୁ ନ ଦେଲେ ଘରେ ନିଆଁ ଲଗେଇଦିଏ, ସେ କେମିତି ଚଳିବ? ରିନା ବୋଉର ବି ତ ବୟସ ଗଡିଲାଣି, ସେ ବା ଆଉ କେତେ ଦିନ ବଞ୍ଚିବ? ସେ ଗଲା ପରେ ତା ପୁଅକୁ କିଏ ଦେଖିବ କରିବ? ମନେ ମନେ ରିନା ବୋଉ କେତେ କଥା ଭାବିଗଲା। ହେଲେ ସେତିକିବେଳେ ରବି ହାତରେ ଦୁଇଟା ବୋତଲ ଥଣ୍ଡା ପାନୀୟ ଆଣିଦେଲା। ଛବି ଥଣ୍ଡାକୁ ଦେଖୁ ଦେଖୁ କହିଲା, "ଏଇଟା କାହିଁକି ଆଣିଲ? ତୁମେ କଣ ଜାଣିନ, ମୋତେ ଏଇ ଥଣ୍ଡା ଭଲ ଲାଗେନି?" ରବି ମୁହଁଟାକୁ ଆମ୍ବିଳା ପରି କରି କହିଲା "ଆମ ଗଳିରେ କେବଳ ଏଇ ଥଣ୍ଡା ପାନୀୟ ହିଁ ମିଳେ।"

ରିନା ବୋଉ କୁ କଥାଟା ଠିକ ଲାଗିଲାନି। କହିଲା ଥଣ୍ଡା ତ ଥଣ୍ଡା ପୁଣି ଏଇଟା ସେଇଟା କଣ? କିନ୍ତୁ ଚୁପ୍ ରହିବାକୁ ଠିକ ଭାବିଲା। କାରଣ ସେ ତ ଆଉ ବଡ ଘର ଝିଅ ହେଇନି। ସେ ବା କେମିତି ଜାଣିବ କୋଉ ଥଣ୍ଡା କେମିତି ଲାଗେ। କିଛି ସମୟ ରହି ଛବି ପଳାଇଲା। ସେ ଗଲା ପରେ ରବିକୁ ପାଖକୁ ଡାକି ରିନା ବୋଉ କହିଲା, "ବାପ, ଝିଅଟା ବଡ ସୁନ୍ଦର ହେଲେ ଟିକେ ଗେଲ୍ଲା ହେଇଯାଇଛି ବୋଧହୁଏ?"

"ଟିକେ" ରବି ହସି ହସି କହିଲା, "ପୁରା ଗେଲ୍ଲା ନା, ସବୁ ଜିନିଷ ଭଲ ଭଲ ହିଁ ଦରକାର। କୋଣସି ଜିନିଷରେ କିଛି କମ ହେଲେ ରୋକଠୋକ୍ ମନା କରିଦେବ। ବଡ ଘର ଝିଅତ ସେଇଥିପାଇଁ ଟିକେ ବିଗିଡି ଯାଇଛି।"

ରିନା ବୋଉ କିଛି ସମୟ କିଛି କହିବ ବୋଲି ଭାବି ଚୁପ୍ ରହିବା ଦେଖି ରବି କହିଲା, "ବୋଉ, କଣ ଭାବୁଛୁ? କହୁନୁ?"

"ନାଇଁ ମୁଁ କଣ ଭାବୁଥିଲି। ଏତେବଡ ଘରର ଝିଅ ଆମ ଘରେ କେମିତି ଚଳିବ? ଆମେ ତ ବାବୁରେ ଗରିବ। ଦେଖିଲୁ ଝିଅଟା ଆସିଲା ଯେ ବସିବା ପାଇଁ ଚଉକି ଖଣ୍ଡେ ବି ଦେଇପାରିଲେନି। ଆଉ ଆମ ଏ ଗଳିରେ ସେ ରହିବ କେମିତି? ସେ କହୁଥିଲା, ତା'କୁ ରୋଷେଇ କରିବା ଆସେନି, ତୁ ଖାଇବୁ କଣ? ଆମେ ତ ଏତେ ଧନୀ ବି ହେଇନୁ ଯେ ଘରେ ଚାକର ବାକର ରଖିବା?" ରିନା ବୋଉ କହିଲା।

"ହଁ ବୋଉ, ଜାଣିନି, କହିଲେ ଜାଣିଯିବନି। ଆଉ ସେ ତ ଜୀବନସାରା ହଷ୍ଟେଲ୍‌ରେ ରହିଛି ରୋଷେଇ ଶିଖିବ କେମିତି? ଆଉ ଆମେ ଏତେ ଗରିବ ବି ତ ନୁହେଁ। ଦରକାର ହେଲେ ଆମେ ଅନ୍ୟ ସାହିରେ ବଡ ଘର ଦେଖି ଭଡା ନେଇଯିବା।" ରବି କହିଲା।

"କିନ୍ତୁ ପୁଅ, ଅନ୍ୟ ସାହିରେ ଘର ଭଡା ନେଲେ ଏଇ ଯୋ ଆମର ପୂର୍ବପୁରୁଷର ଘରଟା ଅଛି, ଏଇଟାକୁ କିଏ ଦେଖିବ? ଆଉ ତୋ ବାପାଙ୍କୁ କିଏ ବୁଝେଇବ?" ରିନା ବୋଉ କହିଲା।

ରବି କିଛି ସମୟ ଭାବିଲା ପରି ଦେଖାଗଲା, ଆଉ ପୁଣି କହିଲା," ବୋଉ ତୁ ସେ କଥା ଛାଡେ, ବାପାଙ୍କୁ ବୁଝେଇବା କାମ ତୋର। ଆଉ ରହିଲା ଏଇ ଘରଟା, ଏଇଟାକୁ ବିକି ଦେବା। କେତେ ଟଙ୍କା ବି ଆସିଯିବ।"

ରିନା ବୋଉ ଚମକି ପଡିଲା, ରିନା ବାପା ଚାକିରୀ ଜୀବନ କାଳରେ ଯାହା ସଂଚୟ କରିଥିଲେ, ତାହାକୁ ଲଗାଇ ଏହି ଘରଟି କିଣିଥିଲେ। ଏହାକୁ ବିକିଦେବ? ବାବୁ ରାଜି ହେବେ? କିନ୍ତୁ ସେ କେବେ ବି ରାଜି ହେବନି। ନୂଆ ବୋହୁ ହୋଇ ଆସିଲା ବେଳକୁ ଏହି ଗଳିର ଶେଷରେ ଥିବା ଏକ ପରିତ୍ୟକ୍ତ ଘରେ ରହିଥିଲା। ଯାହାହେଉ ବାବୁଙ୍କ ମତିଗତି ଠିକ ଥିଲାବୋଲି ଏଇ ଘରଟା କିଣିଦେଲେ। ଏଇ ଘରେ ସେ ଦୁଇ ଦୁଇଟା ଛୁଆ ଜନ୍ମ ଦେଇଛି। ସେ କେମିତି ଛାଡିଚାଲିଯିବ? ଦିନବେଳେ ସେ ଶୋଇବା ଭୁଲି ଗଲା। ସନ୍ଧ୍ୟାରେ ବାବୁ ଆସିଲେ କଣ କହିବ କିଛି ଭାବିପାରିଲା ନାହିଁ।

ସନ୍ଧ୍ୟାରେ ବାବୁ ଆସିଲା ବେଳକୁ ରିନାବୋଉ ଶଯ୍ୟାରେ ପଡିଛି। କାରଣ କଣ ପଚାରିବା ବେଳେ କାନ୍ଦିପକାଇଲା। ବାବୁ ହସିଲେ, କହିଲେ " ମୁଁ କଣ କହିଥିଲି? ବଡ ଘର ଝିଅ, ସେ ଘରକୁ ଆସିବା ପୂର୍ବରୁ ଘରେ ଏତେ ସବୁ ଅସୁବିଧା ଆରମ୍ଭ ହେଲାଣି, ଭାବିରଖ ସେ ଆସିଲେ କଣହେବ? ଆମେ ମଧ୍ୟମ ବର୍ଗର ଲୋକ, ଦିନେ ବଞ୍ଚିଲେ ଆର ଦିନ ପାଇଁ ଠିକଣା

ନାହିଁ। ଆଉ ତୁମେ ପୁତ୍ରଶିରୋମଣୀ ମନସ୍ତ କରିଛନ୍ତି ଘରକୁ ବଡ ଘର ଝିଅ ଆଣିବେ? ତା'ଙ୍କୁ ବୁଝାଅ।"

ରିନା ବୋଉ ବାବୁଙ୍କୁ ଦେଖିଲା, ଆଗ ପରି ତେଜ ଦିଶୁନି। ବାବୁ ଆଜି ଟିକେ ଚିନ୍ତିତ ବି ଦିଶୁଛନ୍ତି। କଣ କହିବ ଭାବିପାରିଲାନି। ଚୁପ୍ ରହିବାକୁ ଠିକ୍ ଭାବିଲା। କିନ୍ତୁ ବାବୁ ବିଚଳିତ ଲାଗୁଥିଲେ। ରିନାବୋଉ ତରତର ହୋଇ ଶେଯରୁ ଉଠି ରୋଷେଇ କରିବାକୁ ଗଲାବେଳେ ବାବୁ ହାତ ଧରି ବସାଇଦେଲେ, କହିଲେ,"ରିନା ବୋଉ, ଥାଉ। ଆଜି ମୁଁ କିଛି ଖାଇବିନାହିଁ। ମୋତେ କିଛି ଭଲ ଲାଗୁନି।"

ରିନା ବୋଉ ମୁହଁ ତଳକୁ କରି ବସିରହିଲା। ବାବୁ କହିଲେ," ଆଜି ଝିଅଟି ଘରକୁ ଆସିଥିଲା? ବାହାରେ ଝୁନୁ କହୁଥିଲା।" ରିନାବୋଉ ମୁଣ୍ଡଟୁଙ୍ଗାରି ହଁ ଭରିଲା।"ଆଜି ରାସ୍ତାରେ ଗଲାବେଳେ, ସେ ସାହିର ବାବୁ ପଣ୍ଡା ଦେଖାହେଲା, କହିଲା, ଯଦି ଘରଟା ବିକୁଛ ତାହେଲେ କେବଳ ମୋତେ ହିଁ ଦେବ। ଯାହା ରେଟ୍ ହେବ ବସିକି ଠିକ୍ କରିଦେବା। ଏବେ ତୁମ ପୁଅ ଏଇ ଘରକୁ ବିକିବା ପାଇଁ ଯୋଜନା କରିଲେଣି। ନିଜେ ତ ଚାଖଣ୍ଡେଟିଏ ଜମି କିଣିବାର ଯୁ ନାହିଁ, ମୋର ଏଇ ଘରକୁ ବିକିବା ପାଇଁ ଯୋଜନା କଲାଣି।"

ରିନା ବୋଉ କହିଲା,"ଯାହା କରୁଛି, ତା ଖୁଶିପାଇଁ ତ। ଗୋଟିଏ ବୋଲି ପୁଅ ଆମର ତା' ଖୁଶିରେ ଆମେ ଖୁଶି ନ ହେବା କେମିତି।"

"ଆଜି, ସେ ଝିଅକୁ ଆମ ଘର ଭଲ ଲାଗୁନି ସେ ଘର ବିକିଦେବ, କାଲି ଆମେ ଯଦି ତାକୁ ଭଲ ନ ଲାଗିବା ଆମକୁ ଘରୁ ବାହାର କରି ଫିଙ୍ଗିଦେବ, ସେତେବେଳେ କୁଆଡେ ଯିବା? ମୁଁ ପ୍ରଥମରୁ କହୁଥିଲି ନା ଏଇ କଥାଟା ମତେ ଜମା ଠିକ୍ ଲାଗୁନି। ପୁଅ ଆସିଲେ କହିଦିଅ, ସେ ଯଦି ଏଠାରେ ରହିବ ରହୁ ନହେଲେ ସହରରେ ଏତେ ସାହିଗଳିକନ୍ଦି ଅଛି, ତାକୁ ଯେଉଁଠି ଇଛା ସେଇଠି ରହୁ, କିନ୍ତୁ ମୁଁ ଏଇ ଘର ବିକିବି ନାହିଁ। ଆମେ ମରିଗଲା ପରେ ଯଦି ସେ ଚାହୁଁଥାଏ ତା'ହେଲେ ସେ ଘର ବିକୁ କି ରଖୁ ତା' ଇଛା।" ବାବୁ ଉଠି ଚାଲିଗଲେ।

ପରଦିନ ଦ୍ୱିପହରବେଳେ ରବି ଆସିଲା। ରିନାବୋଉ ଖାଦ୍ୟ ବାଡିବାକଥା କହିଲା ବେଳକୁ ସେ ଖାଲି ଚିଡିଚିଡି ହୋଇ କହିଲା,"କଣ ଅଛି ଏଇ ଘରଟାରେ। ମୁଁ କହିଲି ଯିବା ଭଲଘରେ ରହିବା। କଣ ଭୁଲ କହିଲି? ନା, ଜୀବନ ସାରା ମୋର କେଉଁ କଥାଟା ତାଙ୍କୁ ଭଲ ଲାଗିଛି ଯେ ଏବେ ଲାଗିବ?"

ରିନା ବୋଉ କଣ ଆଉ କହିଥାଆନ୍ତା। ଏଣେ ମାରିଲେ ଗୋହତ୍ୟା ତେଣେ ମାରିଲେ ବ୍ରହ୍ମ ହତ୍ୟା। ସେ ଚୁପ୍ ବି ରହିପାରିଲାନି। କହିଲା,"ବାବୁରେ ଯଦି ଇଛା ହେଉଛି ବଡଘରେ ରହିବା ପାଇଁ, ଯାଆ ଯେଉଁଠି ଇଛା ହେଉଛି ଘରଟିଏ ଭଡା ନେଇ ରହ। ସେଥିରେ ଏଇ ଘର ବିକିବାର କଣ ଦରକାର ଅଛି। ବାବୁ ଏଇ ଘରଟାକୁ ବିକିବେ ନାହିଁ ବୋଲି କହିଛନ୍ତି। ବାକି ତୋ ଇଛା। ମୁଁ ମଝିରେ ମରୁଛି ଯାହା। କଣ କରିବି କହ। ଏଇ ଘରେ ତୁମେ ଦି ଜଣଙ୍କୁ ବଡ କରିଛି। ଏଇ ଘରକୁ ବିକି ଦେବି କେମିତି। ଯେତେବେଳେ ଆମେ ଦୁଇପ୍ରାଣୀ ମରିଯିବୁ, ତୁ ସେତେବେଳେ ଏଇ ଘରକୁ ବିକେ କି ଭାଙ୍ଗେ କେହି ପ୍ରତିବାଦ କରିବାକୁ ନଥିବେ।" ରବି ଖାଦ୍ୟ ନ ଖାଇ ଚାଲିଗଲା। ରିନା ବୋଉ ମୁଣ୍ଡରୁ ବୋଝଟିଏ ହଟିଗଲା ଯେମିତି। ସେ ଚେଷ୍ଟାକରି ବି କହିପାରିନଥାନ୍ତା, କଥାଟା ଯେମିତି ଏକ ନିଶ୍ୱାସରେ କହିପକାଇଲା।

ଦୁଇତିନିଦିନ ପର୍ଯ୍ୟନ୍ତ ରବି ଘରକୁ ଆସିଲାନି। ରିନା ବୋଉ ଚିନ୍ତା କରୁଥିଲା। କିନ୍ତୁ ବାବୁ ଆସି କହିଲେ ଚିନ୍ତାକରିବା ଆବଶ୍ୟକ ନାହିଁ। ରବି ଦୋକାନରେ ବସିଥିବା ସେ ଦେଖିଛନ୍ତି। ପୁଅକୁ ଏତେ ବଡ କରିଛନ୍ତି ଜାଣିଛନ୍ତି, ସେ କେମିତି ବଞ୍ଚିବ। ନିଜ ବଳରେ ଏକାଏକା ଏତେ ବଡ ଦୋକାନ କରିବାର ସାମର୍ଥ୍ୟ ରଖିଛି ଯେତେବେଳେ, ସେ କାହିଁକି ଚିନ୍ତିତ ବା ହୋଇଥାଆନ୍ତେ। ଆଉ ଜୀବନର ସଂଘର୍ଷରେ ସେ ଏକା ଏକା ଲଢିବା ଭଲ କାରଣ ଯେତେବେଳ ଯାଏଁ ସେ ନିଜେ ନିଜେ ଲଢିବନି ସେତେବେଳ ଯାଏଁ ଜାଣିପାରିବନି ଜୀବନର କଷ୍ଟଦାୟକ ଅଭିଧାନ ସବୁ ବୁଝିପାରିବନାହିଁ। ନିଜ ଜୀବନର ସଂଘର୍ଷତାକୁ ନିଜେ ଜିତିବାକୁ ହେବ।

(ଅବଶିଷ୍ଟାଂଶ ଆଗାମୀ ସଂସ୍କରଣରେ)

# ଅପ୍ରିୟ ସତ୍ୟ

ଆଜି କେବଳ ତୁମକଥା ଭାବି ଭାବି ଅନେକ ସମୟ ବିତି ଗଲାଣି। ବହୁତ ସମୟ ହେଲାଣି ତୁମପାଇଁ କିଛି ଲେଖିବି ଲେଖିବି ବୋଲି ବସିଛି ଘଡିରେ ମଧ୍ୟରାତ୍ରୀ ହେଲାଣି। ହଷ୍ଟେଲ୍ ସାମନା ପ୍ରଫେସର୍ କଲୋନୀରେ ବାହାଘର ଉତ୍ସବର ଆଲୋକ ମୋ ରୁମ୍‌ର ଅନ୍ଧକାରକୁ ଚିରି ପକାଉଛି, ଆଉ ମାଇକରେ ବାଜୁଥିବା ଗୀତ ମୋତେ ଶୁଆଇବି ଦେଉନି। ହଁ ବାହାଘର, ତୁମେ କହୁଥିଲନା ଭଲପାଇ ବାହା ହେବ ବୋଲି! ଭଗବାନ କରନ୍ତୁ ତୁମ ଆଶା ପୂରଣ ହେଉ। ମୋର କଣ ଅଛି, ମୁଁ ତ ଆଗରୁ କହି ସାରିଛି, ବାପା ମା ଯେଉଁଠି କହିବେ ସେଇଠି ବାହା ହେବି, ଆମର ଚିନ୍ତାଧାରା କେତେ ଅଲଗା? ନିଶ୍ଚେ ଭାବୁଥିବ ପୁଅଟିଏ ହୋଇ ଏମିତି କାହିଁକି ଭାବୁଛି? କିନ୍ତୁ ମୋ ଭାବିବାର କାରଣ ତୁମେ ଜାଣି ପାର ଅଥବା ନ ଜାଣିପାର ମଧ୍ୟ। ସେ ଯା ହେଉ ମୁଁ କେବଳ ଏତିକି କହିପାରେ, ଯେ ମୁଁ ନିଜଉପରେ ଆସ୍ଥା ଓ ବିଶ୍ୱାସ ରଖିପାରିନି, ଅଥବା ନିଜ ଉପରେ ଅତ୍ୟଧିକ ଆସ୍ଥା ରଖି ପରେ ଦୁଃଖ କରିବାର ମୋର ସାହସ ନାହିଁ।

ତୁମେ ମୋତେ ହଠାତ୍ ଦିନେ ଏମିତି ମିଳିଯାଇଥିଲ। ଜାଣେନା କେଉଁ ବେଳାରେ ଆମର ବନ୍ଧୁତା ହୋଇଥିଲା। ଯାହା ଖୁବ କମ ସମୟରେ ଏତେ ନିବିଡ ହୋଇଥିଲା। ତୁମପ୍ରତି ମୋର ଥିଲା ଦୁର୍ବାର ଆକର୍ଷଣ ଆଉ ମୋ ପାଇଁ ତୁମର। ହଁ ମୁହଁ ଖୋଲି କେବେ କହିପାରି ନ ଥିଲ। କାହିଁକି ବା କହିଥାଆନ୍ତ? ମୁଁ ତ ପୁଅଟାଏ ହୋଇ ମଧ୍ୟ କେବେ ତୁମକୁ ମୋ ମନକଥା ଖୋଲି କହିନି। ହଁ ଭଲ ଅଭିନୟ କରେ ଯେମିତି ତୁମ ପ୍ରତି ମୋର କିଛି ବି ଆକର୍ଷଣ ନାହିଁ କିନ୍ତୁ ତୁମେ ତ ମୋ ପାଇଁ ସବୁ କିଛି। ତୁମେ ମୋ ପାଇଁ ଏକ ଏମିତି ଦୁର୍ବଳତା ଯାହାକୁ ମୁଁ ଚାହିଁଲେ ବି ଦୁର କରିପାରିବି ନାହିଁ। ହେଲେ, ତୁମେ ଆଜି ଅଛ, ମୋ ସହ ଦେଖା କରୁଛ, ମୋ ସହ କଥାବାର୍ତ୍ତା ହେଉଛ, ମୋତେ ଭାରୀ ଭଲ ଲାଗୁଛି, ତୁମକୁ ବି ଲାଗେ ବୋଲି କହିଛ। କିନ୍ତୁ ମୁଁ ତ କେବେ ବି ମୁହଁ ଖୋଲି କହି ପାରିବିନି,

ଯେ ମୁଁ ତୁମକୁ ଭଲପାଏ ବୋଲି। କାହିଁକି??? ତା'ର ଉତ୍ତର ମୁଁ ଜାଣେନି କିମ୍ବା ଜାଣିବା କୁ ଚାହିଁନି। ତୁମେ ମୋତେ ମନେ ମନେ ଭୀରୁ, କାପୁରୁଷ ବୋଲି ବି କହିପାର, ମୋର କିଛି ବି ଆପତ୍ତି ନାହିଁ କାରଣ ଜଣେ ଝିଅର ମନକୁ ମୁଁ ବୁଝିନି କିମ୍ବା ଅନ୍ୟ ପ୍ରକାରେ କହିଲେ ବୁଝିକି ବି ଅବୁଝା ଭଳି ବ୍ୟବହାର କରିଛି। ମୁଁ କିନ୍ତୁ ଠିକ ତୁମ ମନ କଥା ଜାଣିଛି। ତୁମେ ମୁହଁ ଖୋଲି ନ କହିଲେ ବି ତୁମ ଆଖିର କଥା ମୁଁ ଠିକ ବୁଝିଛି। ତୁମ ଆଖି ସୁନ୍ଦର କହି ଘଣ୍ଟା ଘଣ୍ଟା ଚର୍ଚ୍ଚା କରିବା ସମୟରେ ସେଥିରେ ଥିବା ସମସ୍ତ ଅନ୍ତର୍ନିହିତ ରହସ୍ୟକୁ ପଢିଛି। ମୁଁ ଜାଣେନା ଭବିଷ୍ୟ କଣ ବା କେମିତି ହେବ? କାଲି ଯଦି ହଠାତ୍ ତୁମେ ଚାଲିଯିବ ମୋର କଣ ହେବ? ବୋଧହୁଏ କିଛି ଦିନ ତୁମକୁ ଖୋଜିବି, ତୁମକଥା ମନେ ପକାଇ ମୋ ଏକାନ୍ତକୁ ଆହୁରି ଅଧିକ ଏକା କରି ପକାଇବି। ତୁମ ରୂପ ତୁମ କଥାକୁହା ଆଖି ଇତ୍ୟାଦି ମନେ ପକାଇ କିଛି ଦିନ ଦୁଃଖ କରିବି। ଆଉ ଧୀରେ ଧୀରେ ତୁମ କଥା ପୁରୁଣା ଫୋଟପରି ମୋ ମନର ଦୃଶ୍ୟପଟରୁ ଝାପସା ହୋଇଯିବ। ଯଦ୍ୟପି ମୁଁ ତୁମକୁ ଭୁଲି ପାରିବିନି, ତଥାପି ସମସ୍ତଙ୍କ ପାଇଁ ତୁମକୁ ଭୁଲି ଯିବାର ଛଳନା କରିବି।

**ଡା ଜ୍ୟୋତି ପ୍ରସାଦ**



# ଅଜଣା ଫୁଲର ମହକ, ଲୁସିଆ ରାଣୀ

ଓଡିଶାର ବନାଞ୍ଚଳ ଆଦିବାସୀ ଅଧ୍ୟୁଷିତ ଆଠମଲ୍ଲିକର କନ୍ଧପଡା ଗ୍ରାମରେ ୧୯୪୯ ମସିହା ଅକ୍ଟୋବର ସତେଇଶ ତାରିଖରେ ଶ୍ରୀଧର ମହାନନ୍ଦିଆ ଓ କଳାବତୀ ଦେବୀଙ୍କର ତୃତୀୟ ସନ୍ତାନ ଭାବରେ ଜନ୍ମ ଗ୍ରହଣ କରିଥିବା ଶିଶୁଟି ଯେ ଦିନେ ଆନ୍ତର୍ଜାତିକ ଖ୍ୟାତି ସଂପର୍ଣ୍ଣ ହେବ ଏହା କେହି କେବେ ବି ଭାବି ନଥିବେ। ସେହି ପୁତ୍ର ଆଜି ସୁଦୂର ବିଦେଶରେ ସ୍ୱୀଡେନ୍ ଦେଶରେ ଜଣେ ପ୍ରତିଷ୍ଠିତ ଚିତ୍ରକର ଭାବରେ ସମ୍ମାନ ପ୍ରାପ୍ତ। ସେହି ବ୍ୟକ୍ତିଙ୍କର ଆତ୍ମଜୀବନି ଚଳଚ୍ଚିତ୍ର ମାଧ୍ୟମରେ ଯେତେବେଳେ ସ୍ୱୀଡେନ୍ର ଜନସାଧାରଣଙ୍କୁ ଦେଖାଯାଇଥିଲା, ସମଗ୍ର ପ୍ରେକ୍ଷାଗୃହରେ ନିରବତା ଛାଇ ରହିଥିଲା। ଅନେକେ ନିଜ ଆଖିର ଅଶ୍ରୁକୁ ବନ୍ଦ କରିପାରିନଥିଲେ। ତାଙ୍କରି ଜୀବନ ଓ ପ୍ରେମର କାହାଣୀ ସ୍ୱୀଡେନ୍ ବ୍ୟତିତ ନରୱେ ଆଦି ଦେଶରେ ଖୁବ ଲୋକପ୍ରିୟ ହୋଇଥିଲା। ସେହି ବିଶିଷ୍ଟ ବ୍ୟକ୍ତିତ୍ୱ, ଯାହାଙ୍କୁ ଲୋକେ ସ୍ନେହରେ ପିକେ ବୋଲି ମଧ୍ୟ ସମ୍ବୋଧନ କରନ୍ତି, ଅଟନ୍ତି ଶ୍ରୀ ପ୍ରଦ୍ୟୁମ୍ନ କୁମାର ମହାନନ୍ଦିଆ।




ଏହି ମହାନ ବ୍ୟକ୍ତିତ୍ୱଙ୍କର ଜୀବନି ସମ୍ବଳିତ ଏକ ପୁସ୍ତକ, ସେ ନିଜ ଭାଇଙ୍କ ଦ୍ୱାରା ମୋ ପାଖକୁ ପଠାଇଛନ୍ତି। ଏହି ବହିଟି ସଂପ୍ରତି ଭୁବନେଶ୍ୱର ଠାରେ ଉଦଯାପିତ ପୁସ୍ତକ ମେଳାରେ ଉନ୍ମୋଚନ କରାଯାଇ ଖୁବ ପ୍ରସିଦ୍ଧି ଲାଭ କରିଥିଲା। ଏହି ବହିଟିର ନାମ, "ଅଜଣା ଫୁଲର ମହକ, ଲୁସିଆ ରାଣୀ"। ଏହି ପୁସ୍ତକରେ ଲେଖକ ନିଜର ଅନେକ ଅନୁଭୂତିକୁ ଚିତ୍ରପଟରେ ନିଖୁଣ ଚିତ୍ରପରି କାଗଜର ଫର୍ଦ ଉପରେ ଅବତାରଣ କରାଇଛନ୍ତି। ଅନେକ ଲେଖା ଯାହା ଅତୀତରେ ବିଭିନ୍ନ ଖବର କାଗଜର ଶିରୋମଣ୍ଡନ କରିଥିଲା, ତାହାକୁ ବି ଏଥିରେ ସ୍ଥାନ ଦିଆଯାଇଛି।

ଏହି ସୁନ୍ଦର ପୁସ୍ତକଟି ମୋ ନିକଟକୁ ପଠାଇଥିବାରୁ ଶ୍ରୀ ପ୍ରଭାତ କୁମାର ମହାନନ୍ଦିଆ, ଯେ କି ପ୍ରଦ୍ୟୁମ୍ନ କୁମାରଙ୍କ ଭାଇ ବର୍ତ୍ତମାନ ସେ ମାଲକାନାଗିରି ଜିଲ୍ଲାପାଳ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ଭାବରେ ଅବସ୍ଥାପିତ, ସେହି ମହାଶୟଙ୍କୁ ଅଶେଷ ଧନ୍ୟବାଦ। ଆଗାମୀ ସଂଖ୍ୟାରେ ଏହି ପୁସ୍ତକରୁ କିଛି ଅଂଶ ନିଶ୍ଚିତ ଭାବରେ ଆମ "ଆହ୍ୱାନ"ରେ ସ୍ଥାନ ପାଇବ।

# ଲଳିତ ତରଙ୍ଗ




ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ରରେ ଅଧୁନା ଅବସ୍ଥାପିତ ଇଞ୍ଜିନିୟର ଶ୍ରୀ ପ୍ରଦୀପ ଷଡଙ୍ଗୀ ମହାଶୟ ଜଣେ ଏକାଧାରରେ କବି, ଲେଖକ ଓ ସାମ୍ବାଦିକ। ଅନେକ ସମୟରେ ବିଭିନ୍ନ ପ୍ରକାରର କବିତା, କ୍ଷୁଦ୍ରଗଳ୍ପ ଓ ଅନେକ ସାମାଜିକ ସମସ୍ୟା ଉପରେ ଲେଖାମାନ ଲେଖି ସେ ସମାଜପ୍ରତି ନିଜ କର୍ତ୍ତବ୍ୟର ଏକ ସୁଦୃଢ ଉଦାହରଣ ଦେଇଛନ୍ତି। ସ୍ୱୀକୃତ ବେତାର ଗୀତିକାର ଶ୍ରୀ ଷଡଙ୍ଗୀ ଦୀର୍ଘ ଦୁଇ ଦଶନ୍ଧି ଧରି ସାରସ୍ୱତ ସାଧନାବ୍ରତୀ। ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବିଜୟ ରାଜେନ୍ଦ୍ରପୁର ଶାସନ(ପିତ୍ତଳ) ଗ୍ରାମରେ ଏକ ମଧ୍ୟବିତ୍ତ ପରିବାରରେ ୧୯୬୨ ଅଗଷ୍ଟ ୧୩ ତାରିଖରେ ଜନ୍ମିତ ଏହି ପ୍ରତିଭା ପିତା ସ୍ୱର୍ଗତ ହାଡୁ ଷଡଙ୍ଗୀ ଓ ମାତା ଶ୍ରୀମତି ରାଜମଣୀ ଷଡଙ୍ଗୀଙ୍କ ଓରସରୁ ଜାତ। କବିଙ୍କ ପ୍ରଥମ କବିତା ସଂକଳନ ୧୯୮୬ ମସିହାରେ ପ୍ରକାଶ ପାଇଥିଲା, "ସ୍ମୃତି ସ୍ୱପ୍ନ ଫୁଲ" ଏତଦ ବ୍ୟତୀତ ଅନେକ ଗଳ୍ପ ଓ କବିତା ସଂକଳନ ପ୍ରକାଶନ ଅବସ୍ଥାରେ ରହିଛି।

"ଲଳିତତରଙ୍ଗ" କବିଙ୍କ ଦ୍ୱାରା ରଚିତ ଦ୍ୱିତୀୟ କବିତା ସଂକଳନ। ସଂକଳନଟିର ଅନେକ ଗୀତ ଆକାଶବାଣୀ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ପ୍ରଚାରିତ ଓ ପରିବେଶିତ। ବିଭିନ୍ନ ସ୍ତରର ସଂଗୀତ, କଳା, ସଂସ୍କୃତି, ସାହିତ୍ୟ ଅନୁରାଗୀ ଓ ପୃଷ୍ଠପୋଷକ ମାନଙ୍କୁ ଆଖିଆଗରେ ରଖି ଏହି ନୂତନ ସୃଷ୍ଟି।

କବିଙ୍କର ପ୍ରଥମ ଅବଦାନ, "ସ୍ମୃତି ସ୍ୱପ୍ନ ଫୁଲ" ଭକ୍ତି ଗୀତ, ଆଧୁନିକ, ଦେଶଭକ୍ତି ଏବଂ ପଲ୍ଲୀସ୍ୱରକୁ ନେଇ ପ୍ରକାଶିତ ହୋଇଥିଲା। କିନ୍ତୁ "ଲଳିତ ତରଙ୍ଗ" କେବଳ ଆଧୁନିକ ଗୀତ ବା ଗଜଲ୍ ଧର୍ମୀ ଗୀତକୁ ନେଇ ଏକ ସଂପୂର୍ଣ୍ଣ ଭିନ୍ନ ପ୍ରୟାସ। ବିଭିନ୍ନ ସମୟର ଚିନ୍ତା ଓ ଚେତନା ଏବଂ ସନ୍ତୁଳନକୁ ନେଇ ରଚିତ ଗୀତି ଗୁଡିକରେ

ଆଶା ଓ ଆଶଙ୍କା, ଦୁଃଖ□ସୁଖ, ହର୍ଷ□ବିଷାଦ, ଅନୁରାଗ□ବୈରାଗ, ପ୍ରତୀକ୍ଷା□ଉପେକ୍ଷା, ବିଶ୍ୱାସ□ଅବିଶ୍ୱାସର ଭିନ୍ନ ଭିନ୍ନ ସ୍ତର ଓ ସମୟର ପରିପ୍ରକାଶ ।ପ୍ରତ୍ୟେକ ଗୀତ ଭିନ୍ନ ମାନସିକତା ପ୍ରସ୍ତୁତ ଏବଂ ଏକ ଭିନ୍ନ ସମୟର ସ୍ୱର ବା ଝଙ୍କାର। ଅତଏବ ତା'ର ମୂଲ୍ୟାୟନ ଆମୂଳଚୁଳ ପଠନସାପେକ୍ଷ। ପୁସ୍ତିକାଟିର ମୂଲ୍ୟ ମାତ୍ର ପଚାଶ ଟଙ୍କା। ଏବଂ ଏହାକୁ ପାଇବାପାଇଁ ଇଚ୍ଛୁକ ବ୍ୟକ୍ତି ଆମ ସହ ଯୋଗାଯୋଗ କରିପାରିବେ।

---

# ବୋଉ

ପୂଜାପାଦ

ବୋଉ, ମୋର ଭୂମିଷ୍ଠ ପ୍ରଣାମ ଗ୍ରହଣ କରିବୁ। ପରେ କୁନୁ ଆଉ ମୁନୁକୁ ସ୍ନେହ। ଖୁଡି ଦାଦା ଆଉ ଆଈଙ୍କୁ ମୋର ପ୍ରଣାମ କହିବୁ।

ମୁଁ ବହୁତ ଦିନ ହେଲା ଘରକୁ ଯାଇପାରୁନି, କି ତୋତେ ଟିକେ ଦେଖିପାରୁନି। ତୋ ହାତ ପରସା ଶାଗ ପଖାଳ ଆଉ ବଡିଚୁରା ଟିକେ ପାଇପାରୁନି। ଦାଦା, ଖୁଡିଙ୍କ ସ୍ନେହ ପରସାରୁଟିକେ ବି ଏଠି ମିଳୁନି। ହଁ,ତୁ ଆଈଙ୍କୁ ଟିକେ ମନେ ପକାଇଦେବୁ, ଭଲ ଗପଟିଏ ଭାବିଥିବେ, ଗଲାପରେ ମୋତେ ଶୁଣାଇବେ। ମୁନୁ କୁନୁଙ୍କୁ ମୋ ଯିବା ଦିନ ଅଳ୍ପ ଅଛି ବୋଲି କହିବୁ। ନହେଲେ ସେମାନେ ଅଝଟ କରିବେ। ମନୁଆଁ ରକମ ଟିକେ ତ!

ମୁଁ ଆସି ଏଇଠି ଜଣେ ବାବୁଙ୍କ ଘରେ ରହିଛି, ଭାରି ଭଲ ଲୋକ ସେମାନେ। ସେମାନେ ଯୁଆଡେ ବି ଯାଆନ୍ତି, ମୋତେ ସାଙ୍ଗରେ ନେଇ ଯାଆନ୍ତି। ବଜାରକୁ ଗଲେ ସେମାନେ ନିଜ ପାଇଁ ଯାହା ଆଣନ୍ତି ସେଥିରେ ମୋ ପାଇଁ ବି କିଛି କିଛି ନେଇଆସନ୍ତି। ଘରେ ବଡ ଟିଭି, ଫ୍ରିଜ୍ ଆଉ ଗାଡି ମୋଟର ସବୁ ଅଛି। ବହୁତ ବଡ ଘରଟିଏ ହୋଇଛି, କିଛି ବି ଅଭାବ ବୋଲି ନାହିଁ। କାମଟିକେ କଣ ଥାଏ ସରିଗଲେ ମୁଁ ବସି ଟିଭି ଦେଖେ। ବାପାଙ୍କ ଦେହ ପୂର୍ବପରି ଅଛି ନା ଭଲ ହେଲାଣି। ମୁଁ ତ ଯାଇପାରୁନି, ତୁ କିନ୍ତୁ ଓଷଦ ଯାହା ଦରକାର କରୁଥିବୁ। ଚାଲି ପାରୁନଥିଲେ ତୁ ତ ଅଛୁ, ପାଖରେ ଥିବୁ। ଯାହା ଓଷଧ ଦରକାର ପଙ୍କୁ ଦାଦାଙ୍କ ଦୋକାନରୁ ନେଇ ଆସିବୁ, ମୁଁ ଗଲେ ବାକି ହିସାବ କରିବି। ତାଙ୍କୁ କହିଦେବୁ ମୋତେ ଏଠି ବଡ ଘରେ କାମ ମିଳିଛି, ଏଥର ଯାଉ ଯାଉ ପ୍ରଥମେ ତାଙ୍କ ବାକି ସୁଝିଦେବି।

ଆଈଙ୍କୁ କହିବୁ ମୁଁ ଏଠି ବହୁତ ଭଲରେ ଅଛି। ତୁ ବି ବ୍ୟସ୍ତ ହେବୁନି। ମୋତେ ଏଠି କିଛି ବି ଅସୁବିଧା ନାହିଁ। ତୁ ଭାବି ପାରିବୁନି ଏତେ ବଡ ବାବୁଙ୍କ ଘରେ ମୁଁ କାମ କରୁଛି। ମୋ ପାଠ ପଢା ବି ଠିକଠାକ୍ ଚାଲିଛି। ଚତୁର୍ଥ ଶ୍ରେଣୀର ସବୁ ବହିଖାତା ବାବୁ ମୋ ପାଇଁ ଆଣିଦେଇଛନ୍ତି। ପଢିଲା ବେଳେ ଯଦି କିଛି ବୁଝିନପାରେ ଏଠି ବାବୁଆଣୀ ମା ମୋତେ ବୁଝାଇଦିଅନ୍ତି। ଠିକ୍ କହିଲେ ଇଂରେଜି ଭାଷାରେ "ଭେରି ଗୁଡ୍" ବୋଲି କହନ୍ତି।

ରମାଦେବୀଙ୍କ ଆଖିକୋଣରୁ ଲୁହର ଧାର ଲମ୍ବି ଆସିଲା। ମୃତ୍ୟୁସହ ସଂଗ୍ରାମ କରୁଥିବା ସାଧବବାବୁଙ୍କ ଅଶ୍ରୁ ନେତ୍ର କୋଣରୁ ଜମାଟ ବାନ୍ଧିଥିବା, ଅଶ୍ରୁ ସହିତ ମିଶି ଝରିପଡୁଥାଏ ସେହି ସାତ ବାସି ବିଛଣା ଚାଦର ଉପରେ। ଆଠ ନ' ବରଷର ପିଲାଟାକୁ ଏତେ ବୁଦ୍ଧି କିଏ ଦେଲା ସତେ ଚିଠି ଲେଖିବାକୁ। କଅଁଳ କଅଁଳ କେତେ ଖଣ୍ଡ ହାଡ ଆଉ ମାଂସର ଦେହ, ତଥାପି କେତେ ବୁଦ୍ଧି, ପରିବାର ବୋଝ ନେବାକୁ ବାହାରିଗଲା ।ଘରର ସବୁ ପରିଜନଙ୍କ ପାଇଁ କେତେ ଦରଦ।

ଏତେ ବଡ ସହରରେ ଅଭି ଆସି ରହୁଛି ବାବୁଙ୍କ ଘରେ। ପଇସା ପଠାଇଲେ ତା ବାପା ଚିକିତ୍ସା ପାଇବେ ନୋହିଲେ ଅହରହ ପଡିରହିଥିବା ମଳା ଶେଜଟାରେ କେତେବେଳେ ନିରବ ନିଶ୍ଚଳ ହୋଇ ରହିଯିବେ। ଭୀତତ୍ରସ୍ତ ହୋଇ ଅଭି ଦଉଡିଆସି ରାମୁଭାଇକୁ ତା ଦେହର ବାଉଁସ ଛାଟର ଚିହ୍ନ ଦେଖାଇଥିଲା। କାଲି କିଛି ଖାଇନଥିଲା ବୋଲି ଆଠ ନ' ବରଷର ନିରିହ ଶିଶୁଟା ଭୋକ ସମ୍ଭାଳି ନ ପାରି କେଉଁ ହୋଟେଲ୍‌ରୁ ବାସି ରୁଟି ଦୁଇଟା ଚୋରାଇ ଆଣିଥିଲା। ସେଇଥିପାଇଁ ଛୋଟ ଶିଶୁଟିର ଏତେ ଅବସ୍ଥା। ଦେହରେ ପୁରୁଣା ତତଲା ଲୁହାର ଦାଗରେ ଏଯାଏଁ ମାଛି ବସିଛନ୍ତି। ସେଥିରେ ବାସନ କୁସନ ସଫା କରିବା, ଘର ଧୋଇବା, ବାବୁ ବାବୁଆଣୀଙ୍କ ପୋଷାକ ଆଉ ଲୁଗାପଟା ସଫା କରିବା। କଅଁଳ ଛନ ଛନ ହାଡମାଂସର ଦେହଟା କେତେ ସହନ୍ତା ଯେ। ସେଥଇରେ ପୁଣି ଟିକେ ଭୁଲ ହୋଇଗଲେ ଯମ ଯନ୍ତ୍ରଣା।

ସଂସାରରେ ଜନ୍ମ ନେବା ଯମଯ୍‌ନ୍ତ୍ରଣାରେ ପ୍ରବେଶ କରିବା ସମାନ। ଘରେ କହିଲେ ଜନ୍ମଦାତ୍ରୀତାର ନିଶ୍ଚୟ କହିବ,''ପେଟରେ ଓଦାକନା ପକାଇ ଶୋଇଯିବା ଭଲ''। ସେଥିରେ ବାପାର ମୃତ୍ୟୁ ସହ ଅହରହ ସଂଘର୍ଷ। ସଂଗ୍ରାମୀ ଅବସ୍ଥା। ଯିବି ଯିବିନାଇଁ ଭାବନା ଅଭିକୁ ଦୋ□ଦୋପାଞ୍ଚରେ ପକାଉଥାଏ। କିଛି ବୁଝିପାରେନି ସେ। ଛୋଟ ବୟସରେ ବାହାରିଯିବାକୁ ସାହାସ ବାନ୍ଧିପାରେନି। ସମାଜ ଜନତାଙ୍କର ପ୍ରଳାୟଙ୍କରୀ ଅନଳରେ ଦେହ ହାତ ନେଇ ଶରୀରଟା ଖାଲି ସିଝିଯାଉଥାଏ। ଯଦି ଗାଁ କୁ ଫେରିଯିବ, ପାଖପ୍‌ଡିଶା କଣ ତା ଦୁଃଖ ଦେଖିବେ, କହିବେ,'' ମାଲିକଙ୍କୁ ନିଶ୍ଚୟ ହଇରାଣ କରିଥିବ ସେଇଥିପାଇଁ ଘରୁ ବାହାର କରିଦେଇଥିବେ।'' ଏ ସବୁ କଥା ଚିନ୍ତା କରୁ କରୁ ମୁଣ୍ଡ ଝାଇଁ ଝାଇଁ ହୋଇଯାଏ। ଏମିତି ପ୍ରଳୟଙ୍କରୀ ଭୀମ ଝଙ୍କାରରେ କେଉଁଠିକି ଯିବା ଅପେକ୍ଷା, କିଛି ନହେଲେ ଆପଣାକୁ ତ ବଞ୍ଚାଇ ପାରିବ, ହେଉ ସେ ଯମଯନ୍ତ୍ରଣା, ବିନା ଖିଆପିଆରେ।

ଏ କଥା ବସି ଭାବିଲା ବେଳକୁ ଆଖି କୋଣରୁ ଧାର ଧାର ଲୁହ ବୋହି ଆସୁଥାଏ। ମନରେ ଅନେକ ପ୍ରଶ୍ନର ଘମାସାନ ସଂଘର୍ଷ। କିଛି ବୁଝି ପାରେନି, କିମ୍ବା କାହାରିକୁ ବୁଝାଇ ପାରେନି ମଧ୍ୟ। ନିଜକୁ ନିଜେ ଜଳାଞ୍ଜଳି ଦେଇ ଚାଲେ ସେ। ପାଖାପାଖି ଦଶରୁ ପନ୍ଦର ବର୍ଷ ହୋଇଗଲା ଅଭିର ଦେଖା ନାହିଁ। ଦେହର ଯନ୍ତ୍ରଣାରେ ସେ ମରିଯିବାକଥା। ମାଆର ସ୍ନେହ କୋଡିଏ ବର୍ଷରୁ ଅଧିକ ହେବ ତା ପାଖ ଛୁଇଁନି। କେବଳ ଯମ ଯନ୍ତ୍ରଣାରେ ସେ ମରି ମରି ମଧ୍ୟ ଜୀବନକୁ ବଞ୍ଚାଇରଖିଛି। ଭଲ ହୋଇଛି। ଛୋଟ ବେଳରେ,''କିଛି ଖାଦ୍ୟ ଲୁଚାଇ ଖାଇ ଦେଇଥିଲେ, ମା' ମୋ ପାଟିରୁ ବାହାର କରିଦେଇଥାଆନ୍ତା। ବାବୁ ବାବୁଆଣୀଙ୍କ ଘରେ ସେ ସବୁ ନାହିଁ। କଣ ଲାଭ ଅଛି, ମା'ର ଅମୃତ କୋଳରେ ମୁଣ୍ଡ ପୋତି ଶୋଇବାଟା'। ଏଠି ଖାଲି ମାଟି ଉପରେ ଶୋଇ ଶୋଇ ଧରିତ୍ରୀ ମାମୋତେ

ସହିଗଲାଣି । ଶରୀରଟା ଲୁହା ପରି ଟାଣ ହୋଇଗଲାଣି। ସେଠି ରହିଥିଲେ, ମାଆର ମିଠା କଥାରେ ପେଟ ପୁରିଯାଇଥାଆନ୍ତା ସତ, ହେଲେ ଏଠି ସବୁ ସତସତିକା, ମିଛ ଖେଚୁଡି ନାହିଁ କି ପୁରି ନାହିଁ।

ଚକ୍ଷୁ କୋଣରୁ ଅବିଶ୍ରାନ୍ତ ଧାରା ବହିବାରେ ଲାଗିଛି। ମନେ ମନେ ମରିଯିବି ବୋଲି ବି ଚିନ୍ତା କରିପକାଏ। "ମାଆ ନାହିଁ ଯାହାର ସାହା ନାହିଁ ତାହାର" ମାଆର ସ୍ନେହଟିକେ ପାଇବା ପାଇଁ ବ୍ୟାକୁଳ ହୋଇଉଠେ ସେ। ବହୁତ ମନେ ପଡେ ଗରିବ ଘରର ପଖାଳ ଭାତ, ଶାଗ ଖରଡା, ବଡିଚୁରା ଇତ୍ୟାଦି। ଆଉ ମା ନିଜେ ଖୁଆଇଦେଉଥିବା କଥା। ବାରମ୍ବାର ଆଖି ଆଗରେ ନାଚିଯାଉଛି ତା ପିଲାବେଳ।

ବର୍ତ୍ତମାନ ସେ ଜଣେ ଆଇ, ଏ, ଏସ୍ ଅଫିସର। ପଇସ ପତ୍ରର ଟିକେ ବି ଅଭାବ ନାହିଁ। ଦୁଃଖ ଯନ୍ତ୍ରଣା ସହିଛି କିନ୍ତୁ ଚେଷ୍ଟା କରି ନିଜ ପାଇଁ ପାଇଛି ଉଚିତ ପଦବୀ। ସବୁ ପାଇଛି ସତ ହେଲେ ବାପା ମା' ନାହିଁ।

ଘରେ ଥିଲେ ଖାଇବା ପାଇଁ ବୋଉ ଦେବା ବେଳେ ବାପା ଡାକପକାଇଥାଆନ୍ତେ, ପାକୁଆରେ, ବାବୁ ଆ ଖାଇବୁ। ଦିନେ ଦିନେ ଚାଟଶାଳୀରୁ ଡେରିରେ ଫେରିଲେ ବାପା ଆସିଯାଆନ୍ତି ଅଧାରାସ୍ତା। ସକାଳୁ ନ ଖାଇକି ଯଦି ସ୍କୁଲ୍ କୁ ବାହାରିଯାଏ ତାହେଲେ ମା' ଦିନସାରା ଆଉ ଖାଇପାରେନି। ଏଠି ଆଉ ସେ ସ୍ନେହ ନାହିଁ। ଛଣଛପରର ଘରର ଚାଳ ଉଡିଗଲେ ବାପା ନିଜେ ଶିଡି ପକାଇ ଚଢିଯାଆନ୍ତି ଆଉ ଉପରେ ଥାଇ କହିବେ ବାବୁରେ ଦି ପଟ ଛଣ ଫୋପାଡିଦେଲୁ ଉପରକୁ। ସବୁ କଥାର ଖିଅ ଧରି ବସି ସେ ଅଥୟ ହୋଇ ଉଠୁଛି। ସବୁଦିନିଆ କଥା ତଥାପି କାହିକି ଆଜି ଅଧିକ ମନେ ପଡୁଛି।

ସେ ଦିନ ସବୁ କଥା ଚିନ୍ତା କରି ମନକୁ ସମ୍ଭାଳି ପାରିନଥିଲା। ଆତ୍ମୀୟ ସ୍ୱଜନ ମାନେ ମନକୁ ଛାଏଁ ଛାଏଁ ଆସି ଯାଉଥିଲେ। ଗୃହର ସମ୍ବିଧାନ କଥା। ଅଧିକ କାହିଁକି ମନେ ପଡିଯାଉଥିଲା।

ଗାଁର ଲୋକେ ବୁଲି ବୁଲି ଚାହୁଁଥାଆନ୍ତି ତାକୁ। ବାବୁ ଆଡିଆ ବେଗଟା ଚମକ ଆଣୁଥାଏ। ପିଲାଦିନର ମାଟିରାସ୍ତାଟା ଏବେ ପକ୍କା ତିଆରି ହୋଇଗଲାଣି। ମଙ୍ଗଳା ମନ୍ଦିର, ଶିବ ମନ୍ଦିର ସବୁ ତିଆରି ହୋଇସାରିଛି ଗାଁରେ। ଗାଁ ସ୍କୁଲ୍‌ରେ ପଢୁଥିବା ତା' ସବୁ ସାଙ୍ଗସାଥି ବଡ ହୋଇଗଲେଣି। କିଛି ଲୋକ ଅବଶ୍ୟ ବିଦେଶୀ ପରି ଜଣାପଡୁଥିଲେ, ଅବଶ୍ୟ ଅନେକ ବର୍ଷପରେ ସେ ଗାଁରେ ପାଦ ଦେଉଛି। ଏମାନଙ୍କ କଥା ବି ବେଳେ ବେଳେ ଆକୁଳ କରିପାରିଥିଲା ତା କଅଁଳ ମନକୁ। ଏତେ ବଡ ବିଶାଳ ଗାଁ ସବୁ ଘର ଛଣଛପର ହୋଇସାରିଛି। ଅନ୍ତୁଡିଶାଳ ନିହାତି ପୁରୁଣା ଆଉ ଲାଗୁନି।

ଲଣ୍ଡା ଝଂପୁଡା ଆଉ ଲହସା ଚାଳଘରର ଭଙ୍ଗା ଚଉପାରି ଉପରେ ମେଞ୍ଚା ମେଞ୍ଚା ଲୁହ ଧରି ଅନେଇରହିଥିଲା ତା ରାସ୍ତାକୁ ତା ମା'। ଅଭିକୁ ଦେଖିବା କ୍ଷଣି ସାଗରର ଢେଉ ଉଠିଲା ପରି ତା ଆଖିରୁ ଝରି ଆସିଥିଲା ଆନନ୍ଦାଶ୍ରୁ। ଅଭି ନିଜକୁ ସମ୍ଭାଳିବାକୁ ଚେଷ୍ଟା କରିନଥିଲା। ହୃଦୟର ବୋଝ ଯାହାକୁ ଅନେକ ବର୍ଷ ଧରି ରଖିଥିଲା ତା ବନ୍ଧ ତୁଟିଗଲା। ଆଉ ସେ ଦଉଡିଯାଇଥିଲା, ବୋଉ ବୋଉ କହି।

**ଆହ୍ୱାନ୍**

**କୃପାସିନ୍ଧୁ ପ୍ରଧାନ(ଟୁକୁ)**
କହ୍ନୁଆ, ରାଜନଗର
କେନ୍ଦ୍ରାପଡା ୭୫୪୨୨୫, ଓଡିଶା

# ବିସ୍ମୟ ବାଳକ ସୋନୁ

ଆମେ ପ୍ରତ୍ୟେକଙ୍କ ମନରେ ଅଛି ଅଜସ୍ର ଭୟ। ସାପଟିଏ ହେଉ ଅବା ବେଙ୍ଗ ଟିଏ ଦେଖିଲା ମାତ୍ରେ ଯେତେ ବଡ ଲୋକଟିଏ ହୋଇଥିଲେ ମଧ୍ୟ ଡରିଯିବା କିମ୍ବା ଚମକିପଡିବା କିଛି ଅସମ୍ଭବ କଥା ନୁହେଁ। କିନ୍ତୁ ଆମରି ରାଜ୍ୟର





ରାଜଧାନୀ ଭୁବନେଶ୍ୱରରେ ରହୁଥିବା ଜନୈକ ବାଳକ ସୋନୁ ଏହି ସବୁଠାରୁ ଢେର ଦୁରରେ। ଅବିଶ୍ୱାସ ଲାଗୁଥିଲେ ବି ଏହି ଅଢେଇ ବର୍ଷିୟା ଶିଶୁଟି ସରିସୃପଙ୍କ ପ୍ରତି ଖୁବ ଆକୃଷ୍ଟ। ଛୋଟ ସାପଟିଏ ଦେଖିଲା ମାତ୍ରେ ତାକୁ ଧରିବାକୁ ସେ କେବେ ବି ପଛଘୁଞ୍ଚା ଦିଏନାହିଁ।

ସୋନୁ ଙ୍କ ପୁରା ନାମ ହେଉଛି ଆଦିତ୍ୟ ଶ୍ରବଣ। ନିଜ ପିତାମାତା ଓ ଜେଜେମା ବାପାଙ୍କ ସହ ସେ ରହନ୍ତି ଭୁବନେଶ୍ୱରର ଶହୀଦ୍ ନଗର ଅଞ୍ଚଳରେ। ଏଠାରେ ଦିଆଯାଇଥିବା ଚିତ୍ରରେ ସେ ନିଜର ବିଶେଷ ଗୁଣକୁ ସାପ ଧରି ଦେଖାଉଛନ୍ତି। ଆମେ ଆଶା କରୁଛୁ ଛୋଟ ଶିଶୁ ସୋନୁ ପରି ବାଲ୍ୟ ସମୟରୁ ଯଦି ପ୍ରତ୍ୟେକ ଶିଶୁ ମନରେ ସରିସୃପମାନଙ୍କ ପ୍ରତି ଏମିତି ସ୍ନେହ ଜନ୍ମାଇଦିଆଯାଏ ତେବେ ନିଷ୍ଚୟ ଭାବରେ ବଡହେଲେ ସେହି ଶିଶୁମାନେ ପୃଥିବୀପୃଷ୍ଠରୁ ବିଲୁପ୍ତ ହୋଇଯାଉଥିବା ଅନେକ ପ୍ରଜାତିରରକ୍ଷା ହୋଇପାରନ୍ତା।

**ଏହି ଖବରଟି ପଠାଇଛନ୍ତି**

**ଶ୍ରୀ ସଞ୍ଜୟ ସାହୁ**



# ଅଭିମତ

କେତେକ ଅନିବର୍ଯ୍ୟ କାରଣବଶତ: ଅଧୁନା ଓଡିଆ ଜାତି ଓ ମାତୃଭାଷା ଏକ ସଂକଟାପର୍ଣ୍ଣ ଅବସ୍ଥା ଦେଇ ଗତି କରୁଥିବା ସମୟରେ, ଆପଣଙ୍କ ମାନସ ସନ୍ତାନ, 'ଆହ୍ୱାନ'ର ଶୁଭାବିର୍ଭାବ ନିଶ୍ଚିତ ଭାବରେ ଶୁଭଙ୍କର। ଏଥିରେ ଦ୍ୱିମତର ଅବକାଶ ନାହିଁ। ବିଶ୍ୱ ଦରବାରରେ ଓଡିଆ ଜାତି ତଥା ମାତୃଭାଷା ମର୍ଯ୍ୟାଦାର ପୁନ: ପ୍ରତିଷ୍ଠାପାଇଁ ଆପଣଙ୍କ ବଳିଷ୍ଠ ଉଦ୍ୟମ ନିଶ୍ଚିତ ଭାବରେ ସ୍ୱାଗତ ଯୋଗ୍ୟ ଏବଂ ଅଭିନନ୍ଦିତ।

ଫେବୃୟାରୀ ୨୦୦୬, ସଂଖ୍ୟାଟି ଆମୁଳଚୁଳେ ପର୍ଯ୍ୟବେକ୍ଷଣ କରି ପରମ ସନ୍ତୋଷ ଲାଭ କଲି। ତେବେ, ଯୋଗ ଶିକ୍ଷା, ଗୋବଧ ନିବାରଣ, ମଡେଲ ମାଧ୍ୟମରେ ନାରୀମାନଙ୍କ ଅଙ୍ଗଭଙ୍ଗୀ ପ୍ରଦର୍ଶନ, ଭୃଣ ହତ୍ୟାଭଳି କେତେକ ଜାତୀୟ ସମସ୍ୟା ଉପରେ କିଛି ଲେଖା ଏଥିରେ ସ୍ଥାନ ପାଇଲେ, ପତ୍ରିକାଟି ଅଧିକ ରୁଚିକର ଏବଂ ଆକର୍ଷଣୀୟ ହୋଇପାରନ୍ତା।

ପରିଶେଷରେ, ଭଗବତ୍ କୃପାରୁ ଆପଣ ଦୀର୍ଘଜୀବି ହୁଅନ୍ତୁ, ଏବଂ 'ଆହ୍ୱାନ' ପତ୍ରିକାଟିର ଉତ୍ତରୋତ୍ତର ଉନ୍ନତି ପୂର୍ବକ ଓଡିଆଜାତି ଓ ଓଡିଆ ଭାଷା ଲୁପ୍ତ ଗୌରବର ପୁନ:ପ୍ରତିଷ୍ଠା ହେଉ, ଏହା ହିଁ ମୋର ଆନ୍ତରିକ କାମନା। ଭଗବତ୍ କୃପାଭିଳାଷି

**ସୁରେନ୍ଦ୍ର ପଣ୍ଡା,**
**ଅବସର ପ୍ରାପ୍ତ ଓ, ଏଫ୍ ଏସ୍**

**ଆହ୍ୱାନ୍**

# ଓଡିଶା ସମ୍ବାଦ ପରିକ୍ରମା

ସଂପ୍ରତି ଶେଷ ହୋଇଥିବା ଅପ୍ରେଲ୍ ମାସ ବିଶ୍ୱ ସମୁଦାୟ ପାଇଁ ଖବର ବହୁଳଥିଲା, ଆଉ ଆମେ ଓଡିଶାବାସୀ ସେଥିରୁ କେମିତି ଦୂରରେ ରହିଥାଆନ୍ତୁ। ଯଦ୍ୟପି ଏହି ମାସରେ ଓଡିଶାରେ ପାଣିପାଗ ମୁଖ୍ୟତ: ଅନୁକୂଳଥିଲା, ବୋଧହୁଏ ଦାଉଦାଉ ଖରାକୁ ଖାତିର ନ କରି ଗାଁ ଗାଁ ବୁଲି କଷ୍ଟକର ଦଣ୍ଡନାଚ ପ୍ରଦର୍ଶନ କରୁଥିବା ଦଣ୍ଡୁଆମାନଙ୍କ ଆଗରେ ସୂର୍ଯ୍ୟବି ନିରବ ହୋଇଯାଇଥିଲା। ସାରା ମାସ ଖରାର ପ୍ରଭାବ ଅନେକାଂଶରେ ଅନୁଭୂତ ହୋଇନଥିଲା। ବଙ୍ଗୋପସାଗରରେ ଉଠିଥିବା ଲଘୁଚାପ ଯୋଗୁଁ ଅଧିକାଂଶ ସ୍ଥାନରେ ପାଗ ମେଘୁଆ ରହିଥିବା ଦେଖାଯାଇଥିଲା।

କିନ୍ତୁ ଗୋଟିଏ ମାସରେ ଦୁଇ ଦୁଇଥର ବିଷାକ୍ତ ମଦମୃତ୍ୟୁ ମାମଲା ଓଡିଶାର ଜନସାଧାରଣଙ୍କ ମେରୁଦଣ୍ଡ ଦୋହଲାଇ ଦେଇଥିଲା। ପ୍ରଥମେ ଗଞ୍ଜାମଜିଲ୍ଲା ହୁମ୍ମା ଏବଂ ପରେ ପରେ ଗୋଳାବନ୍ଧଠାରେ ବିଷାକ୍ତ ମଦ୍ୟପାନ କରି ମୃତ୍ୟୁବରଣ କରିଥିଲେ ଅନେକ ଲୋକ। ସେମାନଙ୍କୁ ଆମେ ନିରିହ ବୋଲି କହିବୁ ନାହିଁ, କାରଣ ସେମାନେ ନିଜ ଇଚ୍ଛାରେ ମଦ୍ୟ ପାନ କରିଥିଲେ, ଆଉ କାହାର ପ୍ରରୋଚନା କିମ୍ବା ବାଧ୍ୟବାଧକତା ଯୋଗୁଁ ନୁହେଁ। ପ୍ରାରମ୍ଭିକ ଅବସ୍ଥାରେ ନ'ହେଲେ ମଧ୍ୟ ପରବର୍ତ୍ତୀ ଅବସ୍ଥାରେ ସରକାରଙ୍କ ନିଦ ଭାଙ୍ଗିଥିଲା ଆଉ ସେଇଥିପାଇଁ ମନ୍ତ୍ରୀମଣ୍ଡଳରେ ବ୍ୟାପକ ପରିବର୍ତ୍ତନ କରାଯାଇଥିଲା। ତଥାପି ଯେ ପୁଣି କେଉଁଠାରେ ମଦମୃତ୍ୟୁ ନ ଘଟିବ ତାହା କହି ହେବନି।

ମଦମୃତ୍ୟୁର ମହାନାୟକ ବୋଲାଉଥିବା ବେଲୁ ଯଦ୍ୟପି ଏଥିରେ ସଂଶ୍ଳିଷ୍ଟ ନ ଥିଲା ତଥାପି ଥିଲେ ଅନେକ ଅଳ୍ପ ପରିଚିତ ବ୍ୟବସାୟୀ, ଯେଉଁମାନେ ନିଜ ଫାଇଦାକୁ ଆଖିରେ ରଖି ମିଶାଇଦେଇଥିଲେ ସେହି ମଦରେ ବିଷାକ୍ତ ସ୍ପିରିଟ୍। ଅବଶ୍ୟ ଏହି ସବୁ ଘଟଣାରେ ଯେଉଁମାନେ ସଂପୃକ୍ତ ସେମାନେ ବନ୍ଦକୋଠରୀ ମାନଙ୍କରେ ବସି ଆନନ୍ଦରେ ବିଦେଶୀମଦର ସ୍ୱାଦ ଚାଖୁଥିଲାବେଳେ ବଳି ପଡିଥିଲେ, କିଛିତ୍ ତଳିଆ କର୍ମଚାରୀ, ମନ୍ତ୍ରୀ ଓ ଅନାମଧେୟ କିଛି ବ୍ୟାପାରୀ। ଏଠାରେ ସ୍ୱତ: ପ୍ରଶ୍ନ ଆସୁଛି, ମଦପିଇବା ପାଇଁ ପ୍ରୋତ୍ସାହନ କଣ ସରକାର ଦେଇଥିଲେ? ନା ମଦ ପିଇ ମରିଗଲେ ପରିବାରର ଭରଣପୋଷଣ ଦ୍ୱାୟିତ୍ୱ ନେବେ ବୋଲି ଆଶ୍ୱାସନା ଦେଇଥିଲେ? ତା'ହେଲେ ମଦ୍ୟପାନ ଯୋଗୁଁ ମୃତ୍ୟୁ ବରଣ କରୁଥିବା ଲୋକମାନଙ୍କୁ ସରକାରୀ ସାହାଯ୍ୟ କାହିଁକି ଦିଆଯାଉଛି ବୋଲି ମଧ୍ୟ ପ୍ରଶ୍ନ ଉଠିଲାଣି। ଯଦି ଏମିତି ହୁଏ ତେବେ ଆମ ରାଜ୍ୟରେ ଥିବା ଅସଂଖ୍ୟ ଗରିବ ଜନତା ଯେଉଁମାନେ ସ୍ୱପ୍ନରେ ବି ଏତେ ଟଙ୍କା ଦେଖିନଥିବେ, କାହିଁକି ମଦ୍ୟପାନ କରି ମୃତ୍ୟୁ ବରଣକୁ ସ୍ୱାଗତ କରିବେ ନାହିଁ। ଜିଇଁ ଥିବା ଯାଏଁ କିଛି ନ କରିପାରିଥିବା ଲୋକଟି ଅନ୍ତତ: ମରିବା ପରେ ପରିବାରର ଭରଣପୋଷଣ ପାଇଁ କିଛି ତ ସମ୍ବଳ ଛାଡିଯିବ? ନା କଣ?

ଜନୈକ କରଦାତା ପ୍ରଶ୍ନ କଲେ, ଆମେ କଣ ସରକାରଙ୍କୁ ଏଥିପାଇଁ କର ଦେଉଛୁ, ଯେ କେହି ଯଦି ମଦ୍ୟପାନ କରି ମୃତ୍ୟୁବରଣ କରେ ତାହାକୁ ଅନୁକଂପା ମୂଳକ ରାଶିଦିଆଯିବ? ବୁଦ୍ଧିଜୀବି ମହଲରେ ଚାପାଗୁଞ୍ଜରଣ ଉଠୁଛି, ମଦ୍ୟପାନକୁ ନିରୁତ୍ସାହିତ କରିବା ଉଚିତ। ଯଦି କେହି ବ୍ୟକ୍ତି ମଦ୍ୟପାନ ପରେ ପ୍ରାଣ ହରାଏ, ତା'ହେଲେ ସେଥିପାଇଁ ସରକାର ନିଜକୁ ଦାୟୀବୋଲି ଭାବିନେବା ଉଚିତ ନୁହେଁ। ଏବଂ ସର୍ବୋପରି ସରକାରୀ ସ୍ତରରେ ପ୍ରୋତ୍ସାହନ ଦିଆଯିବା ଉଚିତ ନୁହେଁ। ଏହି ବିଷୟଉପରେ ବିସ୍ତୃତ କଥାବାର୍ତାର ଆବଶ୍ୟକତା ରହିଛି। ଆପଣ କଣ ଭାବନ୍ତି ମଦମୃତ୍ୟୁ ଉପରେ? ଆମକୁ ଲେଖି ଜଣାନ୍ତୁ।

ଏଇ ମାସର ପ୍ରାରଂଭରେ ସମସ୍ତ ଚିନ୍ତା ଓ କଳ୍ପନାଜଳ୍ପନାର ଅନ୍ତ ଘଟାଇ, ରାମଗିରି ଉଦୟଗିରିରୁ ଅପହୃତ ଦୁଇ ସରକାରୀ କର୍ମଚାରୀଙ୍କୁ ମାଓବାଦୀମାନେ ଫେରାଇ ଦେଇଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ଏହି ଦୁଇ କର୍ମଚାରୀ ମୁକ୍ତିପାଇଥିବା ବେଳେ ସରକାରୀ ସ୍ତରରେ ଏମାନଙ୍କୁ ଫେରାଇ ଆଣିବା ପାଇଁ ଦେଖାଯାଇଥିବା ଉଦାସୀନତାକୁ ଅନେକ ଲୋକ ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ଯେହେତୁ କର୍ମଚାରୀ ଦ୍ୱୟ ନିମ୍ନ ଜାତିର ସେଇଥିପାଇଁ ସେମାନଙ୍କୁ ମାଓବାଦୀ ମାନେ ଛାଡିଦେଲେ ବୋଲି ମଧ୍ୟ କୁହାକୁହି ହେଉଥିବା ଦେଖାଯାଇଥିଲା। ସେ ଯାହା ହେଉ ସପ୍ତାହରୁ ଅଧିକ ସମୟ ମାଓବାଦୀ ଉଗ୍ରପନ୍ଥୀଙ୍କ ଗହଣରେ ରହିଥିବା ସତ୍ତ୍ୱେ ଏହି ଦୁଇଜଣଙ୍କୁ କେହି ବି ଖରାପ ବ୍ୟବହାର କରିନଥିଲେ, ବରଂ ଆର୍ ଉଦୟଗିରି ଜେଲର ଜେଲର୍ ଙ୍କୁ କିଛି

ମାଓବାଦୀ "ବାପା" ବୋଲି ସମ୍ବୋଧନ କରିଥିଲେ ବୋଲି ସେ ନିଜେ କହନ୍ତି। ସେମାନଙ୍କୁ ମୁକ୍ତିଦିଆଯିବା ବେଳେ ସେମାନଙ୍କ କପଡା ସବୁ ମଇଳା ଦେଖାଯାଉଥିବାରୁ ମାଓବାଦୀମାନେ ସଫା ଓ ନୁଆ କପଡା ଦେଇଥିଲେ। ପରେ ପରେ ମାଓବାଦୀମାନଙ୍କ ତରଫରୁ ଦିଆଯାଇଥିବା ବିବୃତ୍ତିକୁ ଉଦ୍ଧାର କରି କୁହାଯାଇଥିଲା, ଯେ ସେମାନେ ଚାହିଁଥିଲେ ବଡ ଅଫିସର କାହାକୁ ଅପହରଣ କରିବା ପାଇଁ କିନ୍ତୁ ପାରିନଥିଲେ। ସେଇଥିପାଇଁ ସେମାନେ ଏହି ଦୁଇ ତଳିଆ କର୍ମଚାରୀଙ୍କୁ ମୁକ୍ତ କରିଦେଲେ।

ଚଳିତ ମାସରେ ଓଡିଶାର ଟେଲିଭିଜନ୍ ଦର୍ଶକଙ୍କ ପ୍ରିୟ ଇଟିଭି ଓଡିଆ ପକ୍ଷରୁ ହୋଇଥିବା ଶ୍ରେଷ୍ଠ ଓଡିଆ ବ୍ୟକ୍ତିତ୍ୱ ନାମକ ପ୍ରତିଯୋଗିତାରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟନାୟକଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକ ବର୍ଣ୍ଣାଢ୍ୟ ସମାରୋହରେ ଏହି ପୁରସ୍କାର ବିତରଣ କରାଯାଇଥିଲା। ଆଉ ମାସ ଶେଷ ହୋଇଆସୁଥିବା ବେଳେ ପୁଣିଥରେ ସମ୍ବାଦପତ୍ରମାନଙ୍କ ଶିରୋମଣ୍ଡନ କରିଥିଲା ବିସ୍ମୟ ବାଳକ ବୁଢିଆ ସିଂ। ପୁରୀଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ରାସ୍ତା କମ ସମୟ ମଧ୍ୟରେ ଦଉଡି ସେ ଭାରତର ପ୍ରସିଦ୍ଧ ଲିମ୍କା ବୁକ୍ ଅଫ୍ ରେକର୍ଡ୍ ରେ ନାମାଙ୍କିତ ହୋଇପାରିଥିଲା।

ଆଞ୍ଚଳିକ ସମ୍ବାଦ ପରିବେଷଣ କରିବା ସମ୍ଭବ ହେଉନାହିଁ, କାରଣ ଆହ୍ୱାନର ସୀମା ବର୍ତ୍ତମାନ ମଧ୍ୟ ସୀମିତ ଏବଂ ଅନେକ ଲୋକଙ୍କ ପାଖରେ ଏହା ପହଞ୍ଚିପାରିନି।

**ଆହ୍ୱାନ୍**

# ପ୍ରଶ୍ନୋତ୍ତରୀ

ବିଗତ ସଂଖ୍ୟାରେ ପ୍ରକାଶିତ ପ୍ରଶ୍ନୋତ୍ତରୀର ଉତ୍ତର:

୧ ପ୍ରଶାନ୍ତ ନନ୍ଦ, ଓଡିଶାର ପ୍ରଥମ ବ୍ୟକ୍ତି ଯେ ହିନ୍ଦୀ ଚଳଚ୍ଚିତ୍ର ନିର୍ମାଣ କରିଥିଲେ।

୨ ପ୍ରଶାନ୍ତ ନନ୍ଦ ନିର୍ଦ୍ଦେଶିତ ପ୍ରଥମ ହିନ୍ଦୀ ଚଳଚ୍ଚିତ୍ର ଥିଲା, ନୈୟା।

୩ କ୍ଷୀରଚୋରା ଗୋପୀନାଥ ମନ୍ଦିର ଓଡିଶାର ରେମୁଣାଠାରେ ଅବସ୍ଥିତ।

୪ ରଥଯାତ୍ରା ପୂର୍ବରୁ ଜଗନ୍ନାଥଙ୍କୁ ଜ୍ୱରହୁଏ, ଏବଂ ଏହି ସମୟରେ ପ୍ରଭୁ ଜଗନ୍ନାଥ ଭ୍ରାତା ବଳଭଦ୍ର ଓ ଭଗ୍ନୀ ସୁଭଦ୍ରାଙ୍କ ସହ ମିଶି ଅଣସର ଘରେ ରହନ୍ତି। ଏହି ସମୟରେ ଭକ୍ତ ମାନେ ବ୍ରହ୍ମଗିରି ସ୍ଥିତ ଅଲାରନାଥଙ୍କୁ ଦର୍ଶନ କରି ଅନୁରୂପ ଫଳ ପାଇଥାଆନ୍ତିବୋଲି ବିଶ୍ୱାସ କରାଯାଏ।

୫ ବିଶ୍ୱ ପ୍ରସିଦ୍ଧ ରଣପା ନୃତ୍ୟ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଜଗନ୍ନାଥପୁର ( ନରେନ୍ଦ୍ରପୁର) ରେ ଶିଖାଯାଏ। ଏବଂ ଏହି ଗାଁରୁ ଅନେକ ଦଳ ଦେଶ ବିଦେଶରେ ବୁଲିବୁଲି ଏହି ପ୍ରସିଦ୍ଧ ନୃତ୍ୟ ଯେଉଁଥିରେ ଦୁଇଟି ବାଡି ଉପରେ ଠିଆ ହୋଇ ନାଚ କରିବାକୁ ହୁଏ, କରନ୍ତି।

୬ ଓଡିଶାର କବିଚନ୍ଦ୍ର କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କୁ ଦିଆଯାଇଛି।

୭ ମାୟାଧର ମାନସିଂଙ୍କ ନାତି ଶ୍ରୀ ଲଳିତ ମାନସିଂ ସଂପ୍ରତି ଆମେରିକାରେ ଭାରତର ରାଷ୍ଟ୍ର ଦୁତ ଭାବରେ ଅବସ୍ଥାପିତ।

୮ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୟାନନ୍ଦ ପଟନାୟକ (ବିଜୁ ପଟନାୟକ)ଙ୍କୁ ଇଣ୍ଡୋନେସିଆରେ ଭୂମିପୁତ୍ରର ଉପାଧି ଦିଆଯାଇଛି।

୯ କବି ଶ୍ରୀ ପ୍ରସନ୍ନ କୁମାର ପାଟଶାଣୀଙ୍କୁ ଓଡିଶାର ଲୋକମାନେ ଚିକେନ୍ ବାବା ନାମରେ ବି ଜାଣନ୍ତି, କାରଣ ସର୍ବଦା ଗେରୁଆ ବସ୍ତ୍ର ପରିଧାନ କରୁଥିବା ଏହି ବାବା ଜଣକ ଅନେକ ସମୟରେ ପଖାଳ ସାଙ୍ଗରେ ଚିକେନ୍ ଖାଉଥିବାର ଲୋକମାଧ୍ୟମରେ ଦେଖାଯାଏ।

୧୦ ଓଡିଶାର ରାଉରକେଲା ଅନ୍ତର୍ଗତ ବେଦବ୍ୟାସ ନାମକ ସ୍ଥାନରେ ହନୁମାନ ବାଟିକା ନାମରେ ଏକ ଉଦ୍ୟାନ ଅଛି।

# ଏ ମାସର ପ୍ରଶ୍ନ:

୧। ଲିଙ୍ଗରାଜ ମନ୍ଦିରର ନିର୍ମାଣ କିଏ କରିଥିଲେ?

୨। ସୋମବଂଶର ପ୍ରତିଷ୍ଠାତା କିଏ?

୩। ଗୁପ୍ତବଂଶର କେଉଁ ରାଜା ଓଡିଶା ଜୟ କରିଥିଲେ?

୪। ଅଶୋକଙ୍କ ପୁତ୍ର ଓ କନ୍ୟାଙ୍କ ନାମ କଣ ଥିଲା?

୫। ସମ୍ରାଟ ଖାରବେଳଙ୍କ ରାଜଧାନୀର ନାମ କଣଥିଲା?

୬। ଜାତିର ଉନ୍ନତି ସେ କାହୁଁ କରିବ
ସ୍ୱାର୍ଥେ ଯାର ବ୍ୟସ୍ତ ମନ,
ଶାଗୁଣା ବିଲୁଆ ଚିକିତ୍ସକ ହେଲେ
ଶବ କି ପାଇବ ପ୍ରାଣ।
ଏହି ପଦ୍ୟାଂଶର କବି କିଏ?

୭। ପ୍ରାଚୀନ ଚେଳିତାଳ ବନ୍ଦର ଓଡିଶାର କେଉଁସ୍ଥାନରେ ଥିଲା ବୋଲି ଅନୁମାନ କରାଯାଏ?

୮। ଓଡିଆ ଭାଷାରେ ପ୍ରକାଶିତ ଏକ ମାତ୍ର ଡିକ୍ସିନାରୀର (ଅଭିଧାନ) ନାମ କଣ?

୯। ଅଗଷ୍ଟ ବିପ୍ଲବ ସମୟରେ ଫାଶୀ ପାଇଥିବା ଓଡିଆଙ୍କର ନାମ କଣ?

୧୦। ଓଡିଶାର ପ୍ରଥମ ଜ୍ଞାନପୀଠ ପୁରସ୍କାର ବିଜେତା କିଏ?

# ମୋ ପିଲାଦିନର କାହାଣୀ

ପିଲା ଦିନେ ଘରେ ଭଜନ ଜଣାଣ ଇତ୍ୟାଦିର ବହୁଳତା ଥିଲା। ସକାଳ ବେଳେ ଘରୁ ବାହାରି ସ୍କୁଲ୍ ଯିବା ବେଳେ ରେଡିଓରେ ଆକାଶବାଣୀ କଟକ କେନ୍ଦ୍ର ଦ୍ୱାରା ପ୍ରଚାରିତ ଓଡିଆ ଚଳଚ୍ଚିତ୍ର ସଂଗୀତ ହେଉ ଅଥବା ଗାଁ ଦାଣ୍ଡରେ ହେଉଥିବା ଦାସ କାଠିଆ, ରାଧାପ୍ରେମ ଲୀଳା ନାଟକ, ରାମାୟଣ ନାଟକ, ଭାରତଲୀଳା, ଇତ୍ୟାଦି ଦ୍ୱାରା ଖୁବ୍ ପ୍ରଭାବିତ ହୋଇଥିଲି। ଭାବିଥିଲି ଆମ ସଂସ୍କୃତି କେତେ ବିଚିତ୍ର। ଯେତେ ଥର ଦେଖିଲେ ବି ଲାଗେ ଯେମିତି ପ୍ରଥମ ଥର ଦେଖିଲି। ପ୍ରତ୍ୟେକ ଥର ରାବଣ ସୀତାଙ୍କୁ ହରଣ କଲାବେଳେ ଗାଁ ଚାଳତଳେ ବସିଦ ଦେଖୁଥିବା ସ୍ତ୍ରୀମାନଙ୍କ କାନ୍ଦଣା ପୃଥିବୀରେ କେଉଁଠି ବି ଦେଖିବାକୁ ପାଇବେ ନାହିଁ।

ତଥାପି କାହିଁକି କେଜାଣି ଆଜି ଆମ ଭାଷା ଆମ ସଂସ୍କୃତି ଲୁଣ୍ଠିତ ଅପମାନିତ। ଆମରି ଭାଇ ମାନେ ନିଜକୁ ଓଡିଆ କହି ଗର୍ବ କରୁନାହାନ୍ତି। ଯେଉଁମାନେ ଦେଶାନ୍ତର ପାଇଛନ୍ତି ସେମାନେ ନିଜର ଅସ୍ତିତ୍ୱକୁ ଖୋଜିବାରେ ବ୍ୟସ୍ତ। ଆଉ ଯେଉଁମାନେ ଓଡିଶାରେ ଅଛନ୍ତି ସେମାନେ ନିଜ ଆଖିରେ ବିଦେଶୀ ଚଷମା ପିନ୍ଧି ସବୁ କିଛି ଆଧୁନିକତା ଆଗରେ ବଳି ଚଢାଇସାରିଲେଣି।

ଆଧୁନିକତା ଖରାପ ନୁହଁ, ନୋହିଲେ ଆଜି ଆମେ ପରସ୍ପରକୁ ଜାଣିନଥାନ୍ତେ, କି ଆପଣ ମୋ ବିଷୟରେ ଏହି ସବୁ କଥା ପଢୁନଥାନ୍ତେ। କିନ୍ତୁ ଆଧୁନିକତାକୁ ପାଇଗଲେ ବୋଲି ନିଜର ନିଜତ୍ୱକୁ ଭୁଲିଯିବା ସବୁଠୁ ବଳି ଖରାପ କଥା। ସହର ମଧ୍ୟରେ ଅନେକ ନାମୀଦାମୀ ହୋଟେଲ ରହିଥିଲେ ବି ଘର ଭିତରର ଶାଗପଖାଳର ଶାନ୍ତି କେଉଁଠି ବି ପାଇବେନି। ସେହିପରି ଅଧୋଗତି କରୁଥିବା ଏକ ନିରିହ ଭାଷାକୁ ଲୋକଙ୍କ ପାଖରେ ପହଞ୍ଚାଇବାର ପ୍ରୟାସ ହେଉଛି, "ଆହ୍ୱାନ"।

ଦିନେ ଏମିତି ବଜାରରେ ବୁଲି ପତ୍ରିକା କିଣିବା ସମୟରେ ଦେଖିଲି, ଓଡିଆ ଭାଷାରେ ବି କେତୋଟି ପତ୍ରିକା ଥିଲା, କିନ୍ତୁ ପୁରୁଣା, ବିକ୍ରେତାଙ୍କୁ ପ୍ରଶ୍ନ କରିବା ପରେ ଜାଣିବାକୁ ପାଇଲି ସେ ସବୁ ପୁରୁଣା ସଂଖ୍ୟା। କାରଣ ଓଡିଆ ପତ୍ରିକାର ବିକ୍ରି ନାମକୁ ମାତ୍ର। ଆଉ ଯେଉଁମାନେ ଓଡିଶା ବାହାରେ ରହୁଛନ୍ତି ସେମାନେ ଓଡିଆ ପତ୍ରିକାଟିଏ ପାଇବା ସ୍ୱପ୍ନ ମାତ୍ର। ସେଇଥିପାଇଁ ଆରମ୍ଭ କଲି, "ଆହ୍ୱାନ"। ଏହା ପ୍ରତ୍ୟେକ ଓଡିଆପାଇଁ ପ୍ରକୃତରେ ଏକ ଆହ୍ୱାନ। ଆସ ଆମେ ସମସ୍ତେ ମିଳିମିଶି ପୁଣି ଆମ ମାତୃଭାଷା ଓ ମାତୃଭୂମିର ହୃତଗଉରବ ଫେରାଇ ଆଣିବା।

## ଆମ ଠିକଣା:

ଡା ଜ୍ୟୋତି ପ୍ରସାଦ ପଟନାୟକ
ଆମ୍ବପୁଆ ମେଇନ୍ ରୋଡ୍
ବ୍ରହ୍ମପୁର□୭୬୦୦୧୦, ଓଡିଶା,
ଫୋନ: ୯୨୩୮୭୮୫୬୯୮
ଇ□ମେଲ୍: dr.odia@gmail.com

**ଆହ୍ୱାନ୍**

# ଭରସା

ତୁମପାଇଁ ସିନା
ଋତୁ ଯାଏ ଚାଲି
ମୁଁ କିନ୍ତୁ ରଖିଛି
ସାଇତିଛି ବୋଲି।।
ତୁମେ କହିପାର
ଫୁଲ ହେଲା ବାସି
ପ୍ରତୀକ୍ଷା କଲାଣି
ନିହାତି ଅଳସୀ;
ମୁଁ କିନ୍ତୁ ଜାଣିଛି
ବାସି ନୁହେଁ ସ୍ମୃତି
ପ୍ରତୀକ୍ଷାହିଁ ଆମ
ସଂପର୍କର ଦୋଳି।।୧।।
ସାଇତିଚି ବୋଲି
ସରିଲା ଫଗୁଣ
ଚଇତି ଗଲାଣି
ତୁମେ କହିଲଣି
ଗ୍ରୀଷ୍ମ ଜାଳିଲାଣି;
ମୁଁ କିନ୍ତୁ ଦେଖୁଚି
ଆମ୍ବ ଦୋହଲୁଚି
ଆଶା ହୋଇ ବର୍ଷା
ଆଗେଅଛି ଝୁଲି।।୨।।
ସାଇତିଚି ବୋଲି।

**ଇଂ ପ୍ରଦୀପ ଷଡଙ୍ଗୀ**
ସ୍ୱୀକୃତ ବେତାର ଗୀତିକାର
ଲୋଚାପଡା ମିନିବେଙ୍କ ରୋଡପୋ:
ନିମଖଣ୍ଡି□୭୬୧୦୦୧, ଗଞ୍ଜାମ, ଓଡିଶା।

# ବିଶେଷ ସୂଚନା

ଆମର ଏହି ପ୍ରୟାସକୁ ଆପଣ ମାନଙ୍କ ପାଖରେ ପହଞ୍ଚାଇବାପାଇଁ ଆମେ ଆହ୍ୱାନ କରୁଛୁ ଆପଣଙ୍କ ସହଯୋଗ। ଆମେ ନୂଆ ୱେବ୍ ସାଇଟ୍ ଖୁବ ଶୀଘ୍ର ଆଣିବୁ ସତ ହେଲେ ବର୍ତ୍ତମାନ ଆପଣ ମାନଙ୍କୁ ଅନୁରୋଧ କରୁଛି ଆପଣ ମାନେ ଆମର ନୂଆ ଗ୍ରୁପ୍‌ରେ ସାମିଲ୍ ହୁଅନ୍ତୁ। ନିଜ କଂପ୍ୟୁଟର୍‌ରେ ଇଣ୍ଟର୍‌ନେଟ୍ ସଂଯୋଗ କରିବା ପରେ ଆମ ଗ୍ରୁପ୍‌ର ୱେବ୍ ଆଡ୍ରେସ୍ ଦିଅନ୍ତୁ, ଏବଂ ଆଜି ହିଁ ଏଥିରେ ସଦସ୍ୟ ହୁଅନ୍ତୁ। ଏହାଦ୍ୱାରା ଆମେ ଜାଣି ପାରିବୁ, ଆହ୍ୱାନ କେତେଜଣଙ୍କ ପାଖରେ ପହଞ୍ଚୁଛି। ଆଉ ଆପଣ ମାନେ ମଧ୍ୟ ସମୟ ସମୟରେ ହେଉଥିବା ଘୋଷଣା ଓ ବିଜ୍ଞାପନ ସବୁ ସହଜରେ ପାଇପାରିବେ। ଏବଂ ଏହାଦ୍ୱାରା ଅଯଥା ଇ□ ମେଲ୍ ସବୁ ଆପଣଙ୍କ ମେଲବକ୍ସରେ ପହଞ୍ଚିବନାହିଁ। ଏହି ଗ୍ରୁପ୍ ସଂପ୍ରତି କେବଳ ସମସ୍ତ ସଦସ୍ୟଙ୍କୁ ବିଭିନ୍ନ ପ୍ରକାରର ବିଜ୍ଞାପନ ଯଥା ଆହ୍ୱାନର ଆଗାମୀ ସଂସ୍କରଣ ପାଇଁ ଲେଖା ଆହ୍ୱାନ କରିବା, ଏହି ଇ□ପତ୍ରିକାର ଉନ୍ନତି ପାଇଁ ଆପଣଙ୍କ ସୂଚିନ୍ତିତ ମତାମତ ନେବା ଇତ୍ୟାଦି ପାଇଁ ବ୍ୟବହାର କରାଯିବ। ଏଥିରେ କେହି ସଦସ୍ୟ କୋଣସି ପ୍ରକାରର ଅଯଥା ସମ୍ବାଦ କିମ୍ବା ବିଜ୍ଞାପନ ଦେଇପାରିବେ ନାହିଁ। ସେଇଥିପାଇଁ ଆପଣ ନିର୍ଭୟରେ ନିଜ ନିଜ ଇ□ ମେଲ ଆଇ ଡି ଦେଇ ସଦସ୍ୟ ହୋଇପାରନ୍ତି। ଯଦି ଭବିଷ୍ୟତରେ ସମ୍ଭବ ହୁଏ ତେବେ ପ୍ରତ୍ୟେକ ସଦସ୍ୟଙ୍କୁ ଗୁଗଲ୍ ମେଲ୍‌ର ଇ□ମେଲ୍ ସଦସ୍ୟତା ମାଗଣାରେ ଉପହାର ସ୍ୱରୂପ ଦିଆଯାଇପାରେ।

# ବିଶେଷ ସୂଚନା

ଆମ ଏହି ପତ୍ରିକାରେ ପ୍ରକାଶ ପାଉଥିବା ଅନେକ ଗଳ୍ପ ଓ କାହାଣୀ ଆପଣମାନଙ୍କୁ ନିଶ୍ଚୟ ଭାବରେ ଭଲ ଲାଗିଥିବ। ଯଦି ଆପଣଙ୍କୁ କୋଣସି କୃତି ଭଲ ଲାଗେ ତା'ହେଲେ ସଂପୃକ୍ତ କୃତିର କର୍ତ୍ତାଙ୍କୁ ନିଜ ତରଫରୁ ଧନ୍ୟବାଦ ବାର୍ତ୍ତା ଏବଂ ଅଭିନନ୍ଦନ ପଠାନ୍ତୁ। ଯଦି ଆପଣ ଚାହୁଁଛନ୍ତି, ତେବେ ଆମେ ଆପଣଙ୍କ ପତ୍ର ସେହି ଲେଖକ କିମ୍ବା ଲେଖିକାଙ୍କ ପାଖକୁ ପଠାଇଦେବୁ। ଆପଣ ନିଜର ସୁଚିନ୍ତିତ ମତାମତ ଆମକୁ ଇ□ମେଲ ମାଧ୍ୟମରେ କିମ୍ବା ପତ୍ରଦ୍ୱାରା ପ୍ରେରଣ କରିପାରିବେ।

Our Group Address:
http://groups.google.com/group/aahwaan
Our Website:
http://www.freewebs.com/aahwaan
Earn while you learn:
http://www.freewebs.com/ebizel
Free computer education:
http://www.freewebs.com/bamcom